

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୩୧ ମାର୍ଚ୍ଚ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 31 MARCH 2024

Vol.No. 35 ■ No.88 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଏକଜିଟ୍ ପୋଲ୍ ଉପରେ କଟକଣା

## ■ ଏପ୍ରିଲ ୧୯ରୁ ଜୁନ୍ ୧ ଯାଏଁ ଜନମତ ସର୍ଭେ ବନ୍ଦ




ନୂଆଦିଲ୍ଲୀ, ୩୦/୩ : ପାଖେଇ ଆସିଲାଣି ଲୋକସଭା ନିର୍ବାଚନ। ଦେଶରେ ୭ଟି ପର୍ଯ୍ୟାୟରେ ହେବ ଭୋଟିଂ। ଏଥିପାଇଁ ଜୋରସୋରରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ସମସ୍ତ ରାଜନୈତିକ ଦଳ ପ୍ରଚାର ପ୍ରସାରରେ ଲାଗିପଡିଛି। ଏହାରି ଭିତରେ ଏଗ୍‌ଜିଟ୍ ପୋଲ ଉପରେ ଲାଗିଛି ରୋକ୍। ଏଣିକି ଆଉ ଏଗ୍‌ଜିଟ୍ ପୋଲ୍ ଦେଖାଇ ପାରିବେନି କୌଣସି ବି ଖବର ସରବରାହ ସଂସ୍ଥା। ଏହାର ପ୍ରକାଶନ ଓ ପ୍ରଚାର ଉପରେ ପ୍ରତିବନ୍ଧକ ଲଗାଯାଇଛି। ଏନେଇ ନିର୍ବାଚନ କମିଶନ ପକ୍ଷରୁ ଜାରି ହୋଇଛି ବିଜ୍ଞପ୍ତି। ନୂତନ ବିଜ୍ଞପ୍ତି ଅନୁଯାୟୀ, ଏପ୍ରିଲ ୧୯ ତାରିଖ ସକାଳ ୭ଟାରୁ ଜୁନ୍ ୧ ତାରିଖ ସନ୍ଧ୍ୟା ସାଢ଼େ ୭ଟା ପର୍ଯ୍ୟନ୍ତ ଯେକୌଣସି ପ୍ରକାରର ଏଗ୍?ଜିଟ୍ ପୋଲ୍ ଉପରେ ବାରଣ କରାଯାଇଛି। ଏହି ଅବଧି ମଧ୍ୟରେ, କୌଣସି ଏଗ୍‌ଜିଟ୍ ପୋଲ୍ ଆୟୋଜିତ କରାଯାଇପାରିବ ନାହିଁ। ଏଥିସହ ଏହା ପ୍ରକାଶିତ କିମ୍ବା ଏହାକୁ ସାର୍ବଜନୀନ କରାଯାଇ ପାରିବ ନାହିଁ। ୪ଟି ରାଜ୍ୟର ବିଧାନସଭା ନିର୍ବାଚନ ପାଇଁ ବିଭିନ୍ନ ପର୍ଯ୍ୟାୟରେ ଭୋଟ୍ ଗ୍ରହଣ କରାଯିବ। ଜାରି କରାଯାଇଥିବା ବିଜ୍ଞପ୍ତିରେ ଏହା ମଧ୍ୟ ସ୍ପଷ୍ଟ କରାଯାଇଛି ଯେ ନିୟମ ଅନୁଯାୟୀ, ୪୮ ଘଣ୍ଟା ମଧ୍ୟରେ ଯେକୌଣସି ବି ବୈଦ୍ୟୁତିକ ଗଣମାଧ୍ୟମରେ କୌଣସି ଜନମତ ସର୍ଭେ କିମ୍ବା ଅନ୍ୟ କୌଣସି ନିର୍ବାଚନୀ ସର୍ଭେ ଫଳାଫଳ, ମତଦାନ ସମ୍ବନ୍ଧୀୟ ଖବର ସମେତ ଅନ୍ୟ କୌଣସି ନିର୍ବାଚନ ସାମଗ୍ରୀର ପ୍ରଦର୍ଶନ କରାଯାଇପାରିବ ନାହିଁ। କହିରଖୁ ଯେ ଲୋକସଭା ନିର୍ବାଚନକୁ ଦୃଷ୍ଟିରେ ରଖି ନିର୍ବାଚନ ଆୟୋଗ ଏଭଳି ବିଜ୍ଞପ୍ତି ଜାରି କରିଛନ୍ତି। ଏହାପୂର୍ବରୁ ମଧ୍ୟ ସାରା ଦେଶରେ ଆଚରଣ ବିଧି କାର୍ଯ୍ୟକାରୀ ହୋଇସାରିଛି। ଲୋକସଭା ନିର୍ବାଚନ ସମେତ ବିଭିନ୍ନ ରାଜ୍ୟର ବିଧାନସଭା ନିର୍ବାଚନ ତାରିଖ ମଧ୍ୟ ନିର୍ବାଚନ ଆୟୋଗ ଘୋଷଣା କରି ସାରିଛନ୍ତି। ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଓଡ଼ିଶା ଓ ସିକ୍କିମରେ ବିଧାନସଭା ନିର୍ବାଚନ ହେବ। ସେହି ସମୟ ମଧ୍ୟରେ ୧୨ଟି ରାଜ୍ୟର ୨୫ଟି ବିଧାନସଭା ଆସନରେ ଉପ-ନିର୍ବାଚନ ମଧ୍ୟ ଅନୁଷ୍ଠିତ ହେବ।

# ମରଣୋତ୍ତର ଭାବେ ୪ ଜଣଙ୍କୁ ଭାରତରତ୍ନ ପ୍ରଦାନ



ନୂଆଦିଲ୍ଲୀ, ୩୦/୩ : ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତ ରତ୍ନ ପ୍ରଦାନ କରାଯାଇଛି। ଚଳିତ ବର୍ଷ ପାଇଁ ମନୋନୀତ ବିଶିଷ୍ଟ ବ୍ୟକ୍ତିଙ୍କୁ ଭାରତ ରତ୍ନ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଆଜି ରାଷ୍ଟ୍ରପତି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭାରତ ରତ୍ନ ସମ୍ମାନ ପ୍ରଦାନ କରିଛନ୍ତି। ଚଳିତ ବର୍ଷ ଭାରତ ରତ୍ନ ସମ୍ମାନ ପାଇଁ ପାଞ୍ଚ ଜଣଙ୍କ ନାମ ଘୋଷଣା ହୋଇଥିବା ବେଳେ ଆଜି ୪ ଜଣଙ୍କୁ ମରଣୋତ୍ତର ଭାବେ ଭାରତ ରତ୍ନ ପ୍ରଦାନ କରାଯାଇଛି। ପୂର୍ବତନ ଉପପ୍ରଧାନମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଲାଲକୃଷ୍ଣ ଆଡଭାନୀଙ୍କୁ ପରବର୍ତ୍ତୀ ସମୟରେ ଭାରତ ରତ୍ନ ପ୍ରଦାନ କରାଯିବ। ମରଣୋତ୍ତର ଭାବେ ସମ୍ମାନ ପାଇଥିବା ଚାରି ବିଶିଷ୍ଟ ବ୍ୟକ୍ତି ହେଉଛନ୍ତି, ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣସିଂହ ଓ ପିଭି ନରସିଂହା ରାଓ, କୃଷି ବୈଜ୍ଞାନିକ ତଥା ଶବୁଜ ବିପ୍ଳବ ଜନକ ଏମ୍ ଏସ୍ ସ୍ୱାମୀନାଥନ ଏବଂ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସ୍ୱାଧୀନତା ସଂଗ୍ରାମୀ କର୍ପୁରୀ ଠାକୁର।

# ଅସମ୍ଭାଳ ତାତି: ଏପ୍ରିଲ ୨ରୁ ସକାଳୁଆ ସ୍କୁଲ

ଭୁବନେଶ୍ୱର, ୩୦/୩ (ନି.ପ୍ର): ଏପ୍ରିଲ ୨ରୁ ସକାଳୁଆ ସ୍କୁଲ। ବଢୁଥିବା ଖରାକୁ ଦୃଷ୍ଟିରେ ରଖି ସକାଳୁଆ ସ୍କୁଲ କରିବାକୁ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସକାଳୁଆ ସ୍କୁଲ ହେବ। ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ୩୦ ଯାଏଁ ଚାଲିବ ସ୍କୁଲ। ଗତ କିଛି ଦିନ ହେଲା ରାଜ୍ୟରେ ତାତି ବଢ଼ି ଚାଲିଛି। ଶୁକ୍ରବାର ରାଜ୍ୟରେ ସର୍ବାଧିକ ତାତି ୪୦ ଡିଗ୍ରୀ ଥିବା ବେଳେ ଆଜି ୪୧



ଡିଗ୍ରୀ ପାର କରିଛି। ମାଲକାନଗିରି ପାଲଟିଛି ଉତ୍ତପ୍ତ ସହର। ଏଠାରେ ତାପମାତ୍ରା ୪୧ ଡ଼ିଗ୍ରୀ ରେକର୍ଡ କରାଯାଇଛି। ୫ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଛି। ଯେଉଁଥିପାଇଁ ଜୀବନ ଯାତ୍ରା ପ୍ରଭାବିତ ହୋଇଛି। ଦିନ ୧୦ଟା ବେଳକୁ ରାସ୍ତାଘାଟ ଶୂନ୍‌ଶାନ୍ ହୋଇଯାଉଛି। ଲୋକେ ଘରୁ ବାହାରିବା ପାଇଁ ନିରାପଦ ମଣୁ ନାହାନ୍ତି। ଲଗାତାର ଭାବେ ତାତି ଉପର ମୁହାଁ ହୋଇଥିବାରୁ ଛୋଟ ଛୋଟ ପିଲାମାନେ କେମିତି ସ୍କୁଲ ଯିବେ ତାତିରେ ସ୍କୁଲରେ କେମିତି ପିଲାମାନେ ପଢ଼ିବେ ? ସେହି ଚିନ୍ତା ଅଭିଭାବକଙ୍କୁ ଘାରିଥିଲା। ତାତିକୁ ଦେଖି ସୁରକ୍ଷା ଦୃଷ୍ଟିରୁ ରାଜ୍ୟ ସରକାର ସକାଳୁଆ ସ୍କୁଲ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

# ୪୦ ଡିଗ୍ରୀ ଅତିକ୍ରମ କଲା ୫ ସହର ତାତି



ଭୁବନେଶ୍ୱର, ୩୦/୩ (ନି.ପ୍ର): ମାଲକାନଗିରି ପାଲଟିଛି ଉତ୍ତପ୍ତ ସହର। ଏଠାରେ ତାପମାତ୍ରା ୪୧ ଡ଼ିଗ୍ରୀ ରେକର୍ଡ କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ତାତିରୁ ବର୍ତ୍ତି ପାରିନି ରାଜଧାନୀ ଭୁବନେଶ୍ୱର। ତାତିରେ ସିଝିଲା ପୂରା ରାଜ୍ୟ ! ୫ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଛି। ମାଲକାନଗିରି ପାଲଟିଛି ଉତ୍ତପ୍ତ ସହର। ଏଠାରେ ତାପମାତ୍ରା ୪୧ ଡ଼ିଗ୍ରୀ ରେକର୍ଡ କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ତାତିରୁ ବର୍ତ୍ତି ପାରିନି ରାଜଧାନୀ ଭୁବନେଶ୍ୱର। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି କରାଯାଇଥିବା ବୁଲେଟିନ୍ ଅନୁସାରେ ବୌଦ୍ଧ ଓ ଟିଟିଲାଗଡରେ ତାପମାତ୍ରା ୪୦.୫ ଡ଼ିଗ୍ରୀ ଛୁଇଁଛି। ସେହିପରି ବଲାଙ୍ଗିରରେ ୪୦.୨ ଡ଼ିଗ୍ରୀ ଓ ନୟାଗଡରେ ୪୦ ଡ଼ିଗ୍ରୀ ରେକର୍ଡ କରାଯାଇଛି। ତାତିରୁ ବର୍ତ୍ତି ପାରିନି ରାଜଧାନୀ ଭୁବନେଶ୍ୱର ଓ କଟକ। ଭୁବନେଶ୍ୱରରେ ୩୭ ଡ଼ିଗ୍ରୀ ଓ କଟକରେ ୩୭.୬ ତାପମାତ୍ରା ଡ଼ିଗ୍ରୀ ରେକର୍ଡ କରାଯାଇଛି। ଯାହା ଫଳରେ ଜୀବନ ଯାତ୍ରା ପ୍ରଭାବିତ ହୋଇଛି।

## ଅଂଶୁଘାତରେ ଯୁବକଙ୍କ ମୃତ୍ୟୁ !

ବଲାଙ୍ଗିର, ୩୦/୩ (ନି.ପ୍ର): ଅଂଶୁଘାତରେ ଯୁବକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏପରି ଅଭିଯୋଗ ଆସିଛି ପଶ୍ଚିମ ଓଡ଼ିଶାର ବଲାଙ୍ଗିର ଟାଉନ୍‌ରୁ। ମୃତକ ହେଉଛି ଖୁଜେନପାଲିଗାଁର ୩୦ ବର୍ଷୀୟ ଯୁବକ ତ୍ରିନାଥ ବକୁଲ। ତ୍ରିନାଥ ବକୁଲ ବଲାଙ୍ଗିର ଟାଉନ୍‌କୁ ଆସିଥିଲେ। ମାର୍କେଟିଂ ସାରି ମଧ୍ୟାହ୍ନରେ ଘରକୁ ଫେରୁଥିବା ବେଳେ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଭୀମଭୋଇ ମେଡ଼ିକାଲ୍ ଆଣ୍ଡ ହସ୍ପିଟାଲ୍‌କୁ ନେଇଯାଇଥିଲେ।

▶▶ପୃଷ୍ଠା ୭

# ରାଜ୍ୟର ୩ ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କଲା ବିଜେପି: କଟକରୁ ଲଢ଼ିବେ ଭର୍ତ୍ତୃହରି ମହତାବ

ଭୁବନେଶ୍ୱର, ୩୦/୩ (ନି.ପ୍ର): ବିଜେପି ଆଜି ରାଜ୍ୟରେ ବାକିଥିବା ଆଉ ୩ଟି ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି । ବରିଷ୍ଠ ସାଂସଦ ଭର୍ତ୍ତୃହରି ମହତାବଙ୍କୁ ଦଳ କଟକ ଲୋକସଭା ଆସନରୁ ପ୍ରାର୍ଥୀ କରିଛି । ଶ୍ରୀ ମହତାବ ଗୁରୁବାର ବିଜେଡି ଛାଡ଼ି ବିଜେପିରେ ସାମିଲ ହୋଇଥିଲେ । ବିଜେପି ପକ୍ଷରୁ ଜାରି ଅଷ୍ଟମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ଓଡ଼ିଶାର ବାକି ଥିବା ୩ଟି ଲୋକସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ଘୋଷଣା ହୋଇଛି । କନ୍ଧମାଳ ଲୋକସଭା ଆସନ ପାଇଁ ସୁକାନ୍ତ କୁମାର ପାଣିଗ୍ରାହୀ ଓ ଯାଜପୁର ସଂରକ୍ଷିତ ଆସନରୁ ଡାକ୍ତର ରବୀନ୍ଦ୍ର ନାରାୟଣ ବେହେରା ବିଜେପିର ଲୋକସଭା ପ୍ରାର୍ଥୀ ହେବେ ।




ବିଜେପିର କେନ୍ଦ୍ରୀୟ ନିର୍ବାଚନ କମିଟିର ଅନୁମୋଦନ ପରେ ଏହି ପ୍ରାର୍ଥୀ ଘୋଷଣା ହୋଇଛି । ପୂର୍ବରୁ ବିଜେପି ରାଜ୍ୟର ମୋଟ ୨୧ଟି ଲୋକସଭା ଆସନରୁ ୧୮ଟି ଲୋକସଭା ଆସନ ପାଇଁ ନିଜର ପ୍ରାର୍ଥୀ ଘୋଷଣା କରିଥିଲା । କଟକ ଆସନରୁ ୬ଥର ବିଜେଡି ଟିକେଟରେ ବିଜୟୀ ହୋଇଥିବା ଭର୍ତ୍ତୃହରି ଚଳିତ ନିର୍ବାଚନରେ ପ୍ରଥମଥର ପାଇଁ ବିଜେପିରୁ ପ୍ରାର୍ଥୀ ହୋଇଛନ୍ତି । ବିଜେଡି ସେଠାରେ ସନ୍ତୃପ୍ତ ମିଶ୍ରଙ୍କୁ ପ୍ରାର୍ଥୀ କରିଛି । ସେହିପରି କନ୍ଧମାଳରେ ଅଚ୍ୟୁତ ସାମନ୍ତ ଓ ଯାଜପୁରରେ ଶର୍ମିଷ୍ଠା ସେଠୀଙ୍କୁ ବିଜେଡି ପ୍ରାର୍ଥୀ କରିଛି ।

## ଶ୍ରୀମନ୍ଦିରରେ ପଶୁଥିଲେ: ଅଟକାଇବାରୁ ଆକ୍ରମଣ କଲେ ବିଦେଶୀ ପର୍ଯ୍ୟଟକ

ପୁରୀ, ୩୦/୩ (ନି.ପ୍ର): ନିଶାସକ୍ତ ବିଦେଶୀ ପର୍ଯ୍ୟଟକ ଶ୍ରୀମନ୍ଦିରରେ ପଶିବାକୁ ଉଦ୍ୟମ କରୁଥିଲେ। ବିରୋଧ କରିବାରୁ ପୁଲିସ୍ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ଦୁଇ ଜଣ ପୁଲିସ୍ କର୍ମଚାରୀ ଓ ଜଣେ ସେବାୟତ ଆହତ ହୋଇଛନ୍ତି। ପୁଲିସ୍ ତାଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲେ। ହେଲେ ନିଶାସକ୍ତ ବିଦେଶୀ ପର୍ଯ୍ୟଟକ ଜଣକ ଥାନାରେ ଉତ୍ପାତ କରିଥିବା ଅଭିଯୋଗ ହୋଇଛି। ଆଜି ସକାଳେ ସ୍ୱର୍ଗଦ୍ୱାର ବେଳାଭୂମିରେ ନିଶା ଖାଇ ଉତ୍ପାତ କରୁଥିଲେ ବିଦେଶୀ ପର୍ଯ୍ୟଟକ ଥୋମାସ୍ କ୍ରେଜ୍ ସେଲଡନ୍। ସ୍ଥାନୀୟ ଲୋକେ ଏନେଇ ସମୁଦ୍ର କୂଳ ଥାନାକୁ ଖବର ଦେଇଥିଲେ।

▶▶ପୃଷ୍ଠା ୭

# କଂଗ୍ରେସରୁ ଇସ୍ତଫା ଦେଲେ ଚିରଞ୍ଜୀବ

ଜଗତସିଂହପୁର, ୩୦/୩ (ନି.ପ୍ର): , ୩୦/୩ (ନି.ପ୍ର): କଂଗ୍ରେସରୁ ଇସ୍ତଫା ଦେଲେ ଚିରଞ୍ଜୀବ ବିଶ୍ୱାଳ। ଆଜି ସେ ତାଙ୍କ ଇସ୍ତଫାପତ୍ର ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କ ନିକଟକୁ ପଠାଇ ଦେଇଛନ୍ତି। ସେ ଦଳର ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇଥିବା ସେଥିରେ ଉଲ୍ଲେଖ କରିଛନ୍ତି। ୨୦୧୪ରେ ଜଗତସିଂହପୁରରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ ଚିରଞ୍ଜୀବ। ୨୦୧୯ରେ ସେ ଏହି ଆସନରୁ କଂଗ୍ରେସ ଟିକେଟରେ ଲଢ଼ିଥିଲେ। କିନ୍ତୁ ହାରି ଯାଇଥିଲେ। ୨୦୦୯ରେ ମଧ୍ୟ ସେ ଏହି ଆସନରୁ କଂଗ୍ରେସ ଟିକେଟରେ ଲଢ଼ି ପରାସ୍ତ ହୋଇଥିଲେ। ଚିରଞ୍ଜୀବଙ୍କ



ଇସ୍ତଫା ନିହାତି ଭାବେ କଂଗ୍ରେସ ପାଇଁ ଏକ ବଡ଼ ଧକ୍କା। କାରଣ ସେ ଜଗତସିଂହପୁରର ଜଣେ ଟାଣୁଆ କଂଗ୍ରେସ ନେତା ଥିଲେ। ସେ ପିସିସି କାର୍ଯ୍ୟକାରୀ ସଭାପତି ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରିଥିଲେ। ଚିରଞ୍ଜୀବ ହେଉଛନ୍ତି ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବସନ୍ତ ବିଶ୍ୱାଳଙ୍କ ପୁଅ। ଚିରଞ୍ଜୀବଙ୍କ ଭାଇ ରଂଜୀବ ବିଶ୍ୱାଳ ମଧ୍ୟ କଂଗ୍ରେସ ତରଫରୁ ରାଜ୍ୟସଭା ସାଂସଦ ଥିଲେ।

## ନକ୍ସଲଙ୍କ ପ୍ରେସର୍ ବୋମା ବିସ୍ଫୋରଣରେ ଯୁବକ ଗୁରୁତର

ମାଲକାନଗିରି, ୩୦/୩ (ନି.ପ୍ର): ନକ୍ସଲଙ୍କ ପ୍ରେସର୍ ବୋମା ବିସ୍ଫୋରଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ତାଙ୍କର ଦୁଇ ଗୋଡ଼ରେ ଆଘାତ ଲାଗିଛି। ଏପରି ଘଟଣା ଘଟିଛି ମାଲକାନଗିରି ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ। ଆହତ ଯୁବକ ଜଣଙ୍କ ହେଲେ କାଟିଲବାର ଗାଁର ଗୁଡ୍ଡୁ ଲେକାମ। ଗତ ୧୧ ତାରିଖରେ ଗୁଡ୍ଡୁ ଲେକାମ ଜଙ୍ଗଲ ରାସ୍ତା ଦେଇ ନିଜ ଘରକୁ ଯାଉଥିଲେ। ସେହି ରାସ୍ତାରେ

▶▶ପୃଷ୍ଠା ୭

# କେଜ୍ରିୱାଲଙ୍କ ଗିରଫଦାରୀକୁ ବିରୋଧରେ ଆଜି ଏକାଠି ହେବେ ବିରୋଧୀ: ଦିଲ୍ଲୀ ରାମଲୀଲା ମୈଦାନରେ କରାଯିବ ମେଷ୍ଟର ମହାରାଲି

ନୂଆଦିଲ୍ଲୀ, ୩୦/୩ : ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଗିରଫଦାରୀ ବିରୋଧରେ ରବିବାର ମହାରାଲି କରିବ ବିରୋଧୀ ମେଂଟ ଇଣ୍ଡିଆ । ଏନେଇ ରାମଲୀଲା ମଇଦାନରେ ସରିଛି ସବୁପ୍ରସ୍ତୁତି । ଦିଲ୍ଲୀ ମନ୍ତ୍ରୀ ଗୋପାଳ ରାୟ ଆୟୋଜନ ସ୍ଥଳରେ ପହଁଚି ପ୍ରସ୍ତୁତି ସମୀକ୍ଷା କରିଛନ୍ତି । ସେପଟେ କଂଗ୍ରେସ ସାମ୍ବାଦିକ ସମ୍ମିଳନୀ କରି ରବିବାର ରାଲି ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ଦେଇଛି । ବିରୋଧୀ ମେଂଟର ମହାରାଲି ନାଁ ରହିଛି ଏକଛତ୍ରବାଦ ଶାସନ ହଟାଅ, ଲୋକତନ୍ତ୍ର ବଂଚାଅ । ଏହି



ସ୍ଲୋଗାନ ସହ କାଲି ଦିଲ୍ଲୀରେ ଗର୍ଜିବ ବିରୋଧୀ ମେଂଟ ଇଣ୍ଡିଆ । ସେପଟେ ବିରୋଧୀ ମେଂଟର ମହାରାଲି କାର୍ଯ୍ୟକ୍ରମ ଉପରେ ପ୍ରତିକ୍ରିୟା ରଖିଛି ବିଜେପି । ଦୁର୍ନୀତିଗ୍ରସ୍ତ ଦଳ ଏକାଠି ହାତ ମିଶାଇ ଦୁର୍ନୀତି ସମର୍ଥନରେ ରାଲି କରୁଛନ୍ତି । କେଜ୍ରିୱାଲ ଦୁର୍ନୀତି କରିଥିବାର ପ୍ରମାଣ ରହିଛି ତେବେ ତାଙ୍କ ସମର୍ଥନରେ ଏହି ରାଲିର ଅର୍ଥ ଭୁଲକୁ ସମର୍ଥନ କରିବା ସହ ସମାନ ବୋଲି ବିଜେପି କହିଛି । ମାର୍ଚ୍ଚ ୩୧ ରାଲିରେ ୨୬ରୁ ୨୭ ଦଳ ସାମିଲ ହେବେ । ଏଥିସହ ଦିଲ୍ଲୀବାସୀଙ୍କୁ ମହାରାଲିରେ ସାମିଲ ହେବାକୁ ବିରୋଧୀମେଂଟ ଅପିଲ କରିଛି । ମଦ ଦୁର୍ନୀତି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ୨୧ ମାର୍ଚ୍ଚରେ ଗିରଫ କରିଥିଲା

# ବିଜେଡି ଛାଡ଼ିଦେଲେ ୪ ହିରୋ



ଭୁବନେଶ୍ୱର, ୩୦/୩ (ନି.ପ୍ର): ନିର୍ବାଚନ ବେଳେ ଓଡ଼ିଆ ସିନେମାର ୪ ହିରୋ ବିଜେଡି ଛାଡ଼ି ଦେଇଛନ୍ତି। ଅଭିନେତାରୁ ରାଜନେତା ପାଲଟିଥିବା ଏହି ୪ ହିରୋଙ୍କ ମଧ୍ୟରୁ ଦୁଇ ଜଣ ବିଜେପିରେ ଯୋଗ ଦେଇଥିବା ବେଳେ ଆଉ ଦୁଇ ଜଣ ଆଜି ଦଳରୁ ଇସ୍ତଫା ଦେଇଛନ୍ତି। ବିଜେଡି ଛାଡ଼ିଥିବା ଏହି ୪ ହିରୋ ହେଉଛନ୍ତି- ସିଦ୍ଧାନ୍ତ ମହାପାତ୍ର, ଅନୁଭବ ମହାନ୍ତି, ଆକାଶ ଦାସ ନାୟକ ଓ ଅରିନ୍ଦମ ରାୟ। ପ୍ରଥମେ ଦଳ ଛାଡ଼ିଥିଲେ ଅରିନ୍ଦମ ରାୟ। ସେ ମାର୍ଚ୍ଚ ୧୫ ତାରିଖରେ ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଥିଲେ। ସେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ପାଖକୁ ପଠାଇଥିବା ତାଙ୍କ ଇସ୍ତଫାପତ୍ରରେ ତାଙ୍କ ଅସନ୍ତୋଷ ଜାହିର କରିଥିଲେ। ସେ ଲେଖିଥିଲେ- ମୁଁ ଆପଣଙ୍କ ଦଳରେ ୨୦୦୯ରୁ କାର୍ଯ୍ୟ କରିଆସୁଛି। ୨୦୧୪ରୁ ମୁଁ ଆପଣଙ୍କ ଦଳର ଷ୍ଟାର କ୍ୟାମ୍ପେନର ରହି ଆସିଛି। ବିଭିନ୍ନ ନିର୍ବାଚନରେ ପର୍ଯ୍ୟବେକ୍ଷକ ଭାବେ କଟକ, ତିର୍ତ୍ତୋଲ ଓ କୋରାପୁଟରେ ତୃଣମୂଳ ସ୍ତରରେ କାର୍ଯ୍ୟ କରିଛି। କିନ୍ତୁ ଦୁଃଖର ସହିତ କହିବାକୁ ପଡୁଛି ଯେ ମୋ କାର୍ଯ୍ୟକୁ ଆପଣ କିମ୍ବା ଆପଣଙ୍କ ଦ୍ୱାରା ନିଯୁକ୍ତ ସଦସ୍ୟମାନେ ଏଯାବତ ସ୍ୱୀକୃତି ଦେଇ ନାହାନ୍ତି।

▶▶ପୃଷ୍ଠା ୭

# ଜିଲ୍ଲା ପ୍ରଶାସନ ପକ୍ଷରୁ ଶହୀଦ ଲକ୍ଷ୍ମଣ ନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ

ମାଲକାନଗିରି, ୩୦/୩ (ନି.ପ୍ର): ଜିଲ୍ଲା ପ୍ରଶାସନ ଦ୍ୱାରା ମାଲକାନଗିରି ସଦର ମହକୁମାରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତିରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ବେଦବର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁଷ୍ପ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ। ଭାରତର ସ୍ୱାଧୀନତା ସଂଗ୍ରାମରେ ଆତ୍ମୋତ୍ସର୍ଗ ଦେଇ ଯେଉଁ ବୀରପୁରୁଷମାନେ ସ୍ୱାଧୀନତାର ଇତିହାସ ପୃଷ୍ଠାକୁ ଗୌରବାନ୍ୱିତ କରି ଯାଇଛନ୍ତି, ସେମାନଙ୍କ ମଧ୍ୟରୁ ଶହୀଦ ଲକ୍ଷ୍ମଣ ନାୟକ ସ୍ମରଣୀୟ ବ୍ୟକ୍ତିତ୍ୱ ଥିଲେ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଲକ୍ଷ୍ମଣ ନାୟକ ଥିଲେ ଏକ ଅଶାନ୍ତ ଝଡ ଓ ବରେଣ୍ୟ ବିପ୍ଳବୀ। ଯିଏକି ମାତୃଭୂମିକୁ ସ୍ୱର୍ଗାଦପୀ ଗରୀୟସୀ ବୋଲି ଉପଲବ୍ଧି କରି ଅବଶେଷରେ ଦେଶ ମାତୃକାର ମୁକ୍ତି ପାଇଁ ଆତ୍ମାହୁତି ଦେଇ ଏବେ ମଧ୍ୟ ଭାରତୀୟଙ୍କ ସିଂହାସନରେ ଅଧିଷ୍ଠିତ ହୋଇପାରିଛନ୍ତି। ସେ ଯେଉଁଭଳି ଭାବେ ନିଜ କର୍ତବ୍ୟ ପାଳନକୁ ଅଗ୍ରାଧିକାର ଦେଇଥିଲେ। ସେହିପରି ଭାବେ କର୍ତବ୍ୟ ପାଳନ କରିବାରେ କେବେ ମଧ୍ୟ ପଛଘୁଂଚା ନଦେବା ପାଇଁ ଛାତ୍ରୀମାନଙ୍କୁ ଅନୁପ୍ରାଣିତ କରାଯାଇଛି। ଉପ ଜିଲ୍ଲାପାଳ ଦୁର୍ଯ୍ୟଧନ ଭୋଇ, ଜିଲ୍ଲା ଯୁବ ଅଧିକାରୀ, ହରିଶ ରୁପଲ୍, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ସସ୍ମିତା ସ୍ୱାଇଁ, କଲେଜ ଅଧକ୍ଷ, ଦୁଷ୍ମନ୍ତ ଜେନା ଓ ଅଧ୍ୟାପକ, ରଞ୍ଜନ ସ୍ୱାଇଁ ଉପସ୍ଥିତ ରହି ଶହୀଦଙ୍କ ସ୍ମୃତିଚାରଣ ସହ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଆୟୋଜନ କରିବାରେ ହରେକୃଷ୍ଣ କିର୍ତନିଆ, ରଞ୍ଜନ ମହାନ୍ତିଙ୍କ ସମେତ ସୂଚନା ଓ ଲୋକସମ୍ପର୍କ ବିଭାଗର କର୍ମଚାରୀ ଓ କଲେଜର କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

# ଜମିଜମାକୁ କେନ୍ଦ୍ର କରି ଖଣ୍ଡାରେ ହାଣିଲା ଦୁର୍ବୃତ୍ତ

ଘଟଗାଁ , ୩୦/୩ (ନି.ପ୍ର): ଜମିଜମା ବିବାଦକୁ କେନ୍ଦ୍ର କରି ଜଣେ ଦୁର୍ବୃତ ଖଣ୍ଡାରେ ହାଣି ଥିବା ବେଳେ ଆହତ ମାନେ ଗୁରୁତର ଅବସ୍ଥାରେ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି । ସୁଚନାରୁ ଜଣାଯାଏ ଘସିପୁର ଥାନା ଅନ୍ତର୍ଗତ ଖାଲପାଳ ଗାଁର ଲକ୍ଷ୍ମଣ ଚରଣ ଯେନାଙ୍କ ପୁଅ ମୋହନ ଚରଣ ଯେନା ଶୁକ୍ରବାର ଦିନ ବାଲି ପାଳ ହାଟକୁ ସୌଦା ପତ୍ର ନେବା ପାଇଁ ଆସିଥିଲେ। ନିଜ ସାଜି ଜମିରେ ମାଟି ପକାଇବାକୁ ନେଇ ନାରାୟଣ ଯେନାଙ୍କ ପୁଅ ଜନ୍ମେଜୟ, ଶ୍ରୀଧର ଯେନାଙ୍କ ପୁଅ ଆନନ୍ଦ ଯେନା, ଓ ପତ୍ନୀ ରୁନୁ ଯେନା, ଶ୍ରୀଧର ଯେନାଙ୍କ ପୁଅ ବିନୋଦ ବିହାରୀ ଯେନା ଆଲୋଚନା କରୁଥିବା ସମୟରେ ହଠାତ୍ ଜନ୍ମେଜୟ ଯେନା, ଅଶ୍ଳିଳ ଭାଷାରେ ଗାଳି ଗୁଲଜ କରିବା ସହିତ ଏକ ଖଣ୍ଡାରେ ମୋହନ ଚରଣ ଯେନା କୁ ମୁଣ୍ଡକୁ ହାଣିଦେଇଥିଲା । ବାପା ଲକ୍ଷ୍ମଣ ଚରଣ ଯେନାଙ୍କ ଗୋଡକୁ ଓ ଦାଦା ରାମଚନ୍ଦ୍ର ଯେନାଙ୍କ ହାତକୁ ହାଣିଦେଇଛନ୍ତି । ଏହି ସମୟରେ ପରିବାର ଲୋକ ପହଁଚି ଯିବାରୁ ଦୁର୍ବତ ମାନେ ଛାଡ଼ି ପଳାଇ ଯାଇଥିଲେ। ଏଥିସହିତ ଦୁର୍ବୃତ ମାନେ ସପରିବାର କୁ ଜୀବନରେ ମାରି ଦେବା ପାଇଁ ଧମକ ଦେଇଛନ୍ତି । ମୁଣ୍ଡ ଫାଟି ଗୁରୁତର ହୋଇଯିବା ମୋହନ ଚରଣ ଯେନା ଓ ଲକ୍ଷ୍ମଣ ଚରଣ ଯେନା ଓ ଦାଦା ରାମଚନ୍ଦ୍ର ଯେନାଙ୍କୁ ଉଦ୍ଧାର କରି ପ୍ରଥମେ କେଶଦୁରା ପାଳ ଡାକ୍ତର ଖାନାରେ ଭର୍ତ୍ତି କର ।ଯାଇଛି । ଏ ନେଇ ଘସିପୁରା ଥାନାରେ ମୋହନ ଚରଣ ଯେନା ଲିଖିତ ଅଭିଯୋଗ କରାଯାଇଛି ।

# ନିର୍ବାଚନ ପ୍ରସ୍ତୁତି ସମୀକ୍ଷା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ବଲାଙ୍ଗୀର ଗସ୍ତ

ବଲାଙ୍ଗୀର, ୩୦/୩ (ନି.ପ୍ର): ଆସନ୍ତା ସାଧାରଣ ନିର୍ବାଚନ ନିମନ୍ତେ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଦିନିକିଆ ବଲାଙ୍ଗୀର ଜିଲ୍ଲା ଗସ୍ତରେ ଆସି ବଲାଙ୍ଗୀର ଏବଂ ସୁବର୍ଣ୍ଣପୁର ଜିଲ୍ଲାର ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ସେ ମତଦାନ କେନ୍ଦ୍ରଗୁଡିକରେ ପାନୀୟଜଳ, ବିଦ୍ୟୁତ, ଦିବ୍ୟାଙ୍ଗ ଙ୍କ ପାଇଁ ରାମ୍ପ, ଶୌଚାଳୟ, ଏବଂ ଖରାରୁ ବର୍ତିବା ପାଇଁ ଶେଡ ଆଦି କୁ ଗୁରୁତ୍ୱ ଦେବାକୁ ସେ ଅଧିକାରୀମାନଙ୍କୁ କହିଥିଲେ। ପିଂକ ବୁଥ, ହୋମ ଭୋଟିଂ, ବାଲାଟ ପେପର, ଭୋଟ ହାର ବୃଦ୍ଧି ଓ ନୂତନ ଭୋଟର ସଚେତନତା ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ନିର୍ବାଚନ ପ୍ରକ୍ରିୟାକୁ ପ୍ରଯୁକ୍ତି ବ୍ୟବହାର ଦ୍ୱାରା ଆହୁରି ସରଳ କରିହେବ ବୋଲି ସୂଚନା ଦେବାସହ ଆପ ବ୍ୟବହାର ଉପରେ ପର୍ଯ୍ୟାପ୍ତ କୁଶଳୀ ହେବାକୁ କହିଥିଲେ। ସି ଭିଜିଲ ଆପ, ଆଦର୍ଶ ଆଚରଣ ବିଧି , ଖର୍ଚ୍ଚ ବିବରଣୀ ଟିମ , ଆଦି ଟିମ ଗୁଡିକର କାର୍ଯ୍ୟ ପଦ୍ଧତି ମଧ୍ୟ ସମୀକ୍ଷା ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ରେ ଦୁଇ ଜିଲ୍ଲାର ଆଇନ ଶୃଙ୍ଖଳା ସ୍ଥିତିକୁ ନେଇ ପୋଲିସ ଅଧିକାରୀଙ୍କ ସହ ବୈଠକ କରିଥିଲେ। ସମ୍ବେଦନଶୀଳ ବୁଥ ତଥା ନକ୍ସଲ ପ୍ରବଣ ଅଂଚଳରେ ଚେକପୋଷ୍ଟ, ପୋଲିସ ପେଟ୍ରୋଲିଙ୍ଗ ଉପରେ ଅଧିକ ଧ୍ୟାନ ଦେବାକୁ କହିଥିଲେ। ଅବୈଧ କାରବାର, ଅବକାରୀ ଦ୍ରବ୍ୟ ରୋକିବାକୁ ଅଧିକ ଚେକପୋଷ୍ଟ ସହ ପୋଲିସ ମୁତୟନ ଜରୁରୀ ବୋଲି କହିଥିଲେ। ଲାଇସେନ୍ସ ବନ୍ଧୁକ ଜମା କରିବା ସହିତ ନିର୍ବାଚନକୁ ଅବାଧ , ମୁକ୍ତ ଓ ଶାନ୍ତିପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଅଧିକାରୀ ନିଜ ଦାୟୀତ୍ୱ ଶତ ପ୍ରତିଶତ ସଠିକ ଭାବେ ପାଳନ କରିବା ପାଇଁ କହିଥିଲେ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ମିହିର ମହାନ୍ତି, ଆରଡିସି(ସମ୍ବଲପୁର) ଶ୍ରୀକାନ୍ତ ପୃଷ୍ଟି , ଉତରାଂଚଳ ଆଇଜି ହିମାଂଶୁ ଲାଲ, ବଲାଙ୍ଗୀର ଜିଲ୍ଲାପାଳ ଗୌରବ ଶ୍ରୀ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାରଙ୍କ, ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସ, ବଲାଙ୍ଗୀର ଆରକ୍ଷୀ ଅଧିକ୍ଷକ ଶ୍ରୀ ଖିଲାରୀ ରିଷିକେଶ ଦ୍ୟାନଦେଓ, ଉଭୟ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ , ସମସ୍ତ ନିର୍ବାଚନ ସମ୍ବନ୍ଧିୟ କମିଟି ଓ ସଂଯୁକ୍ତ ଅଧିକାରୀମାନେ ସାମିଲ ଥିଲେ। ଏହି ଗସ୍ତ ରେ ମୁଖ୍ୟ ନିର୍ବାଚନ ଅଧିକାରୀ ଷ୍ଟ୍ରଙ୍ଗ ରୁମ ସରକାରୀ ଆଇଟିଆଇ ପରିଦର୍ଶନ କରିଥିଲେ।

# ଯାଜପୁର ଜିଲ୍ଲାରେ ନକଲି ପାଣି ପାଉଚର ବହୁଳ ବ୍ୟବହାର: ନିଦାବିଷ୍ଟ ସାଜିଛି ପ୍ରଶାସନ

ଧର୍ମଶାଳା, ୩୦/୩ (ନି.ପ୍ର): ଜିଲା ପ୍ରଶାସନ ପକ୍ଷରୁ ବାରମ୍ବାର ପାଣି ପାଉଚର ବ୍ୟବହାରକୁ ନିସିଦ୍ଧ କରାଯାଉଥିଲେ ସୁଦ୍ଧା ଯାଜପୁର ଜିଲା ଧର୍ମଶାଳା, ରସୁଲପୁର, ବଡଚଣା ଓ ବରୀ ବ୍ଲକରେ ଏହାର ବହୁଳ ଭାବେ ବିକ୍ରୀ ଚାଲିଛି । ପ୍ରତିଦିନ ବିଭିନ୍ନ ଭୋଜି, ଛୋଟ ମୋଟ କାର୍ଯ୍ୟକ୍ରମ, ସରକାରୀ କାର୍ଯ୍ୟକ୍ରମ ଏବଂ ଭୋଜିମାନଙ୍କରେ ମଧ୍ୟ ବହୁଳ ବ୍ୟବହାର ଦେଖିବାକୁ ମିଳିଛି । ବହୁଦିନ ପୂର୍ବରୁ କିଛି ଆଖି ଦୃଶିଆ ଭାବେ କାଁ ଭାଁ ସ୍ଥାନରେ ଛୋଟଛୋଟ ଦୋକାନମାନଙ୍କରେ ଚଢଉ ହୋଇଥିଲା । କିନ୍ତୁ, ପରବର୍ତି ପର୍ଯ୍ୟାୟରେ ତାହା ଯେତେ ମାଠୁଛୁ ମାଠ ନୀତିରେ ଏହି ବ୍ୟବସାୟ କ୍ରମଶଃ ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି । ଏବେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ଏହାର ବ୍ୟବହାର ଆଶାଠୁ ଅଧିକ ଖୁଲମ ଖୁଲା ବିକ୍ରୀ ବୃଦ୍ଧି ପାଇଛି । ଫଳରେ ଏହି କାର୍ଯ୍ୟାନୁଷ୍ଠାନ ପାଣିରଗାର ସଦୃଶ ହୋଇଛି । ଜିଲା ବାହାରୁ କିଛି ବେଆଇନ ଏବଂ ବିନା ଲାଇସେନ୍ସରେ ପାଣି ପାଉଚ କାରଖାନା ଖୋଲୁଛି । ପାଉଚ ପାଣି ପ୍ୟାକେଟରେ କୌଣସି ଅବଧି ନ ଥିବା ବେଳେ ଆଇଏସଆଇ ମାର୍କ ମଧ୍ୟ ରହୁନାହିଁ । କିନ୍ତୁ, ଏହାର ମାନ୍ୟତା ଯାଞ୍ଚ କରାଯାଉ ନାହିଁ । ଏଣେ ଲୋକମାନେ ମଧ୍ୟ ବାରମ୍ବାର ସଚେତନ କରାଗଲେ ମଧ୍ୟ ସଚେତନ ଅଭାବରୁ ଦିନକୁ ଦିନ ପାଣି କାରଖାନା ବୃଦ୍ଧି ପାଉଛି । କମ୍ପାନୀମାନେ ଏହି ପାଣିକୁ ଜାରକା, ଧର୍ମଶାଳା, ଚଣ୍ଡିଖୋଲ, ଛତିଆ, କୁଆଖିଆ, ହରିପୁର, ବରୁଆଁ, ବ୍ରହ୍ମବରଦା, ବରୀ, ବାଳିଆ ଓ ଗୋଳକୁଣ୍ଡ ଆଦି ଗୁରୁତ୍ୱପୂର୍ଣ୍ଣ ଅଂଚଳରେ ବଡବଡ ଦୋକାନୀମାନଙ୍କୁ ବେଧଡକଭାବେ ଯୋଗାଇ ଦେଇଥାଆନ୍ତି । କିଛି ମାସ ତଳେ ପାଉଚ ପାଣିରେ ଇବୋଲା ଭାଇରସକୁ ନେଇ ଆତଙ୍କ ସୃଷ୍ଟି ହୋଇଥିଲା । କିଛିଦିନ ସଚେତନ ଲୋକେ ଏହାର ବ୍ୟବହାର କରିନଥିଲେ କିନ୍ତୁ, ପରବର୍ତି ପର୍ଯ୍ୟାୟରେ ପାଉଚର ବ୍ୟବହାର ଦିନକୁ ଦିନ ବଢୁଛି । ଏହା ଏକ ଲଜ୍ଜାଜନକ ବ୍ୟବସାୟ ହୋଇଥିବାରୁ କିଛି ଅସାଧୁ ଅଧିକାରୀଙ୍କୁ ବ୍ୟସାୟୀମାନେ ହାତ ବାରିସି କରି ବ୍ୟବସାୟ ବଢାଇବାରେ ଲାଗିଛନ୍ତି । ପ୍ରଶାସନ ତରଫରୁ ବେଆଇନ କାରଖାନା ପ୍ରତି କୌଣସି ପଦକ୍ଷେପ ନେବା ତ ଦୂର କଥା ପାଣିର ମାନ୍ୟତାକୁ ମଧ୍ୟ ଯାଂଚ୍ କରାଯାଉନାହିଁ । ଏହି ବ୍ୟବସାୟୀମାନେ ଖୋଲାପାଣିକୁ ପ୍ୟାକେଟ କରି ବିଭିନ୍ନ କମ୍ପାନୀର ନାମ ଦେଇ ବଜାରରେ ଅବାଧରେ ବିକ୍ରୀ ଚାଲାଇଥିବାର ସାଧାରଣରେ ଅଭିଯୋଗ ହୋଇଛି । ବଜାରରେ ଦୋକାନୀମାନଙ୍କୁ କମ ଦରରେ ଏହି ପାଣିକୁ ବିକି ଚାଲିଯାଇଥାଆନ୍ତି । ଲୋଭଖୋର ଦୋକାନୀମାନେ ଅଧିକ ଲୋଭ ଆଶାରେ ସାଧାରଣ ଜନମାନସକୁ ଠକିବାରେ ଦିନ ରାତି ଲାଗି ପଡିଛନ୍ତି । ପ୍ରଶାସନ ଏଥିପ୍ରତି ସଚେତନ ନ ଥିବା ବେଳେ ଜନସାଧାରଣ କିଭଳି ସଚେତନ ହେବେ ? ସେହିଭଳି ସ୍ୱଚ୍ଛ ଭାରତ ଅଭିଯାନରେ ଭାରତକୁ ସ୍ୱଚ୍ଛ ଏବଂ ସୁନ୍ଦର କରିବା ପାଇଁ ପ୍ରୟାସ କରାଯାଉଥିବା ବେଳେ ବିଭିନ୍ନ ସ୍ଥାନରେ ପାଣିପାଉଚ କୁଢକୁଢ ଜମା ହୋଇଥିବା ଦେଖିବାକୁ ମିଳୁଛି । ଏଥିପ୍ରତି ଜିଲା ପ୍ରଶାସନ ଏହାକୁ ନରୋକିବାରେ ତତ୍ପରରତା ନହୁଅନ୍ତି ତେବେ ଏହି ନିମ୍ନମାନର ପାଣି ପାଉଚ୍ ପିଇ ବିଭିନ୍ନ ରୋଗ ବ୍ୟାପିବାକୁ ଏଡାଇ ଦିଆଯାଇନପାରେ ବୋଲି ବୁଦ୍ଧିଜୀବିମାନେ କହିଛନ୍ତି ।

# ପାଣିକୋଇଲିରେ ପୁଲିସର ଫ୍ଲାଗ ମାର୍ଚ୍ଚ

କୋରେଇ, ୩୦/୩ (ନି.ପ୍ର): ସାଧାରଣ ନିର୍ବାଚନର ତାରିଖ ଘୋଷଣା ହୋଇଯାଇଛି । ପ୍ରାର୍ଥି ଘୋଷଣା ହୋଇନଥିଲେ ବି ପ୍ରଶାସନ ପକ୍ଷରୁ କାର୍ଯ୍ୟକ୍ରମ ଜାରି ରହିଛି । ଏହି କ୍ରମରେ ନିର୍ବାଚନକୁ ଆଖି ଆଗରେ ରଖି ପାଣିକେଇଲି ପୁଲିସ ପକ୍ଷରୁ ପାଣିକୋଇଲି ବଜାରରେ ଫ୍ଲାଗ ମାର୍ଚ୍ଚ କରାଯାଇଛି । ଥାନାଧିକାରୀ ଲିଜାରାଣୀ ବିଶ୍ୱାଳଙ୍କ ନିର୍ଦ୍ଦେଶରେ ଏସଆଇ ପ୍ରକାଶ ଚନ୍ଦ୍ର ପ୍ରଧାନ, ବିଶ୍ୱରଂଜନ ମଲ୍ଲିକ, ଏଏସ୍ଆଇ ଉଦୟନାଥ ସୋରେନ ଓ ହାବିଲଦାର ସୁଲୋଚନ ବେହେରା, ସଦଳବଳେ ଜବାନ ମାନଙ୍କ ସହ ଏହି ଫ୍ଲାଗ ମାର୍ଚ୍ଚରେ ସାମିଲ ହୋଇଛନ୍ତି । ରାତ୍ରୀକାଳୀନ ପୁଲିସର ଏହି ଫ୍ଲାଗ ମାର୍ଚ୍ଚ ଦେଖି ସାଧାରଣରେ ଭୟ ସଂଚାରିତ ହୋଇଛି ।

# ଏମଭି-୭ ଷଷ୍ଠ ଶ୍ରେଣୀ ଛାତ୍ରୀ ମୃତ୍ୟୁ ଘଟଣାର ତଦନ୍ତ ଆରମ୍ଭ

ମାଲକାନଗିରି, ୩୦/୩ (ନି.ପ୍ର): ମାଲକାନଗିରି ସଦର ବ୍ଲକ ତମସା ପଂଚାୟତ ଏମ ଭି୭ ଗ୍ରାମ ସ୍ଥିତ ଏକ ଘରୋଇ ହଷ୍ଟେଲ ରେ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କ ସନ୍ଦେହଜନକ ସ୍ଥିତିରେ ମୃତ୍ୟୁବରଣ କରିଥିବା ଘଟଣାରେ ଅଭିବାବକ ଓ ବୁଦ୍ଧିଜିବୀଙ୍କ ଅଭିଯୋଗ କ୍ରମେ ମାଲକାନଗିରି ଜିଲ୍ଲାପାଳ ଶ୍ରୀଯୁକ୍ତ ସଚିନ ପାଓ୍ୱାରଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନଙ୍କ ଅଧକ୍ଷତା ରେ ଜିଲ୍ଲାସ୍ତରୀୟ ତଦନ୍ତ କମିଟି ଗଠନ କରାଯାଇ ନିରପେକ୍ଷ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ଆଦେଶ କରାଯାଇଛି। ଆଜି ଉକ୍ତ କମିଟିର ସଦସ୍ୟ ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ମାଲକାନଗିରି ସୁଶ୍ରୀ ପ୍ରଭାତୀ ଝୋଡ଼ିଆ, ସହକାରୀ ଜିଲ୍ଲାପାଳ ଅଲେଖ ଚରଣ ଭୋଇ, ଅତିରକ୍ତ ତହସିଲଦାର, ମାଲକାନଗିରି ତହସିଲ ଉମେଶ ପୂଜାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରି, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ଖାଦ୍ୟ ସୁରକ୍ଷା ନିରୀକ୍ଷକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ଶିଶୁ ମଙ୍ଗଳ କମିଟିର ସଦସ୍ୟ ଓ ମାଲକାନଗିରି ଆଦର୍ଶ ଥାନାର ଥାନାଧିକାରି ରିଗାନ କିଣ୍ଡୋ ମିଳିତ ଭାବେ ଉକ୍ତ ଘରୋଇ ହଷ୍ଟେଲକୁ ପରିଦର୍ଶନ କରି ବିଭିନ୍ନ ପାରିପାର୍ଶ୍ୱିକ ଅବସ୍ଥିତିକୁ ଅନୁଧ୍ୟାନ କରିବା ସହ ହଷ୍ଟେଲ କର୍ତୃପକ୍ଷଙ୍କୁ ପଚରାଉଚରା କରିଥିଲେ !ଏଥି ସହ ହଷ୍ଟେଲର ସମସ୍ତ କାଗଜ ଦସ୍ତାବିଜର ତଦାରଖ କରିବା ସହ କିଛି ଅନ୍ତେବାସୀ ଓ ଅଭିଭାବକଙ୍କ ସହ ଆଲୋଚନ କରିଥିଲେ । ଯାଂଚ ସମୟରେ ହଷ୍ଟେଲ କର୍ତୃପକ୍ଷ କୌଣସି ସଠିକ୍ ଦସ୍ତାବିଜ୍ ଦେଇ ନଥିବା ଯୋଗୁଁ ଅତିରିକ୍ତ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଉକ୍ତ ହଷ୍ଟେଲଟି ଜିଲ୍ଲା ପ୍ରଶାସନର ବିନା ଅନୁମତିରେ ବେନିୟମ ଭାବେ ଚାଲୁଥିବା ଯୋଗୁଁ ସିଲ୍ କରିବାକୁ ଅତିରିକ୍ତ ତହସିଲଦାରଙ୍କୁ ଆଦେଶ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ ଆଗାମୀ ଦିନ ମାନଙ୍କରେ ମଧ୍ୟ ଜିଲ୍ଲା ପ୍ରଶାସନର ବିନା ଅନୁମତିରେ ବେନିୟମ ଭାବେ ଚାଲୁଥିବା ଶିକ୍ଷା ଅନୁଷ୍ଠାନ ତଥା ହଷ୍ଟେଲ ମାନଙ୍କ ଉପରେ କଡ଼ା ନଜର ରଖା ଯାଇ ଆଇନ ଅନୁଯାୟୀ ସଂପୃକ୍ତ କର୍ତୃପକ୍ଷଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାନୀୟ ଅଧିବାସୀ ମାନଙ୍କ ଅଭିଯୋଗକୁ ଭିତିକରି ଏମ ଭି ୭ ଗ୍ରାମରେ ଅନ୍ୟ ଚାରୋଟି ଘରୋଇ ହଷ୍ଟେଲ ମାନଙ୍କ ଉପରେ ଚଢାଉ କରାଯାଇଥିଲା କିନ୍ତୁ ହଷ୍ଟେଲ କର୍ତୃପକ୍ଷ ମାନେ ହଷ୍ଟେଲ ବନ୍ଦ କରି ଅନୁପସ୍ଥିତି ଥିଲେ। ଅତିରିକ୍ତ ଜିଲ୍ଲାପାଳ ଜିଲ୍ଲାସ୍ତରୀୟ ତଦନ୍ତ କମିଟିର ସମସ୍ତ ଅଧିକାରୀଙ୍କୁ ଯଥା ଶୀଘ୍ର ନିରପେକ୍ଷ ଭାବେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଛତିକୁଡ଼ାରୁ ନର୍ଲା ପୂର୍ତ୍ତ ବିଭାଗ ରାସ୍ତା କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ଅଭିଯୋଗ: ତଦନ୍ତ ଦାବି

ଭବାନୀପାଟଣା, ୩୦/୩ (ନି.ପ୍ର): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଛତିକୁଡାରୁ ନର୍ଲାକୁ ସଂଯୋଗ କରୁଥିବା ରାଜ୍ୟ ରାଜପଥ ପାଖାପାଖି ୧୨ କି.ମି. ଦୂର ରାସ୍ତା ପ୍ରଶସ୍ତିକରଣ ପାଇଁ ରାଜ୍ୟ ସରକାର ଗତ ୧୩.୦୪.୨୩ ଓ ୨୯.୧୦.୨୨ ରେ ଏମେଏସ ବିକେ କଂଷ୍ଟ୍ରକ୍ସନ ନାମକ ଏକ ଠିକା ସଂସ୍ଥା ଟେଣ୍ଡର ଦେଇଛନ୍ତି। ଏହାର ଆନୁମାନିକ ଅଟକଳ ମୂଲ୍ୟ ୬ କୋଟି ୬୩ ଲକ୍ଷ ୨୧ ହଜାର ୬୮୩ ଟଙ୍କା ଥିବା ଜଣାପଡିଛି। କିନ୍ତୁ, ଦୁର୍ଭାଗ୍ୟର ବିଷୟ ଟେଣ୍ଡର ପାଇଥିବା ଠିକା ସଂସ୍ଥା କାର୍ଯ୍ୟଟିକୁ ନିଜେ ନ କରି ଭବାନୀପାଟଣାର ଏକ କଳା ତାଲିକାଭୁକ୍ତ ଠିକାଦାରଙ୍କୁ ପେଟି କଂଟ୍ରାକ୍ଟର ଭାବରେ କାର୍ଯ୍ୟଟିକୁ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ଫଳରେ ଉକ୍ତ ପେଟି କଂଟ୍ରାକ୍ଟର ସମସ୍ତ ସରକାରୀ ନୀତି ନିୟମକୁ ଖୋଲାଖୋଲି ଉଲଂଘନ କରୁଛନ୍ତି ଏବଂ ଏଷ୍ଟିମେଟ ମୁତାବକ କାମ ନ କରି ବ୍ୟାପକ ଦୁର୍ନୀତି କରୁଥିବା ଅଭିଯୋଗ ହୋଇଛି। କାରଣ ରୋଡ ର ଦୁଇ ପାର୍ଶ୍ୱରେ ପାଂଚ ପାଂଚ ମିଟର ନାଳି ଖୋଳି ବାଲି ପଥର ଗୁଣ୍ଡ ଯେତିକି ଦେବା କଥା ସେତିକି ନ ଦେଇ ମାଟି ଭର୍ତି କରିଦେଇ ଅଳ୍ପ ପରିମାଣର ବାଲି ଓ ପଥର ଗୁଣ୍ଡ ଦେଇ ରୋଲର ଚଲେଇ ଲକ୍ଷ ଲକ୍ଷ ସରକାରୀ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଛି। ଏଭଳିକି ପୁରୁଣା ଭଙ୍ଗା ଦଦରା ହୋମ ପାଇପ ଗୁଡିକ ପୋଲ କାର୍ଯ୍ୟରେ ଲଗାଇ ନିମ୍ନ ମାନର କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି। ଅନେକାଂଶରେ ବିଭିନ୍ନ କାର୍ଯ୍ୟରେ ଲାଗୁଥିବା ଚିପସ୍, ମେଟାଲ, ବାଲି, ମୋରମ, ରଡ, ସିମେଂଟ ଇତ୍ୟାଦି ବହୁ ନିମ୍ନ ମାନର ବ୍ୟବହୃତ କରାଯାଇଥିବା ଅଭିଯୋଗ ହୋଇଆସୁଛି। କାରଣ ଏହି କୋଟି କୋଟି ଟଙ୍କାର ଗୁରୁତ୍ୱପୂର୍ଣ୍ଣ ରାସ୍ତା କାର୍ଯ୍ୟକୁ ବିଭାଗୀୟ ଜେଇ ମାନେ ଅକାଳ ବାବାଜୀ ସକାଳ ଦେଖା ମାସକରେ ଦିନେ ଅଧେ ଦେଖା ଦେଇଥାନ୍ତି ଏବଂ ଠିକା ପାଇଥିବା ସଂସ୍ଥା କେବେହେଲେ ଦେଖା ଦିଅନ୍ତି ନାହିଁ ତେଣୁ ପେଟି ଠିକାଦାର ଜଣକ ମନଇଚ୍ଛା କାମ କରି ଲକ୍ଷ ଲକ୍ଷ ଟଙ୍କା ଲୁଟିବାରେ ବ୍ୟସ୍ତ ରହୁଛନ୍ତି। ଏଣୁ ଏଭଳି ଏକ ମହା ଦୁର୍ନୀତିର ଅନୁସନ୍ଧାନ ପାଇଁ ରାଜ୍ୟ ସ୍ତରୀୟ ଏକ ବୈଷୟିକ ଟିମ ଗଠନ କରାଯାଇ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ଦୁର୍ନୀତିରେ ଲିପ୍ତ ଥିବା ଠିକାଦାର ଓ ଯନ୍ତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି।

# ଡା.ସରୋଜକାନ୍ତ କାନୁନ୍‌ଗୋଙ୍କ ୩୬ତମ ପୂଣ୍ୟତିଥି ପାଳନ

କେନ୍ଦ୍ରାପଡ଼ା, ୩୦/୩ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭାଗବତପୁର ପ ।ୟତର ବାଲିଆସ୍ଥିତ କାନୁଗୋ ଭବନରେ ବଳଦେବ ସାଂସ୍କୃତିକ ପରିଷଦ ତରଫରୁ ଆୟୋଜିତ ସ୍ୱର୍ଗତ ଡା. ସରୋଜକାନ୍ତ କାନୁନଗୋଙ୍କ ୩୬ତମ ଶ୍ରଦ୍ଧାଞ୍ଜଳି ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତିସଭାକୁ ବୟୋଜ୍ୟେଷ୍ଠ ବ୍ୟକ୍ତି ନିରଞ୍ଜନ ସ୍ୱାଇଁ ପରିଚାଳନା କରିଥିଲେ। ଏହି ଉପଲକ୍ଷେ ୧ମିନିଟ ନୀରବ ପ୍ରାର୍ଥନା କରାଯାଇ ପୁଷ୍ପାର୍ଘ୍ୟ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଏଥିସହିତ ଜଗଦିଶ ସାହୁ ଶ୍ରୀମଦ ଭାଗବତ ପାଠ କରିଥିଲେ। ପ୍ରମୋଦ କୁମାର ସାହୁ, ଡା. ପୁରୁଷୋତମ ସାହୁ, ଗଜେନ୍ଦ୍ର କୁମାର ମହାନ୍ତି, ନାରାୟଣ ସ୍ୱାଇଁ, ଶରତ କୁମାର ଆଚାର୍ଯ୍ୟ, ରାଜଗୋପାଳ ମହାନ୍ତି, ବସନ୍ତ କୁମାର ଜେନା, ଡା. ବିଶ୍ୱପ୍ରକାଶ କାନୁନଗୋ, ମଦନମୋହନ ବେହେରା, ପ୍ରାଣକୃଷ୍ଣ ସାମଲ, ଧରଣୀଧର ଦାସ, ଜଳଧର ଦାସ, ନିଗମଶେଖର ମହାନ୍ତି, ଅକ୍ଷୟ କୁମାର ପତି ପ୍ରମୁଖ ସ୍ୱର୍ଗତ ଡା. କାନୁନଗୋଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରି ସେ ବାଲିଆ ଅଂଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ସାଂସ୍କୃତିକ କ୍ଷେତ୍ରରେ ଆଲୋକବର୍ତିକା ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଉତର ପିଢୀଙ୍କ ନିକଟରେ ସ୍ମରଣୀୟ ହୋଇ ରହିବା ନିମନ୍ତେ ସ୍ୱର୍ଗତ ଡା. କାନୁନଗୋଙ୍କ ଏକ ସ୍ମୃତି କମିଟି ଗଠନ ନିମନ୍ତେ ସର୍ବସମ୍ମତି କ୍ରମେ ସିଦ୍ଧାନ୍ତ ଗ୍ରହଣ କରାଗଲା। ବଳଦେବ ସାଂସ୍କୃତିକ ପରିଷଦ ତରଫରୁ ୨ମାସ ମଧ୍ୟରେ ଏକ ସାଧାରଣ ବୈଠକ ଡକାଯାଇ ସ୍ମୃତି କମିଟି ଗଠନ ସହ କମିଟିର ସଦସ୍ୟ/ସଦସ୍ୟାମାନଙ୍କୁ ମନୋନୀତ କରାଯିବାକୁ ସ୍ଥିର କରାଯାଇଛି। ସାଂସ୍କୃତିକ ସମାରୋହ କରି ସ୍ମୃତିକୁ ବଂଚାଇ ରଖିବା ନିମନ୍ତେ ମତ ପ୍ରକାଶ ପାଇଥିଲା। ଶେଷରେ ପ୍ରମୋଦ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ପଙ୍କଜେଶ୍ୱର ମହାଦେବଙ୍କ ବାର୍ଷିକୋତ୍ସବ

କୋରେଇ, ୩୦/୩ (ନି.ପ୍ର): କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଂଚାୟତର ବଡବରୁଣାଇପଦା(ନୂଅଗାଁ) ଗ୍ରାମରେ ପଙ୍କଜେଶ୍ୱର ମହାଦେବଙ୍କ ୮ମ ବାର୍ଷିକ ବାର୍ଷିକୋତ୍ସବ ମହାସମାରୋହରେ ପାଳିତ ହୋଇଛି । ପ୍ରତ୍ୟୁଷରୁ କଳସବୁଡା ପରେ ପୂଜକ ବିଷ୍ଣୁ ଚରଣ ଉପାଧ୍ୟାୟ, ଗଣେଷ ପାଣିଗ୍ରାହୀ ଓ ପ୍ରଭାକର ପାଣିଙ୍କ ଦ୍ୱାରା କାର୍ଯ୍ୟାରମ୍ଭ ହୋଇଥିଲା । ଯଥାବିଧି ପୂଜା ପରେ ଯଜ୍ଞ ଆରମ୍ଭ କରାଯାଇଥିଲା । ଏହି ଅବସରରେ ନାମଯଜ୍ଞ, ଭଜନ ସନ୍ଧ୍ୟା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ପରେ ଗ୍ରାମବାସୀଙ୍କ ଦ୍ୱାରା ସମୂହ ପ୍ରସାଦ ସେବନ କରାଯାଇଥିଲା ।

# ରେଢାଖୋଲରେ ସ୍ଥାନୀୟ ପ୍ରାର୍ଥୀତ୍ୱ ନେଇ ଦାବି ଜୋର୍ ଧରିଲା

ସମ୍ବଲପୁର, ୩୦/୩ (ନି.ପ୍ର): ଜିଲ୍ଲାର ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀରେ ସ୍ଥାନୀୟ ପ୍ରାର୍ଥୀକୁ ନେଇ ସ୍ୱର ଶାଣିତ ହେବାରେ ଲାଗିଛି। ବାରମ୍ବାର ନିର୍ବାଚନ ମଣ୍ଡଳିର ବାହାର ପ୍ରାର୍ଥୀଙ୍କୁ ରେଢାଖୋଲ ନିର୍ବାଚନ ମଣ୍ଡଳୀରେ ଯେଭଳି ଥଇଥାନ କରାଯାଉଛି। ଏଥର ଏହାକୁ ଅମାନ୍ୟ କରାଯିବ ବୋଲି ସ୍ଥାନୀୟ ନେତାମାନେ କହୁଛନ୍ତି। ଏହି ନିର୍ବାଚନ ମଣ୍ଡଳୀର ରେଢାଖୋଲ, ଯୁଯୋମୁରା, ମାନେଶ୍ୱର ଓ ନାକଟିଦେଉଳ ବ୍ଲକରେ ଏପରି ଚର୍ଚ୍ଚା ହେଉଛି ।

୨୦୧୯ ଠାରୁ ସ୍ଥାନୀୟ ପ୍ରାର୍ଥୀ ନେଇ ସ୍ୱର ଉଠିଛି। ସ୍ଥାନୀୟ ନେତାଙ୍କ ମଧ୍ୟରେ କଠୋର ପନ୍ଥା ଆରମ୍ଭ କରାଯାଇଥିଲା ବେଳେ ରେଢ଼ାଖୋଲରେ ରାଜନୈତିକ ଶୂନ୍ୟତା ଆଡକୁ ଗତି କରିବାରେ ଲାଗିଛି। ଫଳରେ ରେଢାଖୋଲରେ ଆଖିଦୃଶିଆ ବିକାଶ ନହେବା କାରଣରୁ ବାହ୍ୟ ପ୍ରାର୍ଥୀ ଉପରେ ଲୋକଙ୍କ ଭରସା ପାଉନି। ସମୟ ସହିତ ତାଳ ଦେଇ ପର୍ଯ୍ୟଟନ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳସେଚନ, ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ଏଯାଏଁ ରେଢାଖୋଲ ନିର୍ବାଚନ ମଣ୍ଡଳୀ ବାସୀ ବଂଚିତ ରହୁଛନ୍ତି। ଏହି ସବୁ ଥଇଥାନ ଓ ଆମଦାନୀ ନେତାଙ୍କ ଉପରେ ଅପେକ୍ଷା ଆଂଚଳିକ ପ୍ରାର୍ଥୀ ଉପରେ ନିର୍ବାଚନ ମଣ୍ଡଳୀ ବାସୀ ଜୋର୍ ଦେଲେଣି। ଏହା ନହେଲେ ଲୋକଙ୍କ ରୋଷ ବଢିବାରେ ଲାଗିବ ଓ ପରିସ୍ଥିତି ଅଧିକ ଜଟିଳ ହେବ ବୋଲି ସ୍ଥାନୀୟ ନେତା ମାନେ ମତପୋଷଣ କରୁଛନ୍ତି। ନିକଟ ଅତୀତରେ କୁବେଲ ମନ୍ଦିର ଠାରେ କେତେକ ନେତା ଏକାଠି ହୋଇ ସ୍ଥାନୀୟ ପ୍ରାର୍ଥୀ ନଦେଲେ ରେଢାଖୋଲ ବାସୀ ମିଳିତ ପ୍ରାର୍ଥୀ ଦେଇ ରାଜନୈତିକ ଚ୍ୟାଲେଞ୍ଜ୍ ର ସମ୍ମୁଖୀନ ହେବାକୁ ଆହ୍ୱାନ ଦେଇଛନ୍ତି। ରେଢାଖୋଲରେ ସ୍ଥାନୀୟ ନେତାଙ୍କୁ ଦେବାକୁ ସବୁ ଦଳର ମୁଖିଆଙ୍କ ଠାରେ ଅନୁରୋଧ କରାଯାଇଛି । ଏପରିକି ଯେଉଁ ଦଳ ସ୍ଥାନୀୟ ପ୍ରାର୍ଥୀକୁ ଗୁରୁତ୍ୱ ଦେବ, ଦଳମତ ନିର୍ବିଶେଷରେ ସେଭଳି ପ୍ରାର୍ଥୀ ସମର୍ଥନ ପାଇବେ। ଏପରିକି ଯୋଗ୍ୟ ପ୍ରାର୍ଥୀ ନଦେଲେ ଚାରି ବ୍ଲକର ନେତୃ ସ୍ଥାନୀୟ ଏକାଠି ହୋଇ ଏକ ମିଳିତ ପ୍ରାର୍ଥୀ ଦେବାକୁ ମଧ୍ୟ ଯୋଜନା କରୁଛନ୍ତି। ରେଢାଖୋଲର ବରିଷ୍ଠ ନେତା ପ୍ରଦୀପ ପ୍ରଧାନ ଆଗକୁ ସମସ୍ତଙ୍କ ନିଷ୍ପତି କ୍ରମେ କଠୋର ନିଷ୍ପତି ନେବାକୁ ସମସ୍ତେ ବାଧ ହେବେ ବୋଲି ଚେତାବନୀ ଶୁଣାଇଛନ୍ତି। ଅପରପକ୍ଷରେ ଥଇଥାନ ନେତାଙ୍କ ଯୋଗୁଁ ଲୋକଙ୍କ ସ୍ୱର ସହିତ ଓ ସେମାନଙ୍କ ଆନ୍ଦୋଳନରେ ବାହ୍ୟ ନେତାଙ୍କ ମତଭେଦ ସ୍ୱଭାବିକ୍। ତେଣୁ ସୁବିଧାବାଦୀ ରାଜନୀତିରେ ଅଂଚଳର ଅସଲ ଦାବୀକୁ ନଜରଅନ୍ଦାଜ କରାଯାଉଥିବାରୁ ନିର୍ବାଚନ ମଣ୍ଡଳୀବାସିଙ୍କ ମଧ୍ୟରେ କ୍ରମଶଃ ଅସନ୍ତୋଷ ବଢିବା ସ୍ୱାଭାବିକ। ରେଢାଖୋଲ ରାଜନିତୀ ଶୂନ୍ୟ ହୋଇ, ଯୋର ଯାର ମୂଳକ ତାରରେ ଚାଲିଥିବା ଅଭିଯୋଗ ଆଣିଛନ୍ତି ଅଂଚଳର ସମାଜସେବୀ ଡା.ରାଜାରାମ ଷଡଙ୍ଗୀ। ରାଜନୈତିକ ଶୂନ୍ୟତାରୁ ଏବେ ସ୍ଥାନୀୟ ପ୍ରାର୍ଥୀ ବିଷୟ ଜୋର୍ ଧରିଛି । ଏହି ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ମୁଖ୍ୟ ଦଳ ଗୁଡିକରୁ ଯେଉଁ ସବୁ ପ୍ରାର୍ଥୀ ମାନଙ୍କ ନାମ ଉଠୁଛି ସମସ୍ତେ ବାହ୍ୟ ନିର୍ବାଚନ ମଣ୍ଡଳୀର ହୋଇଥିବାରୁ ସ୍ଥାନୀୟ ନେତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ବୈଷ୍ଣବ ନାୟକ ବିଦ୍ୟାପୀଠରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ଧର୍ମଶାଳା, ୩୦/୩ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ମଙ୍ଗଳପୁର ପଂଚାୟତସ୍ଥ ବୈଷ୍ଣବ ନାୟକ ବିଦ୍ୟାପୀଠ କୋଠଡିହ ପରିସରରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ମାଝିପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମୂଲ୍ୟ ନାଥ ନାୟକ ତାଙ୍କ ଚାକିରୀ କାଳରୁ ଅବସର ନେଇଛନ୍ତି । ଏନେଇ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ବୈଷ୍ଣବ ନାୟକ ବିଦ୍ୟାପୀଠର ପ୍ରଧାନଶିକ୍ଷକ ସୁନନ୍ଦ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଧର୍ମଶାଳା ମଣ୍ଡଳ ଶିକ୍ଷା ଅଧିକାରୀ ନିକୁଞ୍ଜ ବିହାରୀ ମହାନ୍ତି, ମୁଖ୍ୟବକ୍ତାଭାବେ ନୂତନ ଅନୁଦାନ ପ୍ରାପ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସଂଘ ପୂର୍ବତନ ରାଜ୍ୟ ସଭାପତି କିଶୋର ଚନ୍ଦ୍ର ପାଣିଗ୍ରାହୀ ଓ ସମ୍ମାନୀତ ଅତିଥିଭାବେ ପ୍ରଧାନଶିକ୍ଷକ କାହ୍ନୁ ଚରଣ ମହାନ୍ତି ଓ ରସୁଲପୁର ବ୍ଲକ ନଠୁଆବର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ମହାରଣା ପ୍ରମୁଖ ଯୋଗ ଦେଇ ଅବସର ନେଇ ଥିବା ପ୍ରଧାନଶିକ୍ଷକ ଶ୍ରୀ ନାୟକଙ୍କ ଜୀବନୀ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ବିଶେଷ କରି ସେ ଇଂରାଜୀ ଭାଷାରେ ଶିକ୍ଷା ପ୍ରଦାନ କରି ଅଂଚଳରେ ବେଶ୍ ସୁନାମ ଅର୍ଜନ କରିଥିଲେ । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଅତିଥିମାନେ ତାଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । କୋଠଡିହ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୌରାଙ୍ଗ ଚରଣ ତରାଇ ସ୍ୱାଗତ ଭାଷଣ ଓ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଧର୍ମଶାଳା ବ୍ଲକ ନୂତନ ଅନୁଦାନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷାକର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଶିକ୍ଷକ ରମେଶ ଚନ୍ଦ୍ର ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ହୀରାକୁଦରେ ଝାଡ଼ାବାନ୍ତି ନିୟନ୍ତ୍ରଣାଧୀନ : ଜିଲ୍ଲା ପ୍ରଶାସନ

ସମ୍ବଲପୁର, ୩୦/୩ (ନି.ପ୍ର): ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ହୀରାକୁଦରେ ଝାଡ଼ାବାନ୍ତି ନିୟନ୍ତ୍ରଣାଧୀନ ରହିଛି। ୩ ଜଣ ସଂକ୍ରମିତ ହସ୍ପିଟାଲରେ ଚିକିସିତ ହେଉଛନ୍ତି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ହୀରାକୁଦରେ ଚିକିତ୍ସାଧୀନ ରୋଗୀଙ୍କ ତୁରନ୍ତ ଉପଚାର ପାଇଁ ହୀରାକୁଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରେପିଡ୍ ରେସ୍‌ପୋନ୍‌ସ ଟିମ୍ (ଆରଆରଟି) ମୁତୟନ କରାଯାଇଛି। ଅତ୍ୟାବଶ୍ୟକ ଔଷଧ ବିତରଣ ଏବଂ ପାନୀୟ ଜଳର ସ୍ୱଚ୍ଛତା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରଭାବିତ ଅଂଚଳରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ନିୟୋଜିତ କରାଯାଇଛି। ପାନୀୟ ଜଳ ବିତରଣ ପାଇଁ ଥିବା ପାଇପ୍ ର ଛିଦ୍ର ମରାମତି କରାଯିବା ସହିତ ହୀରାକୁଦ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସାଧନକୁ ସ୍ୱଚ୍ଛ କରାଯାଇଛି। ପାଣିକୁ ସୁପର କ୍ଲୋରିରେସନ୍ କରାଯାଇ ପ୍ରତିଦିନ ଜଳର ନମୂନ ଯାଂଚ କରାଯାଉଛି। ପାଣିର ଗୁଣବତା ପରୀକ୍ଷା ପାଇଁ ପିଏଚଡି ଓ ଜନସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ନେଇ ଟିମ୍ ନିୟୋଜିତ ହୋଇଛନ୍ତି।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୩୧ ମାର୍ଚ୍ଚ ୨୦୨୪
email : rabibarachayan2015@gmail.com




## ଧାରାବାହିକ ଉପନ୍ୟାସ



# ବୈଦେହୀ

**ଡ.ଭାଗବତ ବେହେରା**

**ଭାଗ-୪୫**

(ପୂର୍ବ ପ୍ରକାଶିତ ଉତ୍ତାରୁ...)



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ତୁମେ ଆମ ବିଷୟରେ ଏତେକଥା କେମିତି ଜାଣିଲ ?

ମୁଁ ଏହି ଅରଣ୍ୟରେ ଘୂରିବୁଲେ । ତୁମ ସ୍ତ୍ରୀକୁ ତୁମେ ଅନେକ ଭଲପାଅ । ସୀତେ ସୀତେ ବୋଲି ତା ନାମ ଧରି ଡାକ । ତୁମ ସ୍ତ୍ରୀ ଠାରୁ ମୁଁ କ'ଣ ସୁନ୍ଦର ନୁହେଁ ପୁରୁଷ ?

ତୁମେ ଅନିନ୍ଦ୍ୟା ସୁନ୍ଦରୀ ତାହା ମୁଁ ମାନୁଛି। ହେଲେ ମୋ ଭଳି ଜଣେ ବିବାହିତ ପୁରୁଷ ପଛରେ ନଧାଇଁ ତୁମେ ଜଣେ ଯୋଗ୍ୟ ସୁନ୍ଦର ପୁରୁଷକୁ ବିବାହ କର ।

ମୁଁ କିନ୍ତୁ ସିଦ୍ଧାନ୍ତ ନେଇଛି ତୁମକୁ ବିବାହ କରିବି । ତୁମ ସ୍ତ୍ରୀ ଥିଲେ ବି ମୁଁ ତୁମକୁ ବିବାହ କରିବି । ତୁମ ସ୍ତ୍ରୀ ପ୍ରତିବାଦ କଲେ ମୁଁ ତା ତଣ୍ଟିଚିପି ମାରିଦେବି ।

ମୁଁ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇ ଯାଇ କହିଥିଲି, ତୁମେ ଭୁଲ୍ ବାଟରେ ଯାଉଛ ଦେବୀ । ମୋ ସ୍ତ୍ରୀ ତୁମର କିଛି କ୍ଷତି କରିନାହିଁ କି ମୁଁ ମଧ୍ୟ ତୁମର କିଛି କ୍ଷତି କରିନାହିଁ । ଆଉ ଯଦି କିଛି କୁହ....

ତୁମେ ମୋତେ ହତ୍ୟା କରିବ । ମୁଁ ଜାଣେ ପୁରୁଷ ତୁମ ସ୍କନ୍ଧରେ ଧନୁ ରହିଛି । ତୁମେ ଜଣେ ବୀର, ଯୋଦ୍ଧା, ସୁପୁରୁଷ । ଜଣେ ସ୍ତ୍ରୀ ମନମୋହିବା ପାଇଁ ତୁମର ଯଥେଷ୍ଟ ଶକ୍ତି ଅଛି । ତୁମର ସେହି ଶୌର୍ଯ୍ୟ, ବୀର୍ଯ୍ୟ ଦେଖି ମୁଁ ମୁଗ୍ଧ । ମୋତେ ପତ୍ନୀ ଭାବରେ ଗ୍ରହଣ କର ।

ନା ତାହା କେବବି ସମ୍ଭବ ନୁହେଁ ଦେବୀ। ମୁଁ ରାଜପୁତ୍ର । ଅଯୋଧ୍ୟା ରାଜ ଦଶରଥଙ୍କ ପୁତ୍ର ମୁଁ । ବିବାହ ବେଦୀରେ ହୋମାଗ୍ନି, ଅଷ୍ଟ ଦିଗପାଳ, ସର୍ବ ଦେବଦେବୀଙ୍କୁ ସାକ୍ଷୀ ରଖି ମୁଁ ଶପଥ କରିଛି ଜୀବନରେ ଶତ ବାଧାବିଘ୍ନ ଆସିଲେ ବି ଏପରିକି ପତ୍ନୀ ବିୟୋଗ ଘଟିଲେ ବି ମୁଁ ଦ୍ୱିତୀୟ ପତ୍ନୀ ଗ୍ରହଣ କରିବି ନାହିଁ ।

ମୋ କଥା ଶୁଣି ହସିହସି ସେ କହିଥିଲା ଏ ଦୁନିଆରେ କେହି କ'ଣ କେବବି ଦ୍ୱିତୀୟ ପତ୍ନୀ ଗ୍ରହଣ କରିନାହାନ୍ତି ? ତୁମେ ଯେମିତି ବୀର ସେମିତି ପଣ୍ଡିତ । ଶାସ୍ତ୍ର କ'ଣ ମନା କରିଛି ଦ୍ୱିତୀୟ ପତ୍ନୀ ଗ୍ରହଣ କରିବାକୁ ? ହେ ବୀର ମୁଁ ଲଙ୍କନାଥ ରାବଣର ଭଗିନୀ । ନାମ ମୋର ସୂର୍ପଣଖା । ଏ ଅରଣ୍ୟରେ ବିଚରଣ କରୁକରୁ ତୁମକୁ ଦେଖିଲି। ମୋତେ ତୁମେ ପତ୍ନୀ ଭାବରେ ଗ୍ରହଣ କର । ତା ନହେଲେ ମୁଁ ତୁମ ନାମଧରି ଆତ୍ମବିସର୍ଜନ ଦେବି । ମୋର ପ୍ରେମ ନିବଦେନକୁ ପ୍ରତ୍ୟାଖ୍ୟାନ କର ନାହିଁ ପୁରୁଷ । ନାରୀର ପ୍ରେମକୁ ଯିଏ ପ୍ରତ୍ୟାଖ୍ୟାନ କରେ ସେ ବୀର ନୁହେଁ, କାପୁରୁଷ। ତୁମେ ଯଦି ପ୍ରକୃତରେ ବୀର ତେବେ ମୋ ପାଣିଗ୍ରହଣ କର ।

ସୂର୍ପଣଖାର କଥା ଶୁଣି ମୁଁ ସ୍ତମ୍ଭୀଭୂତ ହୋଇ ଯାଇଥିଲି । ଶେଷରେ ଉପାୟ ନପାଇ ମୁଁ କହିଥିଲି ହେ ବରାନନେ, ତୁମେ ଗୋଟାଏ କାମ କର, ମୁଁ ବିବାହିତ । ମୋ ସ୍ତ୍ରୀ ମୋ ସହିତ ଅଛନ୍ତି । ମୋ ସାନଭାଇ ଲକ୍ଷ୍ମଣ ମୋ ଠାରୁ ଆହୁରି ସୁନ୍ଦର । ସେ ମଧ ବୀର । ତୁମେ ତାକୁ ପତି ଭାବରେ ଗ୍ରହଣ କର ।

ମୋ କଥା ଶୁଣି ଉତ୍ସୁକତାର ସହିତ ସେ କହିଥିଲା କାହିଁ କେଉଁଠି ତୁମ ଭାଇ ? ସେ ମୋତେ ପତ୍ନୀ ଭାବରେ ଗ୍ରହଣ କରିବେ ତ ?

ନିଶ୍ଚୟ କରିବ ସୁନ୍ଦରୀ । ସେ ଏହି ପାଖରେ ଅଛି । ତୁମେ ଯାଇ ତାକୁ ସାକ୍ଷାତ କର ।

ସେ ଯଦି ମୋ କଥା ନରଖନ୍ତି ? ତୁମେ ମୋ ସହିତ ଚାଲ ତାଙ୍କୁ କହିବ ସେ ମୋତେ ପତ୍ନୀ ଭାବରେ ଗ୍ରହଣ କରିବେ ।

ତା' ପାଖକୁ ମୋର ଯିବାଟା ଉଚିତ ହେବନାହିଁ ସୁମୁଖୀ । ବରଂ ମୁଁ ଗୋଟାଏ ଚିଟାଉ ତା' ପାଖକୁ ଲେଖି ଦେଉଛି । ସେ ଚିଟାଉ ପଢ଼ି ତୁମକୁ ସେ ପତ୍ନୀ ଭାବରେ ଗ୍ରହଣ କରିନେବ । ଏ ପର୍ଯ୍ୟନ୍ତ ମୋ ସ୍ୱାମୀଙ୍କ କଥାକୁ ମୁଁ କାନପାତି ଶୁଣି ଯାଉଥିଲି । ଲକ୍ଷ୍ମଣ ତାଙ୍କୁ ଚିଟାଉ ଲେଖିଦେବା କଥା ଶୁଣି ମୁଁ ପାଟିକରି କହିଥିଲି, ଶେଷରେ ଆପଣ ଲକ୍ଷ୍ମଣ ଭଳି ଭାଇକୁ ବଳି ପକାଇଦେଲେ ସ୍ୱାମୀ । ମୋ କଥା ଶୁଣି ସେ ହସିହସି କହିଥିଲେ, ଚିଠିରେ ମୁଁ କ'ଣ ଲେଖି ଦେଇଥିଲି ତାହା ତୁମେ ଶୁଣ ଦେବୀ । ତାପରେ ମୋତେ ଦୋଷ ଦେବ । ସେ ଚିଠିଟି ଲେଖି ସାରିବା ପରେ ତାହାକୁ ଶୁଣାଇଥିଲି । ଏବେ ତୁମକୁ ଶୁଣାଉଛି । "ଶୁଣ ହେ ମୋର ପ୍ରିୟ ଅନୁଜ ଲକ୍ଷ୍ମଣ । ଏକ ଦିବ୍ୟ ସୁନ୍ଦରୀଙ୍କୁ ମୁଁ ଆଜି ପଞ୍ଚବଟୀରେ ଭେଟିଲି । ସେ ଅତ୍ୟନ୍ତ ସ୍ନେହୀ ତଥା ଦରଦୀ । ତୁମକୁ ସେ ପତି ରୂପରେ ବରଣ କରିବାକୁ ଚାହୁଁଛି । ମୁଁ ତାକୁ ତୁମ ନିକଟକୁ ଏବେ ପଠାଉଛି । ତାକୁ ତୁମେ ପତ୍ନୀର ସମ୍ମାନ ଦେବ। ତା ନାସା କର୍ଣ୍ଣକୁ ଯୋଗ୍ୟ ଅଳଙ୍କାର ମାନ ଦେବ। ନାକ କାନ ସୌନ୍ଦର୍ଯ୍ୟକୁ ବିହରଣ କରି ତା' ସହ ଅରଣ୍ୟରେ ଭ୍ରମଣ କରିବ ।"

ସ୍ୱାମୀ କଥା ଶୁଣି ମୁଁ କହିଥିଲି ଚିଠିରେ ଆପଣ ଲେଖିଛନ୍ତି ସେ ସୁନ୍ଦରୀର ନାକ କାନକୁ ଉପଯୁକ୍ତ ଅଳଙ୍କାର ଦେବାକୁ । ଏ ଅରଣ୍ୟରେ ଲକ୍ଷ୍ମଣ ନାକ କାନ ପାଇଁ ଅଳଙ୍କାର କେଉଁଠୁ ପାଇବ ?

ତୁମେ ଧୈର୍ଯ୍ୟର ସହିତ ପ୍ରତୀକ୍ଷା କର ପ୍ରିୟେ । ରାତିପହରେକୁ ବଳି ଗଲାଣି । ଲକ୍ଷ୍ମଣ ଏବେ ଆସି ପହଞ୍ଚିଲେ ତା' ଠାରୁ ସବୁ ଶୁଣିବ । ଏହି କଥୋପକଥନ ଭିତରେ ଲକ୍ଷ୍ମଣ ଆସି ପହଞ୍ଚି ଯାଇଥିଲେ । ଲକ୍ଷ୍ମଣଙ୍କୁ ଦେଖି ମୁଁ ପ୍ରଶ୍ନ କରିଥିଲି, ଲକ୍ଷ୍ମଣ କୁଆଡ଼େ ଗଲା ସେ ସୁନ୍ଦରୀ ରମଣୀ ? ତୁମେ ଏକାକୀ ଆସିଛ ? ତୁମ ଭାଇ ପରା ତାକୁ ତୁମ ପାଖକୁ ପଠାଇଥିଲେ, ତୁମକୁ ବିବାହ କରିବାପାଇଁ । ତୁମ ଭାଇ ଚିଟାଉରେ ଲେଖିଥିଲେ ତା ନାଶା କର୍ଣ୍ଣକୁ ସୁନ୍ଦର ଅଳଙ୍କାର ଦେବାପାଇଁ । ତୁମେ କ'ଣ ତାକୁ ସୁନା ରୁପାର ଅଳଙ୍କାର ଦେଲ ?

ମୋ କଥା ଶୁଣି ଲକ୍ଷ୍ମଣ କହିଥିଲେ, ମୋ ବଡ଼ଭାଇଙ୍କର ଆଜ୍ଞା ମୋ ପାଇଁ ଦେବ ଆଜ୍ଞା ଠାରୁ ଆହୁରି ଉଚ୍ଚରେ । ଭାଇ ଯେତେବେଳେ ମୋତେ ଚିଟାଉରେ ଲେଖିଥଲେ ତା ନାଶା କର୍ଣ୍ଣକୁ ଅଳଙ୍କାର ଦେଇ ବିହାର କରିବାକୁ । ମୁଁ ତାହା ଅକ୍ଷରେ ଅକ୍ଷରେ ପାଳନ କରିଛି ଦେବୀ ।

ଲକ୍ଷ୍ମଣର କଥା ଶୁଣି ଆହୁରି ଆଶ୍ଚର୍ଯ୍ୟ ହୋଇ ପଚାରିଥିଲି, ତାହେଲେ ତୁମର ସେ ପତ୍ନୀ ଗଲା କୁଆଡ଼େ ? ତାକୁ ଅରଣ୍ୟରେ ଆଉ କେଉଁଠି ଲୁଚାଇ ରଖିଛ ? ଏ ଖବର ଯଦି ଉର୍ମିଳା କାନରେ ପହଞ୍ଚେ...

ମୋ କଥା ଶୁଣି ଲକ୍ଷ୍ମଣ ଖୁବ୍ ଜୋରରେ ହସିଉଠି କହିଥିଲେ, "ମୋର ଶର ଫଳକକୁ ଦେଖିଲ ଭାଉଜ । ଏଥିରେ କ'ଣ ଲାଗିଚି ?

ରକ୍ତ.... ଏ ଯେ ତଟକା ରକ୍ତ । ତୁମେ ତାହେଲେ କ'ଣ ସୁନ୍ଦରୀ ନାରୀକୁ ହତ୍ୟା କରି ଆସିଛ ।

ନା ଦେବୀ ନା ମୁଁ କହିଲି ଜ୍ୟେଷ୍ଠଭ୍ରାତାଙ୍କ ଆଦେଶ ମୁଁ ପାଳନ କରିଛି । ସେ ମୋତେ ଚିଠିରେ ଦ୍ୱିଅର୍ଥ ପୂର୍ଣ୍ଣ ବାଣୀ କିଛି ଲେଖିଥିଲେ, ଯାହାର ପ୍ରଥମ ଅର୍ଥ ହେଲା ଏ ନାରୀର କାନକୁ ସୁନ୍ଦର ଅଳଙ୍କାର ଦେଇ ତାକୁ ବିହାର ଅର୍ଥାତ୍ ନାକ, କାନ ଉଭୟକୁ ତା ଶରୀରରୁ ଅଲଗା କରିଦେବାକୁ । ଦ୍ୱିତୀୟ ଅର୍ଥଟିକୁ ଠିକ୍ ଭାବରେ ବୁଝି ସେ ମୋତେ ଆଲିଙ୍ଗନ କରିବାକୁ ଆସିବାବେଳେ ଏଇ ଶସ୍ତ୍ରମୁନରେ ମୁଁ ତାର ନାକ କାନ କାଟି ଦେବାରୁ ସେ ବିଳାପ କରି ମୋତେ କହିଗଲା, 'ହେ ସୁନ୍ଦର ପୁରୁଷ! ମୋତେ ଅବମାନନା କରି ତୁମେ ଦୁଇଭାଇ ମହାବିପଦକୁ ଡାକି ଆଣିଲ । ମୁଁ ସୂର୍ପଣଖା । ପ୍ରବଳ ପ୍ରତାପୀ ଲଙ୍କେଶ୍ୱର ରାବଣର ଭଉଣୀ । ତୁଭ ଭାଇ ସହିତ ତୁମେ ଆଉ ତୁମ ଭାଉଜ ମୃତ୍ୟୁ ପାଇଁ ପ୍ରସ୍ତୁତ ହୋଇ ରୁହ । ମୋ ଭାଇ ନିଶ୍ଚୟ ଏହାର ପ୍ରତିଶୋଧ ନେବେ । ଏହାକହି ସୂର୍ପଣଖା କାନ୍ଦିକାନ୍ଦି ସେ ସ୍ଥାନରୁ ପଳାଇଗଲା ।' (କ୍ରମଶଃ)


❤ ଦର୍ଜୀପୋଖରୀ,
ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪


# ପ୍ରଥମ ଥର ବାଲେଶ୍ୱର ଯାତ୍ରା

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**



ଉଦୟ ସାରଙ୍କ ଲେଖା ପଢୁ ପଢୁ ମୋର ସ୍ମୃତି-ସାଗରରୁ ଉତ୍‌ଥିତ ଉତ୍ତାଳ ଲହରୀମାଳା କ୍ଷଣକରେ ଓଦା କରିଦେଲା ମୋର ହୃତକେନ୍ଦ୍ରକୁ । ଓଡିଶାର ବିଶିଷ୍ଟ କବି ଶ୍ରୀଯୁକ୍ତ ବ୍ରଜନାଥ ରଥଙ୍କୁ ଆମେ ବରପାଲି ମହାବିଦ୍ୟାଳୟର ସାହିତ୍ୟ ଓ ସାଂସ୍କୃତିକ ପରିଷଦ ବାସନ୍ତୀର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେବା ପାଇଁ ଆମନ୍ତ୍ରଣ କରିଥିଲୁ ସମ୍ଭବତଃ ୧୯୯୩ ମସିହାରେ । ସେତେବେଳେ ଆମ କଲେଜର ଅଧ୍ୟକ୍ଷ ଥାଆନ୍ତି ବିଶିଷ୍ଟ ସାହିତ୍ୟିକ ଶ୍ରୀଯୁକ୍ତ ନାରାୟଣ ପୃଷେଠ । ସେ ହିଁ କବି ଶ୍ରୀଯୁକ୍ତ ରଥଙ୍କ ସହ ଯୋଗାଯୋଗ ରଖି ଏହି ଯୋଜନା ପ୍ରସ୍ତୁତ କରିଥାନ୍ତି । ଜାନୁଆରୀ ଶେଷ ଦିନ ପୂର୍ବରୁ ବରପାଲି ପହଂଚି ଯାଆନ୍ତି ବ୍ରଜନାଥ ରଥ, ନିଜ ସହିତ ତାଙ୍କ ସୁପୁତ୍ର ବ୍ରହ୍ମନାଥ ରଥଙ୍କୁ ନେଇ । କଲେଜର ବାସନ୍ତୀ ଅନୁଷ୍ଠାନ ଓ ବ୍ରଜନାଥ ରଥଙ୍କ ସେଥିରେ ଯୋଗଦାନ ପ୍ରସଙ୍ଗରେ ଆଲୋଚନା କଲେ, ତାହା ହେବ ଏକ ସ୍ୱତନ୍ତ୍ର ଗ୍ରନ୍ଥ ସେଥିରୁ ତେଣୁ ବିରତ ରହୁଛି । ବ୍ରଜନାଥ ରଥ ସଶରୀରରେ ଥିବା ବେଳେ ତାଙ୍କ ଜୀବନ ଓ ସାହିତ୍ୟକୁ ନେଇ ଯେଉଁ ଦୁଇଟି ଗ୍ରନ୍ଥ ପ୍ରକାଶିତ ହୋଇଥିଲା, ତାହାର ଗୋଟିଏ ଭାଗରେ ମୁଁ ଉକ୍ତ ବିଷୟରେ ସଂକ୍ଷିପ୍ତ ଆଲୋକପାତ କରିଛି ।

ବ୍ରଜନାଥ ରଥ ବରପାଲିରେ ବାଣ୍ଟି ଆସିଲେ ଅଜସ୍ର ମମତାର ଫୁଲ ଓ ୧୯୯୮ ମସିହାରେ କବିବର ରାଧାନାଥ ରାୟଙ୍କ ୧୫୦ତମ ଜୟନ୍ତୀ ଫକୀରମୋହନ ସାହିତ୍ୟ ପରିଷଦ । ସୋରର ରାଧାନାଥ ପାଠାଗାରର ସମ୍ମିଳିତ ଉଦ୍ୟମରେ ବାଲେଶ୍ୱରଠାରେ ଆୟୋଜିତ ହେଉଥାଏ । ଏହି ଶୁଭ ଅବକାଶରେ ବ୍ରଜନାଥ ରଥ ସ୍ମରଣ କଲେ ଆମକୁ । ଉତ୍ସବରେ ମୁଖ୍ୟଅତିଥି ଭାବରେ ଶ୍ରୀଯୁକ୍ତ ନାରାୟଣ ପୃଷେଠ ଓ ମୁଖ୍ୟବକ୍ତା ଭାବରେ ମୋତେ ଆନ୍ତରିକ ଆମନ୍ତ୍ରଣ ଜଣାଇଲେ ଚିଠିରେ । ତାଙ୍କ ସୁଗଭୀର ଶ୍ରଦ୍ଧାରେ ଟାଣି ହୋଇ ଆମେ ବାଲେଶ୍ୱର ପହଂଚିଥିଲୁ । ଆମ ସହିତ ଆସିଲେ ପ୍ରିୟ ଛାତ୍ର ଶୁକମୁନି ମେହେର, ଯିଏ ବର୍ତ୍ତମାନ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗରେ ଆସିଷ୍ଟାଣ୍ଟ ପ୍ରଫେସର ଭାବରେ କାର୍ଯ୍ୟରତ । ସେହି ସମୟରେ ବାଲେଶ୍ୱର ପହଂଚିବା ପରେ ଅନୁଭବ କରିଥିଲି ଅଦ୍ଭୁତ ଶିହରଣ । ରାଧାନାଥ ଜୟନ୍ତୀରେ ଯୋଗଦେଇ ଲାଭ କଲି ଅପୂର୍ବ ତୃପ୍ତି ଓ ତହିଁ ପରଦିନ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଅନୁରୋଧ କରି ସେ ଆମକୁ ଏକ ସ୍ୱତନ୍ତ୍ର ଗାଡ଼ିରେ ନେଇ ଫକୀରମୋହନ ଓ ରାଧାନାଥଙ୍କ ସ୍ମୃତିପୀଠ ସବୁ ବୁଲାଇ ଆଣିଲେ ପରମ ଶ୍ରଦ୍ଧାରେ ଫକୀରମୋହନଙ୍କ ଜନ୍ମସ୍ଥାନ, ଶାନ୍ତକାନନ, କବିପତ୍ନୀ କୃଷ୍ଣକୁମାରୀଙ୍କ ସମାଧି ଦେଖିଲା ବେଳକୁ ପ୍ରାଣରେ ଯେଉଁ ନିଗୂଢ଼ ଭକ୍ତିଭାବ, ଆତ୍ମୀୟତାର ସ୍ପନ୍ଦନ ସୃଷ୍ଟି ହେଉଥାଏ ତାହା ମୋତେ ଅତୀତର ଦୃଶ୍ୟ ଭିତରକୁ ନେଇ ଯାଉଥାଏ ଧ୍ୟାନମଗ୍ନ କରି ଦେଇ । ସ୍ୱଭାବ କବି ଗଙ୍ଗାଧର ମେହେର ଉତ୍କଳ ସମ୍ମିଳନୀରେ ଯୋଗ ଦେବା ପାଇଁ ଆସି ବ୍ୟାସକବିଙ୍କ ଗୃହରେ ଅବସ୍ଥାନ କରିଥିଲେ । କୃଷ୍ଣକୁମାରୀଙ୍କ ସମାଧି ଦେଖି ଫେରିବା ପରେ ତାଙ୍କୁ କେନ୍ଦ୍ର କରି ଲେଖିଥିଲେ କବିତା । ଏସବୁ କଥା ସ୍ମରଣ କରି ମୁଁ ଅନ୍ତରର ଭକ୍ତିଅର୍ଘ୍ୟ ନିବେଦନ କରୁଥିଲି ଓ ବ୍ରଜନାଥ ରଥ ଏହାପରେ ଆମକୁ ନେଇଗଲେ କେଦାରପୁର । ସେଠି ରାଧାନାଥଙ୍କ ଯେଉଁ ସୂକ୍ଷ୍ମ ସ୍ୱର ଶୁଣି ଥରି ଉଠିଥିଲି ମୁଁ, ସେଇ କାରଣରୁ କୌଣସି କବି, ମହାପୁରୁଷଙ୍କ ଷ୍ଟାଚ୍ୟୁକୁ କେବେହେଲେ ପ୍ରାଣହୀନ ମନେ କରି ପାରେନା । ବରଂ ଅତି ସହଜ ଓ ସ୍ୱାଭାବିକ ଭାବରେ ସେମାନଙ୍କ ସହ ହୋଇପାରେ ନିଃଶବ୍ଦ ଭାବ ବିନିମୟ ।

କବି ବ୍ରଜନାଥ ରଥ ମୋର ପିତୃପ୍ରତିମ । କିନ୍ତୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରପୌତ୍ର ବୋଲି ସମସ୍ତଙ୍କ ସହ ପରିଚିତ କରାଇଦେଉଥାନ୍ତି ସେ । ଗୌରାବାନ୍ୱିତ ହେବାର ଅନୁଭବ ବ୍ୟକ୍ତ କରି ଓ ଆଉ ମୋ ପ୍ରତି, ପ୍ରତିଟି ମୁହୂର୍ତ୍ତରେ ସର୍ବୋଚ୍ଚ ଶ୍ରଦ୍ଧା ପ୍ରକଟ କରୁଥାନ୍ତି ଓ ଅନୁରାଗଯୁକ୍ତ ଭକ୍ତିପୂର୍ଣ ତାଙ୍କ ନୟନ ଯୁଗଳରୁ ଗଙ୍ଗାଧରଙ୍କ ଉଦ୍ଦେଶ୍ୟରେ ଝରି ଆସୁଥାଏ ଭାବାବେଗର ଆଲୋକ କଣିକା । କି ଯେ ଅପୂର୍ବ ଭାବ-ସମ୍ପଦ ନେଇ ଫେରିଥିଲି ବାଲେଶ୍ୱରରୁ ତାହା ଜାଣେ ମୋର ଅନ୍ତରାତ୍ମା । ଆମ ଗୃହରେ ସଯତ୍ନେ ସାଇତା ହୋଇ ରହିଥିବା ଫକୀରମୋହନ, ରାଧାନାଥଙ୍କ ଚିଠି ସବୁ ପରମ ସମ୍ମାନ ସହକାରେ ସ୍ପର୍ଶ କରିଛି । ଉତ୍ତରାଧିକାର ସୂତ୍ରରେ ଯେଉଁ ସାରସ୍ୱତ ଦାୟିତ୍ୱ ମୋ ଉପରେ ସ୍ୱତଃ ହୋଇଛି ଅର୍ପିତ ତାହା ନିର୍ବାହ କରିଛି ଅତ୍ୟନ୍ତ ନିଷ୍ଠା, ଶ୍ରଦ୍ଧା ଓ ଆନନ୍ଦ ସହକାରେ ।

ବାଲେଶ୍ୱର ମାଟିକୁ ସ୍ପର୍ଶ କରିବା, ଫକୀରମୋହନ ଓ ରାଧାନାଥଙ୍କ ସ୍ମୃତି ପୀଠ ମଧ୍ୟରେ ପ୍ରବେଶ କରିବାର ଯେଉଁ ଆକାଂକ୍ଷା ମୋ ସଚେତନ ମନର ନୁହେଁ ଓ ତାହା ମୋ ଅନ୍ତରାତ୍ମାର ଅଭୀପ୍ସା, ଯାହା ସଂଲଗ୍ନ ହୋଇ ରହିଛି ମୂଳ ଉତ୍ସ ଗଙ୍ଗାଧରଙ୍କ ଚେତନା ସହିତ ଓ ସେହି ସମୟରେ ବ୍ରଜନାଥ ରଥଙ୍କ ବହି ଦୋକାନରେ ବି ବସିଛି । ସୁସଂଗଠକ ଓ କବି ପଞ୍ଚାନନ ସାରଙ୍କ ନିଷ୍ଠା ଦେଖି ଅଭିଭୂତ ହୋଇଛି । ବ୍ରଜନାଥ ରଥଙ୍କ ଗୃହରେ ଦିବ୍ୟାନ୍ନ ଗ୍ରହଣ କରି ଧନ୍ୟ ହୋଇଛୁ । ତାଙ୍କ ବିଶାଳ ଗ୍ରନ୍ଥାଗାର ଦେଖି ଚକିତ ହୋଇଛୁ । ନିଜ ଅମୂଲ୍ୟ କବିତା ବହି ସହ ବାଲେଶ୍ୱର ଅଂଚଳର କେତେ କବି ଲେଖକଙ୍କ ପୁସ୍ତକ ଉପହାର ଦେଇ ଆମକୁ କରିଦେଇଥିଲେ ସେ ସମ୍ପତ୍ତିଶାଳୀ । ଅଶ୍ରୁଳ ଭାବାବେଗର ସ୍ପର୍ଶରେ ଦେଇଥିଲେ ବିଦାୟ!!! ସେ ଯଦି ସଶରୀରେ ଥାଆନ୍ତେ ଆଉ ମୁଁ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ଆସିଥାନ୍ତି ସେ କିପରି ପରମ ଉଲ୍ଲାସର ସହ ମୋତେ ସ୍ୱାଗତ କରିଥାନ୍ତେ ! ମାତ୍ର ସେଇ ସୌଭାଗ୍ୟର ଅଧିକାରୀ ହେବା ଲେଖା ନଥିଲା କପାଳରେ । ତେବେ ବି ତାଙ୍କ ସ୍ନେହାଶିଷର ଉପଲବ୍ଧି - ବଳୟରେ ବିତାଇଛି ଘଟଣା ବହୁଳ କର୍ମମୟ ଜୀବନର ଅନ୍ତିମ ଅଧ୍ୟାୟ ପବିତ୍ର ବ୍ୟାସଭୂମି କୋଳରେ ।


ପ୍ରାକ୍ତନ ବିଭାଗ ମୁଖ୍ୟ,
ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ(ଓଡିଆ, ଇଂରାଜୀ, ଉର୍ଦ୍ଦୁ),
ଫକୀରମୋହନ ବିଶ୍ୱ ବିଦ୍ୟାଳୟ, ବ୍ୟାସବିହାର, ବାଲେଶ୍ୱର


## କବିତା...



**ପ୍ରଶାନ୍ତ କୁମାର ଦାଶ**

### ॥ କବିତା ॥

ତୁ ଯେତେ ଦୂର ପର୍ଯ୍ୟନ୍ତ ମୋର ଆଖି
ଡୋଳାରେ ଦିଶୁ,
ସେତିକି ହିଁ ମୋର ପୃଥିବୀ ।

ତୁ ଅମରତ୍ୱର ଅନାବୃତ ରହସ୍ୟ,
ତତେ ନାଟମଣ୍ଡପ କରି ସଜହୁଏ
ବିଭିନ୍ନ ବେଶରେ,
ତୁ କ୍ଷିତି, ଆପ୍, ତେଜ,
ମରୁତ ଓ ବ୍ୟୋମ ।

ମୁଁ ଯେତେଥର ଘନଘୋର ଅନ୍ଧାରରେ
ବାଟ ହୁଡିଛି
ତୋ ଆଖି ଆଲୁଅ ହୋଇ
କଢାଏ ମୋତେ ବାଟ,
ଯେବେ ଯେବେ ସଂସାରର ମୁହଁ
ମୋତେ ବିଜନ ବେଳା ପରି ଦିଶେ
ତୁ ପାର୍ବଣ ହୋଇ
ମୋ ଅନ୍ତରକୁ କରୁ ଉଚ୍ଛାଟ ।

ତତେ ଦର୍ପଣ କରି ଦେଖେ
ତତେ ଅତର କରି ମାଖେ,
ତତେ ପୋଷାକ ପରି ପିନ୍ଧେ
ତତେ ତୀକ୍ଷ୍ଣ ତୀର କରି
ମୋର ଶତ୍ରୁମାନଙ୍କୁ ବିନ୍ଧେ ।

ତୁ ଆଖି ଖୋଲିଲେ ସୂର୍ଯ୍ୟୋଦୟ,
ମୁଦିଲେ ସୂର୍ଯ୍ୟାସ୍ତ ।

ସୂର୍ଯ୍ୟ ଚାରିପଟେ ପୃଥିବୀ,
ମୋର ଚାରିପଟେ ତୁ ।


❤ ରେଗଡା, ଏମ୍.ରାମପୁର, କଳାହାଣ୍ଡି
ମୋ-୭୭୩୫୪୧୯୫୭୩




**ଅନ୍ନପୂର୍ଣ୍ଣା ମହାନ୍ତି**

### ॥ ଭିନ୍ନ କଳାପାହାଡ ॥

ମୁଁ ଯେତେଥର ଗଢିଛି ମୋ ରକ୍ତ ମାଂସର
ସ୍ୱେଦ ଶ୍ରଦ୍ଧାର, ଲୁହ ଲହୁର,
ମାୟା ଓ ମମତାର ସ୍ୱପ୍ନର ଉଆସ,
ତୁମେ ଛପି ଛପି ଆସି ଥରକୁ ଥର
ଅଣଚାଶ ପବନ ପରି
ଉଡେଇ ନେଇଛ,
ଉଜାଡି ଦେଇଛ
ସାଇତା ସୁନ୍ଦର ରଂଗୀନ ଘର ।

ନଇଁ ନାହିଁ
ଭାଂଗିନାହିଁ ଘର, ହାରି ନାହିଁ ।
ପୁଣି ତିଆରିଛି ଅପୂର୍ବ କଳାକୌଶଳରେ ।

ନିଷ୍ଠା ନିପୁଣତା
ଧୈର୍ଯ୍ୟ ସହିଷ୍ଣୁତା
ସବୁଥିଲେ ଉତ୍ତମ ବନ୍ଧୁପରି
ସୌକୁମାର୍ଯ୍ୟ ଏକାଗ୍ରତା
ରଖି ସାମର୍ଥ୍ୟ ସହଯୋଗୀ ପଣେ ।

ମୋ ଅତୃପ୍ତିର ଶେଷହୀନ ଇଚ୍ଛା
ମୁଣ୍ଡ ଟେକିଥାଏ,
ଗଢୁଥିବା ଉତ୍ତଙ୍ଗ କାରୁକାର୍ଯ୍ୟର
ଦୃଶ୍ୟମାନ ମନ୍ଦିରଟିଏ ।

ମୁଁ ଗଢୁଥାଏ ପୁନଶ୍ଚ
ପୂର୍ବଠୁ ଅଧିକ ନିଚିପର
କାରୁକାର୍ଯ୍ୟରେ; ରୁଚିର କୁଶଳତାରେ
ତୁମେ ତ ତୁମେ
ତୁମ ଖିଆଲି ଫୁତ୍କାରରେ ଭୂତଳଶାୟୀ ହୁଏ
ଗୋଟିଏ ମୁହୂର୍ତ୍ତରେ !

ତୁମ ବୟସ ବର୍ବର ଛାତିରେ
କଠିନ ସ୍ନାୟୁର ଚଞ୍ଚଳତା ଅଧିକ କଣ
କରିପାରେ ?
ଯା'ଠାରୁ ?

ମୋ ସର୍ବୋତ୍ତମ ଅନ୍ତରଙ୍ଗ ସ୍ଥାପତ୍ୟକୁ
ଅନ୍ତରଂଗ ଅନବଦ୍ୟ ଅଭୀପ୍ସାକୁ
ଯାହା ରକ୍ତରେ, ଜିଦ୍‌ରେ, ସାମର୍ଥ୍ୟରେ
ଅଛି ସୁପ୍ତ ସିଂହ ପ୍ରାୟେ
ଲୁଟାଇ ପାରିବକି ନିଜ ହୀନବୀର୍ଯ୍ୟରେ ?

ନା ପାରିବାନି ।


❤ ମାଧପୁର, କେନ୍ଦ୍ରାପଡା-୭୫୪୨୧୧
ମୋ-୬୩୭୦୯୮୮୨୮୭


### ॥ ଭିକ୍ଷା ॥



**ଐଶ୍ୱର୍ଯ୍ୟା ପ୍ରଧାନ**

ନା ମାଗିଛି କେବେ ସୁନାର ମହଲ
ନା ହେବାକୁ ଚାହୁଁଛି ଲବଙ୍ଗ ଦ୍ୱୀପର
ରାଜକୁମାରୀ
ପାଦ ତଳେ ଅଜାଡ଼ିବାକୁ ବି କହିନାହିଁ
ହୀରା, ନୀଳା, ମୋତି, ମାଣିକ୍ୟ .....
ନା ମାଗୁଛି ଶହେ ବର୍ଷର ଆୟୁଷ
ମାଗୁଛି ତ କେବଳ କିଛିଟା ମୁହୂର୍ତ୍ତ ।

ଗ୍ରହଣ କରିବି ମୁଁ
ଦେବ ଯଦି ତୁମର ଉତ୍ତରୀୟ
ସେଠି ବି ତ ମହକୁ ଥିବ
ଭୁରୁଭୁରୁ ବାସ୍ନା ତୁମ ଦେହର
ପ୍ରେମର ଗନ୍ଧ ଏତେ ମାଦକତା ଭରା ଯେ
ରଙ୍ଗେଇ ହେଇଯିବ ସପ୍ତରଙ୍ଗ
ଆଉ ରଙ୍ଗୀନ ଦିଶିବ ଅମ୍ଳାନ ବସ୍ତ୍ର !

ଚାହୁଁଛି ତୁମ ବକ୍ଷରେ ଆଉଜି ହୋଇ
ନିରବି ଯାଆନ୍ତି କିଛି କ୍ଷଣ
କୋଳାହଳମୟ ପୃଥିବୀରୁ ନିସ୍ତରି
କିଛିଟା ନିସ୍ତବ୍ଧ ସମୟକୁ
ଧରି ପକାନ୍ତି ହାତ ପାହାନ୍ତରେ !
ଏ ଲାସ୍ୟମୟୀ ଜହ୍ନ ରାତିରେ
ପାଲଟି ଯାଆନ୍ତି ମୁଁ ଛାୟା ସଙ୍ଗିନୀ
ବାସ୍, ଅନୁମତି ଦିଅ ଥରେ
ବିଲୀନ ହୋଇଯିବାକୁ ଚାହେଁ ତୁମ
କାୟାରେ ।


❤ କନ୍ଧେଇମାଳ, ଉତ୍‌କେଲା,
କଳାହାଣ୍ଡି




**ସୁଧୀର ମେହେର**

### ॥ ନିୟତି ॥

କୁଆଡେ
ଭାଗ୍ୟରେ ନ ଥିଲେ କିଛି ବି ମିଳେନି ।

ବର୍ଷିବ ବର୍ଷିବ
ହେଉଥିବା ମେଘଟା ବି
ଛୁ' ହେଇଯାଏ ଆଖିପିଛୁଳାକେ,
ଫୁଲ, ଫଳରେ ଭର୍ତ୍ତି ଗଛଟା ବି
ଝାଉଁଳି ପଡେ ଅକାରଣେ ।

ସାତ ଜନ୍ମର ତପସ୍ୟା ବି
ମାଟି ହୋଇଯାଏ,
ପୁଣି ଦୁବ କଅଁଳୁ ନଥିବା ମାଟି ବି
ଶସ୍ୟଶ୍ୟାମଳା ପାଲଟି ଯାଏ
କୁଆଡେ....
ଯାହା ଭୋଗିବାର ଥାଏ,
ଆଗତୁରା ଲେଖା ହୋଇଥାଏ
କପାଳରେ ।

ବେଳେ ବେଳେ ଲାଗେ-ପାପୁଲିର
ରେଖାସବୁ ବି ମିଛ କହେ,
କପାଳର ରେଖା ବି ବଦଳି ଯାଏ...
ଯେମିତି କେହି ଜଣେ ଆମକୁ
ଜଗି ବସିଥାଏ,
ଅହର୍ନିଶି ଆମ ଗତିବିଧିକୁ ନିରୀକ୍ଷଣ କରି
ତା' ଟିପାଖାତାରେ କ'ଣ ସବୁ
ଟିପି ନେଉଥାଏ
ଫୁରସତ୍ ଦେଖି ଭୁଲ୍ ଠିକ୍ ବିଚାର କରେ...
କେହି ବି ତା'ଆଖିରୁ ବର୍ତ୍ତି ଯିବା
ଏତେ ସହଜ ନୁହେଁ ।

ଯେମିତି
ସବୁକିଛି ଘଟି ଚାଲିଥାଏ
ତା'ର ଅଦୃଶ୍ୟ ଇଙ୍ଗିତରେ,
ତା'ବିନା ଗଛର ପତ୍ରଟିଏ ବି
ହଲିବା ସମ୍ଭବ ନୁହେଁ ।


❤ ଚିଟୈଗୁଡା,ଚିଟୈଗୁଡା,
କଳାହାଣ୍ଡି -୭୬୬୦୧୪
(ମୋ) ୯୫୮୩୫୮୮୮୭


### ॥ ଗଜଲ୍ : ହରେଇଛି ବୋଲି ॥

**ମାନସ ରଞ୍ଜନ ପଣ୍ଡା**



ହରେଇଛି ବୋଲି ପାଇଛି ସିନା ମୁଁ ହାରିଲେ ବି ବାରବାର,
ଯେଉଁଦିନ ସିଏ ଜିତିଲା ମୋ ଠାରୁ ଝୁରିଛି ବି ବାରବାର ।

ହାରିବା ଜିତିବା ଝିମିଟି ଖେଳରେ ଜୀବନ ବି ଜୁଆଘର
ହରେଇଲା ପରେ ଆଖିର ଲୁହରେ ଭିଜିଛି ବି ବାରବାର ।

ଅନେକ ଅବୁଝା କିଛି କିଛି ବୁଝା ମନ ବି ମଉନାବତୀ,
ମନ ଦେଲା ପରେ ମାନିନୀ ପାଖରେ ମରିଛି ବି ବାରବାର ।

ମୁଠେ ପାଉଁଶରେ ଜୀବନ ଯେଉଁଠି ସରିଯାଏ ଅବେଳରେ
ହାରିବା ଜିତିବା ତୁଚ୍ଛା କଥାକୁ ମୁଁ ଭାବିଛି ବି ବାରବାର ।

ମମତା ପଖଳା ମାନସ ଆଖିକୁ ଯେତେ ବି ଦିଅ ଆଘାତ
କୋଳେଇ ନେବ ସେ ପ୍ରୀତି ସୋହାଗରେ କଣ୍ଟା ବି ବାରବାର ।


❤ ସମ୍ପାଦକ ଏଯାବତ୍, ଆରଡ଼ି, ଭଦ୍ରକ -୭୫୬୧୩୮
(ମୋ) ୯୮୨୭୬୩୧୫୩୪

# କିଛିଟା ନାନ୍ଦନିକ ସୁଖ ଓ ସ୍ୱୀକୃତି ପାଇବା ଆଶାରେ ମୁଁ ସାହିତ୍ୟ ରଚନା କରେ : ଧନଞ୍ଜୟ ସ୍ୱାଇଁ

**କବି ଧନଞ୍ଜୟ ସ୍ୱାଇଁ,** ଓଡଆ ଗୀତିକବିତା ଜଗତରେ ଗୋଟେ ସ୍ୱଷ୍ଟ ପାଦଚିହ୍ନ । ଆକାଶ, ଝରଣା, ପାହାଡ, ତରୁଲତା, ଜହ୍ନ, ଫୁଲ ଓ ଚିଠିକୁ ନେଇ ତାଙ୍କ କବିତାର ପୃଥିବୀ ଲାଗେ ବେଶ୍ ନିଆରା । ଅନୁଭବର ତୁଳୀରେ ତାଙ୍କ ସୃଜନର ଆକାଶ ଦିଶେ ନୀଳିମାମୟ । କେତେବେଳେ ଚୋରା ଚଇତାଳି ତ କେତେବେଳେ ଟିପି ଟିପି ବର୍ଷା ବୁନ୍ଦାର ଅନୁରାଗ ଦେଇ ସେ ତିଆରି କରନ୍ତି କବିତାର ବର୍ଣ୍ଣମାଳା । ତାଙ୍କ ସହ ଏଥରର ଆଳାପ...



ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ? ସେ ସମୟର ସ୍ଥିତି ଓ ଏବେକାର ସ୍ଥିତି ମଧ୍ୟରେ କଣ ଫରକ୍ ଦେଖନ୍ତି ?

■■ ନବେ ଦଶକରେ କୋରାପୁଟରେ ଓଡିଶା ପ୍ରଶାସନିକ ସେବାର ଜଣେ ଶିକ୍ଷାନବୀଶ ଥିଲାବେଳେ ସୃଜନକର୍ମ ପ୍ରତି ଆକୃଷ୍ଟ ହୋଇ ଲେଖାଲେଖିରେ ମନୋନିବେଶ କଲି । ସେତେବେଳେ ଡିଜିଟାଲ ଲିଟରେଚର, ଇ-ସାହିତ୍ୟ, ସୋସିଆଲ ମିଡିଆର ପ୍ରଭାବ ନଥିଲା କହିଲେ ଠିକ୍ ହେବ । ସାହିତ୍ୟରେ ପ୍ରକୃତି, ପ୍ରେମ, ମାନବୀୟ ସମ୍ବେଦନା ଅଧିକ ଥିଲା ସେତେବେଳେ । ଏବେତ ସାହିତ୍ୟରେ ପ୍ରତ୍ୟାଶାକାଂକ୍ଷୀ ସୃଜନ ଅଧିକ ପରିଦୃଷ୍ଟ । ବହୁ ପାଠିତା ସାହିତ୍ୟିକମାନଙ୍କ ଭିତରେ ନାହିଁ କହିଲେ ଚଳେ । ପୁରସ୍କାର ନାଁରେ ଅନେକ ସଂଗଠନର ହଟଚମଟ ଓ ବ୍ୟବସାୟିକତା ସୃଷ୍ଟ ପ୍ରକାଶନ- ଏବର ସାହିତ୍ୟକୁ କବଳିତ କରିଛି କହିଲେ ଭୁଲ୍ ହେବନାହିଁ ।

■ ପ୍ରଥମ କବିତା ପ୍ରକାଶନର ଅନୁଭୂତି କିପରି ଥିଲା ?

■■ ୨୦୦୨ ମସିହାର କଥା । ମାଲକାନଗିରି ଜିଲ୍ଲାର ସଦର ବ୍ଲକରେ ବିଡିଓ ଥିଲାବେଳେ ଏପ୍ରିଲର କେଉଁ ଏକ ଗ୍ରୀଷ୍ମଦଗ୍ଧ ଅପରାହ୍ନରେ ଘରେ କାମ କରୁଥିବା ନିନିର ଜଡାତେଲ ମଖା ଫଳିକିଆ ଖୋସାରେ କୁରେଇଫୁଲର ଡାଳଖଣ୍ଡେ ଖୋସିଥିବାର ଦେଖି କବିତାଟିଏ ଲେଖିଥିଲି 'କୁରେଇଫୁଲର ଖୋସା' ଓ ମୋର ପ୍ରଥମ ସଂକଳନର ସେଇ ନାଁରେ ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ବିନୋଦବିହାରୀ ପ୍ରକାଶ କରିଥିଲେ ।

■ ବର୍ତ୍ତମାନ ସୁଦ୍ଧା ଆପଣଙ୍କର କେତୋଟି ପୁସ୍ତକ ପ୍ରକାଶିତ ?

■ **ଅକ୍ଷରେ ଧନଞ୍ଜୟ ସ୍ୱାଇଁ**

ଜନ୍ମ ୧୮.୦୭.୧୯୬୩

ଠିକଣା- ମଙ୍ଗଳାଳୟ,ପ୍ଲଟ ନଂ- ୩୪୮. ରାଜେନ୍ଦ୍ରନଗର, ମଙ୍ଗଳା ମନ୍ଦିର ରୋଡ, କଟକ-୧୦



■ **ପ୍ରକାଶିତ ପୁସ୍ତକ** ■ :

୧. କୁରେଇଫୁଲର ଖୋସା
୨. ମିଠା ଜହ୍ନରାତି
୩. ଗାଁ ଗୀତ
୪. ଚଇତି ଚିଠି
୫. ଅଶିଣ ଜହ୍ନର ଗୀତ
୬. ଲୁହ ଲଫାପାର ଚିଠି
୭. ତୁମ ଗାଁ ବର୍ଷା
୮. କଅଁଳଖରାର ଝୋଟି
୯. କରୋନା ଶତକ
୧୦. ତୁଠ ଓ ପାଣି ଶିଉଳିର ଫୁଲ
୧୧. କୁନି କଳିକା (ଶିଶୁ କବିତା ସଂକଳନ)
୧୨. କଥାଟି ଭିତରେ ନଥାଟି (ଶିଶୁ କବିତା ସଂକଳନ)

ସେଥିମଧ୍ୟରୁ କେଉଁଟି ପ୍ରିୟ ଓ କାହିଁକି ?

■■ ଏଯାବତ୍ ମୋର ୧୧ଟି କବିତା ପୁସ୍ତକ ଓ ୨ଟି ଶିଶୁ କବିତା ସଂକଳନ ପ୍ରକାଶିତ । ସେଥିମଧ୍ୟରୁ 'ଗାଁ ଗୀତ' ପୁସ୍ତକଟି ମୋର ଅତି ପ୍ରିୟ କାରଣ ଆଧୁନିକ ନଗର କୈନ୍ଦ୍ରିକ ସଂସ୍କୃତି ସହିତ ପଲ୍ଲୀ ସଂସ୍କୃତି ବିରୋଧାଭାସ ହେଉଛି ଏ ବହିଟିର ଆକର୍ଷଣ । ଭାଂଗି ଯାଇଥିବା ଗ୍ରାମ୍ୟଜୀବନ ପ୍ରତି ସ୍ରଷ୍ଟାଙ୍କ ସ୍ୱର ଓ ସଚେତନତା ହିଁ ଏହି ପୁସ୍ତକର ମୁଖ୍ୟସ୍ୱର ।

■ ଆପଣଙ୍କର ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ? କେଉଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଆଦର୍ଶ ନେଇ ଏ ଯାତ୍ରା ?

■■ କବି ଅବା ଲେଖକ ହୁଅନ୍ତୁ, ଖାଲି ବ୍ୟକ୍ତି ବା ସମାଜ ନୁହେଁ, ପ୍ରକୃତି ପାଖରେ ଆମେ କୃତଜ୍ଞ । ଯଦି ଆକାଶ, ଝରଣା, ପାହାଡ, ତରୁଲତା, ଜହ୍ନ, ଅରଣ୍ୟର ସୁଷମା କିମ୍ବା ଫୁଲର ସୁଗନ୍ଧ ନଥାନ୍ତା; ମୌସୁମୀ, ଚଇତାଳି କି ଝାଞ୍ଜି ନଥାନ୍ତା; କଙ୍କି, ପ୍ରଜାପତି କି ଗୁଣ୍ଡୁଚି ନଥାନ୍ତେ- ତାହେଲେ ଏତେ ଅଭିଜ୍ଞତା ବା ଅନୁଭୂତି କବି ବା ଲେଖକଟିଏ କେଉଁଠୁ ପାଆନ୍ତା ? ତେଣୁ ପ୍ରକୃତି ମୋର ଆଦ୍ୟ ପ୍ରେରଣା । କଲେଜ ଜୀବନରେ ଗୋପାଳ କାନୁନ୍‌ଗୋଙ୍କ ଓମାରଖୟାମ୍‌ର ମର୍ମାନୁବାଦ ଓ ରାଧାମୋହନ ନାୟକଙ୍କ ମେଘଦୂତ, କାବ୍ୟର ଓଡିଆ ଅନୁବାଦ ପଢି ମୁଁ ଗଭୀର ଭାବେ ପ୍ରଭାବିତ ହୋଇଥିଲି । କିଛିଟା ନାନ୍ଦନିକ ସୁଖ ଓ ସ୍ୱୀକୃତି ପାଇବା ଆଶାରେ ମୁଁ ସାହିତ୍ୟ ରଚନା କରେ ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବକି ?

■■ ହଁ, କବିତାର ଅଭିବ୍ୟକ୍ତି ମାଧ୍ୟମରେ ଭାଷା ବିବିଧତାକୁ ସମର୍ଥନ ଓ ପ୍ରୟୋଗ କରିପାରିଲେ ଭାଷା ସଙ୍କଟରୁ ଆଂଶିକ ମୁକ୍ତି ମିଳିପାରିବ ।

■ ଆପଣଙ୍କ ଅଧକାଂଶ କବିତାରେ ପଲ୍ଲୀ ପ୍ରକୃତି ଓ ରୋମାଣ୍ଟିକ ଚେତନାର ଚିତ୍ର ଦୃଶ୍ୟମାନ ହେଉଥିବା ବେଳେ ସାମ୍ପ୍ରତିକ ସମୟର ଘଟଣା ପ୍ରଭାବକୁ ନେଇ କମ୍ ଲେଖନ୍ତି କାହିଁକ ?

■■ ମୋର ଲେଖାଗୁଡିକ ମାନବୀୟ ସମ୍ପର୍କ, ସମ୍ବେଦନା, ପ୍ରେମ, ପ୍ରିୟପଣ, ପଲ୍ଲୀପ୍ରାଣତା ଉପରେ ବେଶ୍ ଆଧାରିତ । ଅନ୍ୟ ପ୍ରସଙ୍ଗ ଯେଉଁଗୁଡିକ ଅବାସ୍ତବ ଓ ଅତିରଂଜିତଧର୍ମୀ- ତାହା ମୁଁ କବିତାରେ ବଖାଣେ ନାହିଁ । ଅନ୍ୟ ପ୍ରସଙ୍ଗରେ ଲେଖିନାହିଁ କହିବା ଠିକ୍ ହେବନାହିଁ । କରୋନା ଲକ୍‌ଡାଉନ୍ ସମୟରେ ମୁଜାଫରପୁର ରେଳପ୍ଲାଟଫର୍ମ ଉପରେ ଏକ ମୃତ ମାଆ ଉପରୁ ଏକ ଅବୋଧ ଶିଶୁ କ୍ଷୀର ପିଇବା ଆଶାରେ କପଡା କାଢିବା ଦୃଶ୍ୟ ଦେଖି କରୋନା କବିତା ଶ୍ରମଜୀବିମାନଙ୍କ ଉପରେ ଲେଖିଛି- ଯାହା 'କରୋନା କବିତା' ନାମରେ ବହିଟିଏ ମୋର ଆତ୍ମପ୍ରକାଶ କରିଛି ।



ପତ୍ନୀଙ୍କ ସହ କବି ଧନଞ୍ଜୟ ସ୍ୱାଇଁ...

■ ଆପଣଙ୍କ ମତରେ କବିତାର ସଂଜ୍ଞା କଣ ? ବାସ୍ତବରେ ସାହିତ୍ୟ ଆପଣଙ୍କର ବ୍ୟକ୍ତିଗତ ଜୀବନକୁ କେତେ ପ୍ରଭାବିତ କରିଛି ?

■■ କବିତା ସମ୍ପର୍କରେ କୌଣସି ଦାର୍ଶନିକ ବା ବୌଦ୍ଧିକ ଅଭିବ୍ୟକ୍ତି ଦେଉନି । ଯେଉଁ କବିତା ପାଠକର ବହୁଦିନ ପର୍ଯ୍ୟନ୍ତ ମନେରହେ, ମୁଁ ତାକୁ ଭଲ କବିତା କୁହେ । ଘଣ୍ଟା ଘଣ୍ଟା କସରତ କରି ଯେଉଁ କବିତା ସୃଷ୍ଟିହୁଏ ତାହା କ୍ଷଣସ୍ଥାୟୀ । ହୃଦୟର ଭାବସ୍ପନ୍ଦନରୁ ସୃଷ୍ଟ କବିତାର ଏକ ଚିରନ୍ତନ ଆବେଦନ ଥାଏ । ମୋ ଲେଖାର କୌଣସି ଏକ ଘଟଣାରେ ମୁଁ ଥିଲେ ଯାହା କରିଥାନ୍ତି, ମୋର ଚରିତ୍ର ମଧ୍ୟ ତାହା କରେ ।

■ ଓଡିଆ ସାହିତ୍ୟର ଭବିଷ୍ୟକୁ ନେଇ ଆପଣ କେତେ ଆଶାବାଦୀ ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରିବ ?

■■ ଓଡିଆ ସାହିତ୍ୟର ବାଣୀଭଣ୍ଡାର ଆମର ବହୁବିଧ ସାହିତ୍ୟିକ ବିଭବରେ ପୁଷ୍କଳ ଓ ପରିପୁଷ୍ଟ । ଏହାର ଭବିଷ୍ୟତ ଉଜ୍ଜ୍ୱଳ । ଆମର ପ୍ରବନ୍ଧର ମନନଶୀଳତା କବିତାର ସୌକୁମାର୍ଯ୍ୟ, ଗଳ୍ପର ଗରିମା କୌଣସି ପ୍ରାନ୍ତୀୟ/ ପ୍ରତିବେଶୀ ସାହିତ୍ୟ ଠାରୁ ନ୍ୟୁନ ନୁହେଁ । ଆମଦାନୀ କରା ବିଦେଶର ତତ୍ତ୍ୱ ଓ ବାଦର ବଖାଣ ଅପେକ୍ଷା ଆମ ଜନଜୀବନର କଥା, ମାଟି ମଣିଷର କଥା ସାଧାରଣ ଲୋକ ଭାଷାରେ ପରଶି ପାରିଲେ ଏହା ସାଧାରଣ ଲୋକଙ୍କ ପାଖରେ ପହଂଚିପାରିବ ।

■ ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ନୂଆପିଢିର ଲେଖକମାନଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ? ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ବୋଲି ଆପଣ ଭାବନ୍ତି ?

■■ ମୋର ବିଶ୍ୱାସ ସୃଜନକର୍ମରେ ବ୍ୟାପୃତ ମଣିଷଟି ବହୁପାଠୀ ହେବା ଉଚିତ୍ । ଏହି ବହୁପାଠିତା ତାର ଭାଷାଜ୍ଞାନ, ଶୈଳୀ, ଶବ୍ଦ ସଂଯୋଜନା, ଶିଳ୍ପକଳା, ପ୍ରସଙ୍ଗ ଚୟନରେ ଅନେକ ସାହାଯ୍ୟ କରିବା ସହିତ ସୃଜନକାର୍ଯ୍ୟର ମାନ, ଗୁଣ ବୃଦ୍ଧିରେ ସହାୟକ ହୋଇଥାଏ । ଆଉ ହଁ, ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ ନାହିଁ ବୋଲି କହିଲେ ଏକ ବୌଦ୍ଧିକ ଛଳନା ହେବ । ପୁରସ୍କାର ଲେଖକକୁ ପ୍ରେତ୍ସାହିତ ଓ ପ୍ରଚୋଦିତ କରେ । ସୃଜନକର୍ମରେ ଅଧିକରୁ ଅଧିକ ଅଭିନିବେଶ କରିବା ପାଇଁ ଆଗ୍ରହ ସୃଷ୍ଟି କରେ; ଫଳରେ ଲେଖକଟି ତାର ସୃଷ୍ଟି ମାଧ୍ୟମରେ ସମାଜ ପାଖରେ ଉତ୍ତରଦାୟୀ ରହେ । ♥



କବି ଧନଞ୍ଜୟ ସ୍ୱାଇଁଙ୍କ ପରିବାର ।

## ଲୋକ ପ୍ରତିନିଧିମାନଙ୍କ ପାଇଁ ବୈଧାନିକ ସୁରକ୍ଷା

**ପୁଷ୍ପମିତ୍ର ମହାପାତ୍ର**

ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଏକ ଐତିହାସିକ ରାୟ ପ୍ରଦାନ କରି ବିଧାୟକ ଓ ସାଂସଦଙ୍କ ଭଳି ଲୋକପ୍ରତିନିଧି ମାନଙ୍କର ବୈଧାନିକ ସୁରକ୍ଷା ସମ୍ପର୍କରେ ପ୍ରଧାନ ବିଚାରପତିଙ୍କ ନେତୃତ୍ୱରେ ଗଠିତ ସାମ୍ବିଧାନିକ ସମ୍ବିଧାନ ପୀଠ କହିଛନ୍ତି ଯେ ବିଧାୟକ ଓ ସାଂସଦମାନେ ଲାଞ୍ଚ ଗ୍ରହଣ କରି ସଦନରେ କାହା ସପକ୍ଷରେ ଭୋଟ ଦେଲେ ବା ମତ ରଖିଲେ ସେ କ୍ଷେତ୍ରରେ ସେମାନଙ୍କୁ ଆଇନଗତ ସୁରକ୍ଷା ମିଳିପାରିବ ନାହିଁ। କେବଳ ସେତିକିନୁହେଁ ସେମାନେ ଏହି କାର୍ଯ୍ୟରେ ଲିପ୍ତ ଥିଲେ ସେମାନଙ୍କ ବିରୁଦ୍ଧରେ ଲାଞ୍ଚ ଗ୍ରହଣ ଅଭିଯୋଗରେ ଆଇନଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଇପାରିବ। ଏଠାରେ ସୂଚନା ଥାଉକି ଏହି ରାୟର ଗୁରୁତ୍ୱ ଯଥେଷ୍ଟ ପ୍ରଭାବଶାଳୀ ଓ ଏହା ଆମ ଲୋକ ପ୍ରତିନିଧିଙ୍କ ଆଚରଣ ସହ ଆଇନଗତ ସୁରକ୍ଷାକୁ ଏଣିକି ପ୍ରଭାବିତ କରିବ। ଯାହାଦ୍ୱାରା ସେମାନଙ୍କର ନିରଙ୍କୁଶତା ଓ ଆଇନଗତ ସୁରକ୍ଷା ଢ଼ାଲର ଅବସାନ ଘଟିଛି।

ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ ସଂସଦ ଓ ବିଧାନସଭାର କାର୍ଯ୍ୟ ସହିତ ସମ୍ପର୍କ ନଥିବା କୌଣସି ପ୍ରସଙ୍ଗରେ ସମ୍ପୃକ୍ତ ଲୋକ ପ୍ରତିନିଧିଙ୍କୁ ବିଶେଷାଧିକାର ବା ସୁରକ୍ଷା ଦିଆଗଲେ ସେମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଶ୍ରେଣୀ ସୃଷ୍ଟି ହେବ। ଏହା ଫଳରେ ଦେଶରେ ଆଇନକାନୁନ ସେମାନଙ୍କ ପ୍ରତି ଲାଗୁ ହେବନାହିଁ ଏବଂ ସେମାନେ ଆଇନକାନୁନର ପ୍ରୟୋଗ କ୍ଷେତ୍ରରେ ନିରଙ୍କୁଶ ରିହାତି ବା ଛାଡ଼ ପାଇବେ। ଏହାର ଅର୍ଥ ଦେଶର ଆଇନ ସମସ୍ତଙ୍କ ପାଇଁ ସମାନ ଏବଂ କେହି ଆଇନ ବହିର୍ଭୂତ କାର୍ଯ୍ୟ କଲେ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ବାଧ। ସୁପ୍ରିମକୋର୍ଟ ଆହୁରି ସ୍ପଷ୍ଟ କରି ଦେଇଛନ୍ତି ଯେ ରାଜ୍ୟସଭା, ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ ଆଦିରେ ଯେଉଁ ସଂସଦୀୟ ବିଶେଷାଧିକାର ବା ପାର୍ଲାମେଣ୍ଟାରୀ ପ୍ରିଭିଲେଜ ରହିଛି, ତାହା ଏଣିକି ସାମ୍ବିଧାନିକ ବ୍ୟବସ୍ଥାର ଅଧୀନକୁ ଆସିବ। ଏହି ମାମଲାରେ ସଂସଦୀ ବିଶେଷାଧିକାରର ସୁରକ୍ଷା ପାଇଁ ଦେଶର ବହୁ ନାମୀ ଦାମୀ ଆଇନଜ୍ଞ ସୁପ୍ରିମକୋର୍ଟରେ ଦୁଇଦିନ ଧରି ନିଜର ଯୁକ୍ତି ଉପସ୍ଥାପନ କରିଥିଲେ। ସମ୍ବିଧାନ ପୀଠ ଏସବୁ ଯୁକ୍ତି ଶୁଣିବା ପରେ ନିଜର ରାୟକୁ ସ୍ଥଗିତ ରଖିଥିଲେ ଏବଂ ଶେଷରେ ତାହା ସାର୍ବଜନୀନ ହୋଇଛି। ଏହି ପ୍ରସଙ୍ଗରେ ଏକ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ପୃଷ୍ଠଭୂମି ରହିଛି। ୧୯୯୮ରେ ପି.ଭି. ନରସିଂହରାଓ ବନାମ ସିବିଆଇ ମାମଲାରେ ସୁପ୍ରିମକୋର୍ଟର ପାଞ୍ଚଜଣିଆ ସମ୍ବିଧାନ ପୀଠ ସଂଖ୍ୟାଗରିଷ୍ଠ ରାୟରେ କହିଥିଲେ ଯେ ସାଂସଦ ଓ ବିଧାୟକମାନେ ସଂସଦରେ ନିଜର ଭାଷଣ, ଭୋଟଦାନ ଭଳି ପ୍ରସଙ୍ଗରେ ସୁରକ୍ଷାର ବିଶେଷାଧିକାର ପାଇବାକୁ ହକଦାର। ସମ୍ବିଧାନର ଧାରା ୧୦୫ (୨) ଓ ୧୯୪ (୨)ରେ ସେମାନଙ୍କୁ ଏହି ଅଧିକାର ଓ ସୁରକ୍ଷା ପ୍ରଦାନ କରାଯାଇଛି। ତେଣୁ ସେମାନେ ସଦନରେ କ'ଣ କହିଲେ କାହାକୁ ଭୋଟ ଦେଲେ ସେ ପ୍ରସଙ୍ଗକୁ ନେଇ ସେମାନଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ କରାଯାଇ ପାରିବ ନାହିଁ। ସେତେବେଳେ ଏହି ପ୍ରସଙ୍ଗର ଅବସାନ ଘଟିଥିଲେ ମଧ୍ୟ ଅନୁରୂପ ଏକ ମାମଲା ୨୦୧୯ରେ ସୁପ୍ରିମକୋର୍ଟଙ୍କ ବିଚାର ପାଇଁ ଆସିଥିଲା। ତତ୍କାଳୀନ ପ୍ରଧାନ ବିଚାରପତି ରଞ୍ଜନ ଗୋଗେଇଙ୍କ ଅଧ୍ୟକ୍ଷତାରେ ଗଠିତ ପୀଠ ଜେଏମଏମ ଲାଞ୍ଚ ମାମଲାରେ ଛନ୍ଦି ହୋଇଥିବା ଦଳର ନେତା ଶିବୁ ସୋରେନଙ୍କ ବୋହୂ ସୀତା ସୋରେନଙ୍କ ପକ୍ଷରୁ ଦାଏର ହୋଇଥିବା ଏକ ମୋକଦ୍ଦମାର ଅନୁଧ୍ୟାନ କରିଥିଲେ। ଜଷ୍ଟିସ ଗୋଗେଇଙ୍କ ନେତୃତ୍ୱରେ ଗଠିତ ୫ଜଣିଆ ସମ୍ବିଧାନ ପୀଠ ଏହି ମାମଲାଟିକୁ ଗଭୀର ଭାବେପ ଅନୁଧ୍ୟାନ କରି କହିଥିଲେ ଯେ ଏହା ସାଧାରଣ ମାମଲା ନୁହେଁ। ଏହାର ସର୍ବସାଧାରଣ ଗୁରୁତ୍ୱ ଏବଂ ବୃହତ୍ତର ପ୍ରଭାବ ରହିଛି। ତେଣୁ ମାମଲାଟି ସମ୍ବିଧାନର ତର୍ଜମାର ନୂଆ ଅଧ୍ୟାୟ ଆରମ୍ଭ କରିଥିଲା । ୨୦୧୨ ରାଜ୍ୟସଭା ନିର୍ବାଚନରେ ଜେଏମଏମର ବିଧାୟିକା ସୀତା ସୋରେନ ଜଣେ ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କୁ ସମର୍ଥନ କରିଥିଲେ। ଏହା ଏକ ପ୍ରସଙ୍ଗ ହେବାରୁ ସେ ସଫେଇ ଦେଇଥିଲେ ଯେ ସାଂସଦ ଓ ବିଧାୟକଙ୍କ ବିରୋଧରେ ସେମାନଙ୍କ ସଂସଦୀୟ କାର୍ଯ୍ୟ ପାଇଁ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାର ସାମ୍ବିଧାନିକ ସୁରକ୍ଷା ବ୍ୟବସ୍ଥା ରହିଛି। ତେଣୁ ତାଙ୍କ ବିରୋଧରେ ଏହି ଭୋଟ ଦାନ ମାମଲାରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ହୋଇପାରିବ ନାହିଁ। ଏଭଳି ଏକ ମାମଲାର ରାୟ ଭିତ୍ତିରେ ତାଙ୍କ ଶ୍ୱଶୁର ଶିବୁ ସୋରେନ ଜେଏମଏମ ଲାଞ୍ଚ ମାମଲାରୁ ମୁକ୍ତି ହୋଇଥିବାରୁ ତାଙ୍କ (ସୀତା) ବିରୋଧରେ ମଧ୍ୟ ସମାନ ନିୟମ ଲାଗୁ ହେଉ। ଝାଡ଼ଖଣ୍ଡ ହାଇକୋର୍ଟଙ୍କ ରାୟ ବିରୋଧରେ ସୀତା ସୋରେନ ୨୦୧୪ ଫେବୃଆରୀ ୧୭ରେ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ସର୍ବୋଚ୍ଚ ଅଦାଲତ କିନ୍ତୁ ହାଇକୋର୍ଟଙ୍କ ରାୟକୁ କାଏମ ରଖି ସୀତାଙ୍କୁ ଅପରାଧିକ ମାମଲାରୁ ମୁକ୍ତ କରିବାକୁ ଅନୁମତି ଦେଇନଥିଲେ। ଏଠି ପ୍ରଶ୍ନ ହେଉଚି ସମ୍ବିଧାନରେ ବାସ୍ତବରେ ସାଂସଦ ଓ ବିଧାୟକଙ୍କୁ କି ପ୍ରକାର ଆଇନଗତ ସୁରକ୍ଷା ଦିଆଯାଇଛି ଓ ତାହାର ବାସ୍ତବ ସ୍ୱରୂପ କଣ ତାହାର ତର୍ଜମା। ସେହି ସର୍ବୋଚ୍ଚ ଅଦାଲତ ଗୋଟିଏ ପ୍ରସଙ୍ଗରେ ସଂସଦୀୟ ବିଶେଷାଧିକାରକୁ ସମ୍ବିଧାନ ସମ୍ମତ କହିବା ବେଳେ ଆଉ ଏକ ଘଟଣାରେ ପୂର୍ବ ରାୟର ସମୀକ୍ଷା କରିବାକୁ କହିଥିଲା। ଏବେ ଏକ ବୃହତ୍ତର ସମ୍ବିଧାନ ପୀଠ ସମ୍ପୂର୍ଣ୍ଣ ଭାବେ ନୂଆ ରାୟ ଦେଇ କହିଛନ୍ତି ଯେ ଲାଞ୍ଚ ନେଇ ସଂସଦରେ ଭାଷଣ ଦେବା ଏବଂ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ରାଜ୍ୟସଭା ନିର୍ବାଚନ ଭଳି ପ୍ରସଙ୍ଗରେ ଭୋଟ ଦେବା ଆଇନ ବିରୋଧୀ। ଏହାର ବୃହତ୍ତର ପ୍ରଭାବ ଜନସାଧାରଣ ଓ ଦେଶର ଆଇନ ବ୍ୟବସ୍ଥା ଉପରେ ରହିଥିବାରୁ ସମ୍ପୃକ୍ତ ଲୋକ ପ୍ରତିନିଧିଙ୍କ ବିରୋଧରେ ଅପରାଧିକ ମାମଲା ଗ୍ରହଣ କରାଯାଇପାରିବ। ଦେଶର ସମ୍ବିଧାନ ଓ ଏହାର ବ୍ୟବସ୍ଥା ଅଧିକ ତର୍ଜମାଯୁକ୍ତ ଏବଂ ଦେଶରେ ଆଇନର ଶାସନ ପ୍ରତିଷ୍ଠା ପାଇଁ ଲୋକପ୍ରତିନିଧିଙ୍କୁ ନିରଙ୍କୁଶ ବିଶେଷାଧିକାର ଦେବା ଅନୁଚିତ। ଆମ ବିଚାରରେ ସର୍ବୋଚ୍ଚ ଅଦାଲତର ସାତଜଣିଆ ସାମ୍ବିଧାନିକ ପୀଠ ଯେଉଁ ରାୟ ଦେଇଛନ୍ତି, ତାହା ଯଥାର୍ଥ ଓ ସ୍ୱାଗତଯୋଗ୍ୟ। ଏହା କେବଳ ଆଇନର ଶାସନକୁ ସୁଦୃଢ଼ କରିବ ନାହିଁ, ଆମ ଗଣତନ୍ତ୍ରକୁ ସୁଦୃଢ଼ କରି ଏହାର ଗରିମାକୁ ଜାହିର କରିବାରେ ସହାୟକ ହେବ। ଆଇନ ପ୍ରସ୍ତୁତକାରୀ ଓ ଲୋକପ୍ରତିନିଧି ଯଦି ସ୍ୱାଧିକାର ଓ ବିଶେଷାଧିକାର ବଳରେ ଦୁର୍ନୀତି, ଲାଞ୍ଚ ଓ ଚଞ୍ଚକତାରେ ଲିପ୍ତ ରହିବେ, ଗଣତନ୍ତ୍ରର ଭବିଷ୍ୟତ କ'ଣ ହେବ। ସୁତରାଂ ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟ ଐତିହାସିକ ଓ ସ୍ୱାଗତଯୋଗ୍ୟ।

♥ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ମୋ : ୯୪୩୭୨୨୫୬୮୯



ଡ. ଶଶି ରଥ

ସୁକାନ୍ତ କୁମାର ଘର ଜଟଣୀ ଓ ଭୁବନେଶ୍ୱର ମଧ୍ୟବର୍ତ୍ତୀ ରେତଙ୍ଗ ନିକଟ ସାନନୂଆଗାଁ। ମହାଶୟ ବୃତ୍ତିରେ ଭାରତୀୟ ରେଳବାଇର କର୍ମଚାରୀ। ଅଧୁନା ବିଶାଖାପାଟଣାରେ ଅବସ୍ଥାପିତ। ଗାଁରେ ନିଜସ୍ୱ ଅର୍ଥ ଓ ଉଦ୍ୟମରେ ପାଠାଗାରଟିଏ ପ୍ରତିଷ୍ଠା କରିଛନ୍ତି। ସେତେବେଳେ ସେ ସମ୍ବଲପୁରରେ ଚାକିରି କରୁଥିଲେ। 'ଝଙ୍କାର'ରେ ପ୍ରକାଶିତ 'ଅନ୍ୟଜଣେ ରେବତୀ' ଗଳ୍ପଟି ପଢ଼ିବା ପରେ ସେ ଚିଠି ଦେଇନଥିଲେ। ସ୍ୱଦେହରେ ମୋ ସମ୍ମୁଖରେ ଉପସ୍ଥିତ ହୋଇଥିଲେ।

ପ୍ରିୟ ପାଠକ-୮

# ମୋର ପ୍ରିୟ ପାଠକ ସୁକାନ୍ତ କୁମାର...

ପ୍ରିୟ ପାଠକ ଓ ପ୍ରିୟ ଲେଖକ! ପ୍ରସଙ୍ଗଟି ସାହିତ୍ୟର ବିଳାପଯୁଗରେ କେତେ ଯଥାର୍ଥ, ତାହା ବିଚାର୍ଯ୍ୟ। କେହି ପଢୁନାହାନ୍ତି। ପତ୍ରିକା ଓ ବହି ବିକ୍ରିହେଉନି। ଦିନକୁଦିନ ପାଠକ ସଂଖ୍ୟା କମି ଯାଉଛନ୍ତି। ପାଠାଗାରରେ ପାଠକଙ୍କ ଚଉକି ଶୂନ୍ୟ ପଡୁଛି। ବୈଦ୍ୟୁତିକ ଗଣମାଧ୍ୟମ ସାହିତ୍ୟକୁ ଗିଳିଦେଲା ଇତ୍ୟାଦି ସଭାସମିତିର ବିଳାପ ଭିତରେ ଲେଖକ ପ୍ରିୟ ପାଠକଟିଏ ଖୋଜିବା ବା ପାଇଛି କହିବା କଠିନ ତଥା ବାହୁଲ୍ୟ ହେବ। ରୋଦନ ଶୁଣୁଥିବା ଜନସାଧାରଣଙ୍କ ନିମନ୍ତେ ପ୍ରିୟପାଠକ ହାସ୍ୟାସ୍ପଦ ପ୍ରସଙ୍ଗ ହେବ ବୋଲି ଭାବୁଛି। ତଥାପି ଲେଖକ ଲେଖୁଛି। ପତ୍ରିକା ଓ ପୁସ୍ତକ ପ୍ରକାଶ ପାଉଛି। ସାହିତ୍ୟ ସଂଗଠନମାନେ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧନା ଓ ପୁରସ୍କାର ଦେଉଛନ୍ତି। ବ୍ୟକ୍ତିଗତ ଭାବରେ ମୋତେ କେମିତି କେମିତି ଲାଗେ। ମନରେ ବିସ୍ମୟ ସୃଷ୍ଟି କରେ। କେଉଁ ଲେଖକକୁ କେତେ ପାଠକ ପଢ଼ିଛନ୍ତି! କେତେ ନିୟମିତ ପଢୁଛନ୍ତି ଓ କେଉଁ ନିର୍ଦ୍ଦିଷ୍ଟ ଲେଖକର ଲେଖା ଖୋଜି ଖୋଜି ପଢୁଛନ୍ତି କଳନା ବା ହିସାବ କରିବା ଅସମ୍ଭବ ବ୍ୟାପାର। ସ୍ୱୟଂ ଲେଖକଟିଏ ଛାତିପିଟି କହିବା ବି। ଯଦିଓ ପାଠକ ନଥିଲେ ଲେଖକର ସ୍ୱୀକୃତି ନାହିଁ। ସେମାନେ ସାହିତ୍ୟାନୁରାଗୀ ପାଠକ, ସାହିତ୍ୟିକ ପାଠକ ଓ ସାହିତ୍ୟର ଆଲୋଚକ ହୋଇପାରନ୍ତି। ସେଥି ମଧ୍ୟରୁ କେତେଜଣ ଲେଖକର ପ୍ରତ୍ୟକ୍ଷ ସମ୍ପର୍କରେ ଆସନ୍ତି? ଆସିଲେ ବି ସ୍ଥାୟୀ ବା କ୍ଷଣସ୍ଥାୟୀ ସମ୍ପର୍କ ତା ବି ପ୍ରଶ୍ନବାଚୀ। ଏ ପରିସ୍ଥିତିରେ ମୋତେ ପ୍ରିୟପାଠକ ପରି ପ୍ରସଙ୍ଗଟି ଉପସ୍ଥାପନ କିରବାକୁ ପଡୁଛି। ପୁରୀଜିଲ୍ଲାରେ ପ୍ରବାହିତ ପୁଣ୍ୟତୋୟା ଭାର୍ଗବୀ ତୀରସ୍ଥ ନିପଟ ମଫସଲ ଗାଁ କାଳିଆକେରାରେ ଜନ୍ମିତ ଶଶିଭୂଷଣର ଲେଖକ ହେବାର ସ୍ୱପ୍ନ ବା ଚିନ୍ତା ନଥିଲା। ଭାର୍ଗବୀତଟରୁ ଆଜି ବରୁଣାଇପାହଡ ପାଦଦେଶରେ ଡ. ଶଶି ରଥ ନାମରେ ଠିଆହେବା ସହ ପରିଚିତ ଏବଂ କାବ୍ୟକବିତାକୁ ବାଦ୍ ଦେଇ ସାହିତ୍ୟର ଅନ୍ୟ ବିଭାଗରେ ତେୟାଳିଶ ବର୍ଷ (୧୯୮୦ରେ ପ୍ରକାଶିତ ପ୍ରବନ୍ଧ 'ଓଡ଼ିଆନାଟକରେ ସଂଗୀତ' ଓ ୧୯୮୧ରେ ଗଳ୍ପ 'ମଜୁରି'ର ପ୍ରକାଶ ହିସାବରେ) ଧରି ସକ୍ରିୟ। ଓଡ଼ିଆ ସାହିତ୍ୟ ଓ ସମାଜର ମହାନ ରଥୀ ଓ ସାରଥି ଅତିବଡ଼ୀ ଜଗନ୍ନାଥ ଦାସ ଏବଂ ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ପରି ଭାର୍ଗବୀକୂଳରେ ଜନ୍ମିତ ଓ ପରିପାଳିତର ଗୌରବ ମୋତେ ପ୍ରାପ୍ତ। ମୋ ମନର ଗର୍ବବୋଧ । ସେହିମାନଙ୍କ ପାଦସ୍ପର୍ଶ କରିଥିବା ପୂତ ଜଳଧାରର ମୋ ତନୁମନକୁ ଛୁଇଁ ଧନ୍ୟକରିଛି। ମୋର ଗର୍ବ, ମୁଁ ଏପରି ଏକ ଭୂଖଣ୍ଡରେ ଜନ୍ମ ଯାହା ସମ୍ପର୍କରେ କୁହାଯାଇଛି 'ବର୍ଷାଣାଂ ଭାରତ ଶ୍ରେଷ୍ଠ' ଓ 'ଉତ୍କଳ ସମ ଦେଶ ମହୀତଳେ ନାହିଁ'। ଯେଉଁ ଅଞ୍ଚଳ ପୁରୁଷୋତ୍ତମ କ୍ଷେତ୍ର ଭାବରେ ପ୍ରାଚୀନ ଭାରତୀୟ ସାହିତ୍ୟରେ ବର୍ଣ୍ଣିତ।

ଲେଖକଟିଏ ବିଶାଳ ଭୂଖଣ୍ଡର ପ୍ରତିନିଧି। ଭୂଖଣ୍ଡର ଜନତାଙ୍କ ସୁଖଦୁଃଖ, ଭାଷା, ସଂସ୍କୃତି ଆଦିକୁ ସାହିତ୍ୟରେ ପରିସ୍ଫୁଟ ହୁଏ। ଏସବୁର ସଫଳ ଉପସ୍ଥାପନା ବା ରୂପାୟନ ହିଁ ପାଠକକୁ ଲେଖକର ନିକଟତର କରେ। ପାଠକଟି ଲେଖକ ସହ ଏକାତ୍ମ ହୁଏ। ପ୍ରସଙ୍ଗ ସହ ପାଠକର ଏକାତ୍ମବୋଧଟି ଆନ୍ତରିକ ଶ୍ରଦ୍ଧା ଓ ସମ୍ମାନରେ ରୂପାନ୍ତରିତ ହେଲେ ସାଧାରଣ ପାଠକଟି କୌଣସି ପ୍ରକାରେ ଲେଖକଟି ପାଖରେ ପହଞ୍ଚିବାକୁ ବ୍ୟାକୁଳ ହେବା ସ୍ୱାଭାବିକ। ପୂର୍ବେ ତାହାର ମାଧ୍ୟମ ଥିଲା ଚିଠି। ତାହା ସମ୍ପାଦକଙ୍କୁ ଚିଠି ମାଧ୍ୟମରେ ହେଉ, ପ୍ରତ୍ୟକ୍ଷ ଦର୍ଶନ ଦ୍ୱାରା ହେଉ ବା ଫୋନ୍ ମାଧ୍ୟମରେ ହେଉ। ଯେ କୌଣସି ସମ୍ଭାବିତ ମାର୍ଗ ମାଧ୍ୟମ ହୋଇପାରେ। ଏହି ମର୍ମରେ ମୁଁ 'ମହଲ'ରେ ପ୍ରକାଶିତ 'ଦର୍ପଣରେ ନିଜ ପ୍ରତିଛବି' ଗଳ୍ପରୁ ପାଇଛି। 'ଝଙ୍କାର'ର 'ଅଷ୍ଟମଗର୍ଭ' ଓ 'ଅନ୍ୟଜଣେ ରେବତୀ', 'ସମ୍ବାଦ' ସାପ୍ତାହିକର 'ଶେଷପୃଷ୍ଠାର ସମ୍ବାଦ', 'ଧରିତ୍ରୀ'ର 'ବେଗୁନିଆରେ ବୋଫର୍ସ' ଏବଂ 'ମାପଦଣ୍ଡ', 'ସମାବେଶ'ର 'ରେବତୀ' ଓ 'ରଥ' ଆଦିର ପାଠକୀୟ ପ୍ରଶଂସା ପୁଲକିତ କରିଥିଲା ନିଶ୍ଚୟ। ତତ୍ ସମ୍ପର୍କିତ ପ୍ରାପ୍ତ ପୋଷ୍ଟକାର୍ଡକୁ ଉପସ୍ଥାପନ କରିବାରେ ମୁଁ ଆଜି ଅସମର୍ଥ। କାରଣ ୧୯୯୯ ମସିହାର ମହାବାତ୍ୟାର ଅଠଚାଳିଶ ଘଣ୍ଟିଆ ଅବିରତ ବର୍ଷା ଜଳକୁ ସରକାରୀ କ୍ୱାର୍ଟରର ଦୁର୍ବଳ ଛାତ ରୋକିପାରିନଥିଲା। ଫଳତଃ ପ୍ରାୟ କୋଡ଼ିଏ ବର୍ଷର ଝଙ୍କାର ସହ ଅନ୍ୟାନ୍ୟ ପତ୍ରିକା, ପୁସ୍ତକ ଓ ଚିଠି ନଷ୍ଟ ହୋଇଗଲା। କ୍ରମେ ପୋଷ୍ଟକାର୍ଡ ପରି ବାର୍ତ୍ତାବହ ବସ୍ତୁଟି ବି ଦୁର୍ଲଭ ହୋଇଗଲା। ତାର ସ୍ଥାନ ନେଇଗଲା ସେଲଫୋନର ବିବିଧ ବାର୍ତ୍ତାବହ ଆପ୍। ଏପରି ଭାବରେ 'ସତ୍ୟବାଦୀର' 'ଜୀବନପାତ୍ର' ଗଳ୍ପଟି ପ୍ରକାଶର ଆଠମାସ ପର୍ଯ୍ୟନ୍ତ ପାଠକମାନଙ୍କ ପ୍ରଶଂସା ଓ ପ୍ରତିକ୍ରିୟା ମୋ ପାଇଁ ଅନନ୍ୟ ଆନନ୍ଦ ସହ ପୁଲକ ନିଶ୍ଚୟ। ମାତ୍ର ସମସ୍ତ ପାଠକବନ୍ଧୁଙ୍କୁ ଚିହ୍ନିବା, ପ୍ରତ୍ୟକ୍ଷରେ ଦେଖିବା, ସମ୍ପର୍କ ସୁଦୃଢ଼ ହେବା ସମ୍ଭବ ନୁହେଁ। ସେହିପରି ସମାଜର ରବିବାର ସାହିତ୍ୟ ପୃଷ୍ଠାରେ ପ୍ରକାଶିତ 'କାବ୍ୟବିଳାସୀ ଉପେନ୍ଦ୍ର' ଆଲୋଚନାଟିକୁ ମଧ୍ୟ ସାଧାରଣ ଓ ବିଦଗ୍ଧପାଠକ ବେଶ୍ ପ୍ରଶଂସା କରିଛନ୍ତି। ପାଠକଙ୍କ ସହ ସମ୍ପର୍କ ନିବିଡ଼ ପ୍ରସଙ୍ଗ ପଢ଼ିଲେ, ସେହିପରି ଜଣେ ପାଠକ ହେଲେ ସୁକାନ୍ତକୁମାର ବଳିଆରସିଂହ।

ସୁକାନ୍ତ କୁମାରଙ୍କ ଘର ଜଟଣୀ ଓ ଭୁବନେଶ୍ୱର ମଧ୍ୟବର୍ତ୍ତୀ ରେତଙ୍ଗ ନିକଟ ସାନନୂଆଗାଁ। ମହାଶୟ ବୃତ୍ତିରେ ଭାରତୀୟ ରେଳବାଇର କର୍ମଚାରୀ। ଅଧୁନା ବିଶାଖାପାଟଣାରେ ଅବସ୍ଥାପିତ। ଗାଁରେ ନିଜସ୍ୱ ଅର୍ଥ ଓ ଉଦ୍ୟମରେ ପାଠାଗାରଟିଏ ପ୍ରତିଷ୍ଠା କରିଛନ୍ତି। ସେତେବେଳେ ସେ ସମ୍ବଲପୁରରେ ଚାକିରି କରୁଥିଲେ। 'ଝଙ୍କାର'ରେ ପ୍ରକାଶିତ 'ଅନ୍ୟଜଣେ ରେବତୀ' ଗଳ୍ପଟି ପଢ଼ିବା ପରେ ସେ ଚିଠି ଦେଇନଥିଲେ। ସ୍ୱଦେହରେ ମୋ ସମ୍ମୁଖରେ ଉପସ୍ଥିତ ହୋଇଥିଲେ। ତାଙ୍କର ଜଣେ ଶିକ୍ଷକଠାରୁ ସେହି ସମୟରେ ମୋର ଉପସ୍ଥିତ ସ୍ଥାନ ସମ୍ପର୍କରେସୂଚନା ସଂଗ୍ରହ କରି ତାଙ୍କ ସାନଭାଇ ବିଭୂତି ସହ ଦୋକାନରେ ପହଞ୍ଚି ପଚାରିଥିଲେ - ଏଇଟା ଶଶି ରଥଙ୍କ ମା-ମା ବୁକ୍‌ଷ୍ଟଲ୍? ମୁଁ ତାଙ୍କୁ ଭେଟିବାକୁ ଚାହୁଁଛି। ସେ କେତେବେଳେ ଦୋକାନକୁ ଆସିବେ? ଉତ୍ତରରେ ବାରଣ୍ଡା ଟୁଲ୍‌ରେ ବସିବାକୁ ନିର୍ଦ୍ଦେଶ ଦେଇ ପଚାରିଲି, କୁହନ୍ତୁ କଣ କହିବେ। ସେ ବିସ୍ମୟରେ ମୋ ମୁହଁକୁ ଚାହିଁଲେ - ଆପଣ ଶଶି ରଥ! ନା, ମ! ପରେ କହିଲେ ଆପଣ ମୋ ପାଇଁ ଦ୍ୱିତୀୟ ବିସ୍ମୟ। ନିଜର ପରିଚୟ ପ୍ରଦାନ ପରେ କହିଲେ - ଝଙ୍କାରରୁ ଆପଣଙ୍କ ଅନ୍ୟଜଣେ ରେବତୀ ଗଳ୍ପ ପଢ଼ିଲି। ବିଶ୍ୱାସ କରିପାରିଲିନାହିଁ ଜଟଣୀରେ ଏପରି ଜଣେ ଗାଳ୍ପିକ ଅଛନ୍ତି! ଗାଁକୁ ଆସିଥିଲି ଇଚ୍ଛା ହେଲା ଗାଳ୍ପିକ ଶଶି ରଥଙ୍କୁ ଦେଖିବି। ଭେଟିବି। ଏଠିଆସି ଦେଖୁଛି ମୋ କଳ୍ପନାର ଶଶି ରଥଙ୍କ ସହ ଆପଣଙ୍କ ଶରୀର, ବୟସ, ଥାଟ୍‌ବାଟ୍ କିଛି ମିଳୁନାହିଁ। ବିଶ୍ୱାସ ହେଉନାହିଁ ଆପଣ ଡ. ଶଶି ରଥ।

ସେହିଦିନଠାରୁ ତାଙ୍କ ସହ ସମ୍ପର୍କ ରହିଆସିଛି। ଭେଟିବା ମାତ୍ରେ ପ୍ରଶ୍ନ କରିବେ, ଆଉ କଣ ନୂଆ ଲେଖିଲେ। ଆଉ କଣ ବହି ବାହାରିଲା କି? ତାଙ୍କର ବିବାହ, ତାଙ୍କ ସାନଭାଇର ବିବାହ, ପିତାମାତାଙ୍କ ଦଶାହ ଓ ବର୍ଷିକିୟା କର୍ମରେ ନିମନ୍ତ୍ରିତ ହୋଇ ଯୋଗ ଦେଇଛି। ଭାବିଛି ମୋ ପରି ଖଟିଖିଆ ସୁଦାମାଟି ପାଇଁ ବେଳେବେଳେ କୃଷ୍ଣ ପାଠକ ରୂପରେ ବିଭିନ୍ନ ମାଧ୍ୟମରେ ମଧୁବୋଳା ବଚନ ଢ଼ାଳି ଶ୍ରଦ୍ଧାପୂର୍ଣ୍ଣ ସମ୍ପର୍କର ହାତ ବଢ଼ାଇ ଦେଇ ମୋତେ ମହାଧନୀରେ ପରିଣତ କରିଛନ୍ତି। ମାଧ୍ୟମ ଯାହା ବା ହେଉ। ତାହା ସାହିତ୍ୟର ଅବଦାନ। ମୋ ସୃଷ୍ଟି ଓ ସୃଜନର ସଫଳତାର ମାନଦଣ୍ଡ। ❤



ପ୍ରିୟ ପାଠକ:
ସୁକାନ୍ତକୁମାର ବଳିଆରସିଂହ
ସାନନୂଆଗାଁ, ରେତଙ୍ଗ

ଆଲୋଚନା

# କବି ରତ୍ନାକର ରାଉତଙ୍କ 'ହାରି ଯାଉଥିବା ମଣିଷ'ର ଜୀବନ ବେଦ : ଏକ ଅସମାପିକା କ୍ରିୟାର କାରୁଶିଳ୍ପ



ରାଧାରଂଜନ ପଟ୍ଟନାୟକ

ସତରେ ପବନର ଫାଶ କ'ଣ କେହି ପକାଇପାରେ? ବୋଧହୁଏ ନା । ଏଇମିତି ଏକ ଭାବାବେଗକୁ ନେଇ କବି ରତ୍ନାକର ରାଉତ 'ଇତିହାସ ଲେଉଟେ'କବିତାରୁ ଆରମ୍ଭ କରିଛନ୍ତି 'ହାରି ଯାଉଥିବା ମଣିଷ' କବିତା ସଙ୍କଳନର କାରୁଶିଳ୍ପ । ଓଲିଆ ଗାଈର ପଥ, ବଢ଼ିଲା ନଈ, ବଢ଼ିଲା ଝିଅ ଏବଂ ଦୌଡୁଥିବା ସମୟକୁ କେହି ବ୍ରେକ୍ ଦେଇପାରିବେ ନାହିଁ । ଏ ସବୁ ଭିତରେ ନିଜକୁ ନିଜେ ସନ୍ତାପିତ ହେବାର କୌଣସି କାରଣ ନାହିଁ ବୋଲି ଗୋପୀନାଥଙ୍କ ଚରିତ୍ରକୁ ଅଧାର କରି କବି ଏଭଳି ସ୍ୱୀକାରୋକ୍ତି ବାଢ଼ିଛନ୍ତି ।

ଇତିହାସ ବଦଳେ। ରୁଚି ବଦଳେ। ବଦଳି ଯାଏ ସାମାଜିକ ପରିବେଶ । ଯେଉଁଠି ଦିନେ ଗୋଚର ଭୂଇଁ ଥିଲା,ବଡ଼ ପୋଖରୀ ଥିଲା, ଆମ୍ବ, ତାଳ, ଜାମୁ, ବରକୋଳି ଗଛ ଥିଲା, ଥିଲା ପୁଣି ବୁଦୁବୁଦୁକିଆ ଜଙ୍ଗଲ, ଶାଳ ବଣ ଆଜି ନାହିଁ। ଅଛି କେବଳ ଧଳା ହାତୀ ମାନଙ୍କର ଅବାଧ ବିଚରଣ। ଜଗତୀକରଣ ନାମରେ ଓଲଟ ପାଲଟ ହୋଇ ଯାଇଛି ଜନ ଓ ଜୀବନ କୃଷ୍ଣସାରର ନାହିଁ । କେବଳ ଅଛି ଦୋକାନ, ବଜାର, ମନ୍ଦିର ଏବଂ ଆକାଶ ଛୁଆଁ ଅଟ୍ଟାଳିକା । କବିଙ୍କ ଭାଷାରେ-'ଏ ପାଖରେ ଶରୀର ସେ ପଟେ ପ୍ରାଣ ।'

କବି ରତ୍ନାକରଙ୍କ କବିତାରେ ଅଛି ସାମାଜିକ ଅଙ୍ଗୀକାର ଅଛି ସାମାଜିକ ପ୍ରତିବଦ୍ଧତା । ନିଜସ୍ୱ ବିଚରଣ ଭୂଇଁଠାରୁ ଉର୍ଦ୍ଧ୍ୱକୁ ଉଠି ବିଶ୍ୱ ସଂଚାରଣ ଆଡକୁ ଗତି କରିଛି । କବି ରାଉତ ସମ୍ପୂର୍ଣ୍ଣ ଭାବେ ଆଖିକୁ ଖୋଲି ଦେଇଛନ୍ତି । ତାଙ୍କର ଆଖିର ଲେନ୍ସରେ ଗୁଳି ଗୋଳା, କମାଣ ଏବଂ ଅଗ୍ନି ବର୍ଷିବାର ଦୃଶ୍ୟକୁ ଦେଖିପାରିଛନ୍ତି। ଯେଉଁଠି ମଣିଷ ହୋଇ ଯାଇଛି ତ୍ରସ୍ତ। ଏ ସବୁ ଭିତରେ ବି କବି ଆଶା ବାନ୍ଧିଛନ୍ତି। ଦୃଢ଼ମନା ହୋଇଛନ୍ତି । ଯେଉଁଥିପାଇଁ ତାଙ୍କ କଣ୍ଠର ସ୍ୱୀକାରୋକ୍ତି-'କାହିଁକି ତୁଚ୍ଛାଟାରେ ବ୍ୟସ୍ତ ହେଉଛ ?/ତୁମେ ତ ସୁଅ ମୁହଁରେ ପତର ଗୋପୀନାଥ/କେବେ ଦିନେ ଜୀବନ କହିଲେ ଥିଲା/ ଅସୁମାରୀ ତାରା ଫୁଲ ସାଉଁଟିବା/ ଶିଡିରେ ଚଢ଼ିବା/ପାହାଡ଼ ଶିଖରରେ ନିଶାଣ ଛାଡିବା/ସ୍ୱପ୍ନ ଲୋକ ଗୋପନରେ ବସାଟେ ବାନ୍ଧିବା।'(ପୃଷ୍ଠା ୯)

କବି ରତ୍ନାକର ରାଉତ ଜୀବନ, ଜଗତ ଏବଂ ମଣିଷର ସକଳ ଅନୁଭବର କୁଦ୍ର ଅଗ୍ନିସ୍ଫୁଲିଙ୍ଗ ମଧ୍ୟରେ କବିତାକୁ ସମ୍ଭା କଲାବେଳେ ମଣିଷ ଚରିତ୍ର ଆତ୍ମ କୈନ୍ଦ୍ରିକ ରୂପକୁ କେବଳ ଉଖାରିଛନ୍ତି। ନିଖାରିଛନ୍ତି। ସାମ୍ପ୍ରତିକ ସମାଜରେ ସେବା ଏବଂ ସହନଶୀଳତାର ମନୋଭାବ କ୍ରମଶଃ ହ୍ରାସ ପାଇବାରେ ଲାଗିଛି । ବିପଦରେ ପଡି ଥିବା ଲୋକ ହେଉ କିମ୍ବା ପୀଡିତ ଆତ୍ମାର ଉଦ୍ଧାର ପାଇଁ କାହାରି ଉଦାର ହାତ ଲମ୍ବି ଆସୁନାହିଁ। ରାସ୍ତାର ଦେଖଣାହାରୀ ବି କିଛି ନ ଜାଣିଲା ପରି ନିଜ ରାସ୍ତା ନିଜେ କାଟୁଛନ୍ତି । ଏମିତି ଦୃଶ୍ୟ କବି ରାଉତଙ୍କୁ ବିବ୍ରତ କରିଛି।

ଏଇ ସମାଜରେ ଛଦ୍ମବେଶୀମାନେ ଖୋଲା ମେଲା ମୈଦାନରେ ବିଚରଣ କରିବା ଦେଖିବାକୁ ମିଳୁଛି । ଏତାଦୃଶ ବ୍ୟକ୍ତିମାନେ କ୍ଷମତା କେନ୍ଦ୍ରକୁ କରାୟତ୍ତ କରିବାରେ ବେଶ ଧୁରନ୍ଧର। ସମ୍ଭବତଃ ଏଇଥିପାଇଁ କବି କଣ୍ଠର ସ୍ୱର ଓ ସର୍ମନ -'ବାରମ୍ବାର କ୍ଷମତା କେନ୍ଦ୍ରକୁ କରାୟତ୍ତ କରିବାରେ/ ସେଠାରେ କଣ ଚଳଚ୍ଚିତ୍ରର ସଂଳାପ ଶୁଣି ସେ ଅପେକ୍ଷା କରିବ ଛବି ଶେଷରେ/ ଶଦ୍ଦ ନାୟକ କେବେ ଦଣ୍ଡିତ ହେବ!'(ପୃଷ୍ଠା-୧୪)

ବିବର୍ତ୍ତମାନ ପୃଥିବୀରେ ସମୟ ସହ ସନ୍ଧି କରିନେବାକୁ କବି ରାଉତ ଆବେଗୟିତ କଣ୍ଠରେ ଶବ୍ଦ ବର୍ଷା କରିଛନ୍ତି। ଦୁଃଖ, ଶୋକ, ଅଭାବୀ ଅବସ୍ଥା ମଣିଷକୁ ସତାଇ ପାରେନା, ସେତିକିବେଳେ, ଯେତେବେଳେ ମଣିଷ ନିଜକୁ ଦୃଢ଼ କରେ। ସାହସ ବାନ୍ଧେ। ଆଶା ଓ ବିଶ୍ୱାସକୁ ପୁଞ୍ଜିକରେ। ସମୟ ସହିତ ସନ୍ଧି ହୋଇଗଲେ ଦୁଃଖ ଆଉ ରହେନା। ବୋଧହୁଏ ଏଇଥିପାଇଁ କବି କହନ୍ତି- 'ସମୟ ଓ ଦୁଃଖ ସହିତ ସନ୍ଧି କରି ସରିଲା ପରେ/ସମର୍ପଣର ଆପଣାପଣରେ ନନ୍ଦ ଦାସର ଆଉ ସଙ୍କଟ କ'ଣ?'(ପୃଷ୍ଠା-୨୧)

ସାଧାରଣ ମଣିଷର ଜୀବନ ଜୀବିକାକୁ ନେଇ ଅତୀତରେ କବିର ଚିତ୍ତ ବିଦ୍ରୋହ କରି ଉଠୁଥିଲା। ମଣିଷର କ୍ଷୁଧାକୁ, ପ୍ରତାରିତ ଅବସ୍ଥାକୁ, ତାର ସାମାନ୍ୟ ସ୍ୱପ୍ନକୁ କବି ଦରଦୀ ଆଖିରେ ଦେଖୁଥିଲେ। ଯେଉଁ କବିତାରେ ସ୍ଲୋଗାନ ନଥିଲା ବରଂ ଥିଲା ଗଭୀର ମର୍ମ ବେଦନା । ସେଇପରି ଜଣେ ବିପ୍ଳବୀ କବି ଅନନ୍ତ ପଟ୍ଟନାୟକଙ୍କୁ ସ୍ମରଣ କରିଛନ୍ତି କବି ରାଉତ । ପୁଞ୍ଜିବାଦ ବିରୋଧରେ କବି ଅନନ୍ତଙ୍କ କାବ୍ୟିକ ଚାବୁକ କବି ରାଉତଙ୍କ ଉପରେ ପ୍ରଭାବ ପକାଇଛି । ସେଇଥିପାଇଁ କବି ଅନନ୍ତ ପଟ୍ଟନାୟକଙ୍କ 'ଝରରେ ରୁଧିର' କବିତାରୁ 'ମୃତ୍ୟର ଜଳେ ପହଁରି ପହଁରି ତୋଳେ ଯେ ତୋ ଲାଗି ରକ୍ତ କଇଁ'ର ନଜୀର ଉପସ୍ଥାପନ କରିଛନ୍ତି ।

କବି ପଟ୍ଟନାୟକ ସାମନ୍ତବାଦର କୃଷ୍ଣ ନାଗ ଉପରେ ଶ୍ରୀକୃଷ୍ଣଙ୍କ ଭଳି ନୃତ୍ୟ କରିବାର ଯେଉଁ ହିମ୍ମତ ଦେଖାଇଛନ୍ତି, ସେଭଳି କବ୍ୟ ପୁରୁଷର ମୃତ୍ୟୁ କେବେ ହୋଇ ପାରେନା ବୋଲି ବିଚାର କରିଛନ୍ତି କବି ରାଉତ। ଯେଉଁଥିପାଇଁ କାଠଯୋଡି କୂଳ ସତୀଚଉରାରୁ ଲାଲ ସଲାମର ଧ୍ୱନି ଶୁଣି ପାରିଛନ୍ତି। ସତରେ କବି ରାଉତ ସାମ୍ପ୍ରତିକ ସମାଜରେ ଥିବା **have** ଏବଂ **have nots** ଙ୍କ ଭିତରେ ଥିବା ଆକାଶ ପାତାଳ ବ୍ୟବଧାନରେ ଅଧିକ ମ୍ରିୟମାଣ ହୋଇ ପଡିଛନ୍ତି ।

କବି ରାଉତଙ୍କ ସ୍ୱରରେ ଅଭିବ୍ୟକ୍ତି ଭରା ନୀରବ ବିଦ୍ରୋହର ଗୁଞ୍ଜରଣ ବେଶ୍ ବାରି ହୋଇ ପଡେ । ଆଶା ଓ ବିଶ୍ୱାସରେ ମଣିଷ ବଞ୍ଚେ । କହ୍ନେଇ ଦାସ ଏହାର ଏକ ବାସ୍ତବ ଉଦାହରଣ । 'ସ୍ୱପ୍ନ ଦେଖିବା ମନା' କବିତାରେ କହ୍ନେଇ ନିଜର ଆର୍ଥିକ ଅନଟନ ଭିତରେ ନିଜର କମର କସିଛି । ବି.ଏ. ପାଶ ବି କରିଛି। ଛାତ୍ର ଜୀବନରେ ଦଣ୍ଡପାଣିଙ୍କ ପରିତ୍ୟକ୍ତ ଗ୍ୟାରେଜ ହିଁ ତା ପାଇଁ ମନ୍ଦିର ପାଲଟିଛି । ଚୁଡା କିମ୍ବା ଦୁଇ ମୁଠା ମୁଢିରେ ଚଳାଇ ନେଇଛି ସାରା କଲେଜ ଜୀବନ । ଜୀବନ ସଂଗ୍ରାମରେ ସେ ସାଜିଛି ଜଣେ ସୈନିକ। ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେବି ମନ ପସନ୍ଦର ଶିକ୍ଷାନୁଷ୍ଠାନରେ ନାମ ଲେଖାଇ ପାରିନାହିଁ। ଏହାର ଏକମାତ୍ର କାରଣ ଅର୍ଥାଭାବ।

ବ୍ୟାଙ୍କ ଲୋନ ପାଇଁ ଅନେକ ବ୍ୟାଙ୍କ ବୁଲିଛି। ନେହୁରା ହୋଇଛି। ମାତ୍ର ସବୁଠି ନିରାଶ ହୋଇଛି ସେ । ଶେଷରେ ମୁଖ୍ୟ ସଚିବଙ୍କ ନିକଟକୁ ଲେଖିଛି ଚିଠି । ମାତ୍ର ଶେଷରେ-'ଜଣେ ଅମାଲଙ୍କ ଡଷ୍ଟବିନରେ/ଅଳିଆ ଆବର୍ଜନା କାଗଜ ଭିତରେ/ ପରିତ୍ୟକ୍ତ ହୋଇ ପଡ଼ିଥିଲା/ ଠିକ୍ ତା ନିଜର ଅଲୋଡ଼ା, ଅପାଂକ୍ତେୟ ଅବସ୍ଥା ପରି'(ପୃଷ୍ଠା-୩୧) ପଡିଥିଲା ତାର ଚିଠି । ଏଇମିତି ଏକ କୁକ୍ଷୀଗତ ସମାଜର ବାସ୍ତବ ଚିତ୍ରକୁ କାବ୍ୟିକ ରୂପ ଦେଇଛନ୍ତି କବି ରାଉତ ।

ସାମାଜିକ ଚେତନାର ସଠିକ ଅଙ୍ଗିକ କଳାକୁ ସାଙ୍କେତିକ ଭାବରେ ବର୍ଣ୍ଣନା କରିବାରେ କବି ରାଉତ ସିଦ୍ଧହସ୍ତ। ଅଭିବ୍ୟକ୍ତି ଭିତରେ ଲୁକ୍କାୟିତ ଭାବ ଓ ବହୁ ତଥ୍ୟ ପ୍ରଦାନ କରି କବି ଦୁଃଖ ଓ ସୁଖ ମଣିଷର ଚିର ସହଚର ବୋଲି ତର୍କଣା କରିଛନ୍ତି । ମେଘ ନଥିଲେ ଯେପରି ବିଜୁଳି ରହେନା ଠିକ ସେହିପରି ଦୁଃଖ ନ ଥିଲେ ସୁଖ ଅନୁଭବ କରି ହୁଏନା । ସେଇଥିପାଇଁ କବି କହନ୍ତି-'ସେମିତି ସଂସାର ନ ଥିଲେ କାହିଁକି ଥାନ୍ତା ଦୁଃଖ/ଦୁଃଖ ନ ଥିଲେ ଜାଣି ହୁଅନ୍ତା କି ସୁଖର ମହତ୍ତ୍ୱ ।'(ପୃଷ୍ଠା-୩୬)

କବି ରତ୍ନାକର ରାଉତ ଏମିତି ଜଣେ କବି ସତ୍ତା, ଯେଉଁଠି ଭାବ ଭୂମିର ବିରାଟ ଲେଣ୍ଡ ସ୍କେଚ ନାହିଁ, ଅଛି କେବଳ ଅଭାବ ଭୂମିରେ ସମୁଦ୍ରର କେଇଟି ଢେଉ । ଯେଉଁଠି ଦିଶିଯାଏ ପ୍ରେମ ରୂପୀ ପରାମାତ୍ମା, ଦରିଦ୍ର ମଣିଷର ପେଟର କ୍ଷୁଧା ଏବଂ ଜୀବନ ଦର୍ଶନର ଉପପାଦ୍ୟ ।

ମଣିଷ ଶୂନ୍ୟ ଦେହୀ। ମେଞ୍ଚାଏ ଶିମୁଳି ପରି ଭାସି ପାରେ ଶୂନ୍ୟରେ । କିନ୍ତୁ ତଳେ ନ ଥାଏ ମୁଠାଏ ମାଟି । ସଂସାର ଯାକର ସବୁ ଦୁଃଖ ଶୋକ, ରୋଗ ଓ ଭୋଗକୁ ଆଖି ବୁଜିଦେଇଛି ମଣିଷ। ଏଇଠି କବି କେଉଁ ଏକ ଅନାହତ ବଂଶୀର ସ୍ୱନ ପରି ଶବ୍ଦକୁ ଶୁଣି ପାରିଛନ୍ତି । ନିବିଡ଼ ଉଦ୍‌ବେଗର ପରିକଳ୍ପନା ଭିତରେ କବି ନିଜକୁ ନିଜେ ଦେଖିଛନ୍ତି । କବିଙ୍କ ପାଇଁ ଜୀବନ ଏବେ ପଥର ପାଲଟି ଯାଇଛି। ଯେଉଁଥିପାଇଁ କବି 'ପଥର ଜୀବନ'ର ନକ୍ସା ଅଙ୍କନ କରିଛନ୍ତି ।

ଜଗତୀକରଣ କିପରି ସମୁଦାୟ ବିଶ୍ୱକୁ କବଳିତ କରିଛି, ତାର ଏକ ଚିତ୍ର ଉପସ୍ଥାପନ କରିବାକୁ ଯାଇ କବି ରାଉତ ସବୁଠି ନିଥର ଟାଙ୍ଗର ଭୂଇଁ, ଖାଲ ଢ଼ିପ, ଗୋଡି, ବାଲି, ଖଣି, ଖଦାନ, ପଥର, ଅଳିଆ ମାଟି, ଜନ ମାନବ ଶୂନ୍ୟ କୃତ୍ରିମ ପାହାଡ଼, ନାଳି ମାଟି ଭରା କ୍ଷେତ ଦେଖିଛନ୍ତି । ଏବେ ପ୍ରକୃତି ଯେ ସଂକଟରେ ପଡିଛି ଏଇ ଦୃଶ୍ୟ ଦୃଶ୍ୟାନ୍ତରକୁ କବି ମର୍ମେ ମର୍ମେ ଉପଲବ୍ଧି କରିଛନ୍ତି । ଯେମିତି- 'କେଉଁଠାରେ ଦିଶୁନାହିଁ ଭରା କ୍ଷେତ ଶସ ପୂର୍ଣ୍ଣ /ହରିତ କେଦାର'(ପୃଷ୍ଠା-୫୧)

ସୃଜନଶୀଳ ବ୍ୟକ୍ତି ପୁରୁଷଟି ଯେଉଁ ସାରସ୍ୱତ କ୍ରିୟାରେ ଲିପ୍ତ ଥାଏ, ତାହା ଏକ କଳାତ୍ମକ ସ୍ୱପ୍ନ ଭିନ୍ନ ଅନ୍ୟ କିଛି ନୁହେଁ । କବିଟିଏ ସଚେତନ ହୋଇ ଯାହା ଲେଖେ, ତାହା ତାର ଅବଚେତନରେ ଏକ ଉଦଗ୍ର ଉତପ୍ରେରଣ କାରୀ ଅଭିକ୍ରିୟା କୁହାଯାଇ ନପାରେ ନିଜକୁ ଏକାନ୍ତ ବସ୍ତବବାଦୀ ରୂପେ ଦାବି କରୁଥିବା କବି 'ମଣିଷ ଖୋଜା-୨'ରେ ଭଲ ମଣିଷ ଖୋଜିବାର ପ୍ରୟାସ କରିଛନ୍ତି । କିନ୍ତୁ ସବୁ ଶଠତା, ଛଳନା, ପ୍ରବଂଚନାର ମଣିଷ ମାନଂକୁ ଦେଖିଛନ୍ତି । ବହୁରୂପୀ ମଣିଷକୁ ଚିହ୍ନିବା ଯେ କଷ୍ଟସାଧ ଏଇମିତି ଏକ ଅପ୍ରିୟ ସତ୍ୟକୁ କବି ବିନା ଦ୍ୱିଧାରେ ପ୍ରକାଶ କରିଛନ୍ତି ।

କବି ନିଜ ଭାବ ଭାବନାର ପରିସରକୁ ଗୋଟିଏ ବିନ୍ଦୁରେ ଲଟକାଇ ନାହାଁନ୍ତି । ବରଂ ତାଙ୍କର ସମ୍ପ୍ରସାରିତ ଦୃଷ୍ଟି ଲମ୍ବିଛି ଦୂରକୁ...ବହୁ ଦୂରକୁ । ଯେଉଁଠି ସରକାରୀ ଚାକିରିଆ ମାନଙ୍କର ସପ୍ତମ ବେତନ ଆୟୋଗ କଥା ସ୍ମରଣକୁ ଆସିଛି। ନୂଆନୂଆ ଯୋଜନାର ଖସଡ଼ା ପ୍ରସ୍ତୁତ ହୋଇଛି । ବଢନ୍ତା ଅର୍ଥରେ ସ୍ୱପ୍ନର ସଉଦା କରିବାର କଳ୍ପନା କରିଛନ୍ତି । କିନ୍ତୁ ଦରଦାମ ବୃଦ୍ଧି, ତମାମ ହିସାବ କିତାବର ଗଣିତ ଭାଗଫଳରେ କେବଳ ଶୂନ୍ୟ ରହିଛି । ସରକାରୀ ଚାକିରିଆ ଯେତେ ଉଚ୍ଚ ପଦବୀ ରହିଥିଲେ ବି ସରକାରଙ୍କର ଯେ ଗୋଲମ ଏଇ ଅପ୍ରିୟ ସତ୍ୟ ଘଟଣାକୁ କବି ପ୍ରକାଶ କରିବା ପାଇଁ କୁଣ୍ଠା ପ୍ରକାଶ କରିନାହାନ୍ତି । ସାମାଜିକ ବ୍ୟବସ୍ଥାର ବଦଳୁଥିବା ଚିତ୍ର ଏବଂ ଚରିତ୍ରକୁ ଦେଖି କବି ଥୟ ହୋଇ ରହି ପାରିନାହାନ୍ତି। ଗୋଟିଏ ପାର୍ଶ୍ୱରେ ଜୀବନ ଜଞ୍ଜାଳ ଅନ୍ୟ ପାର୍ଶ୍ୱରେ ଗୋଲାମୀ ଜୀବନ ଏଇ ଦୁଇ ବିପରୀତ ମୁଖୀ ବିନ୍ଦୁରେ ଠିଆ ହୋଇଛନ୍ତି କବି। ଏସବୁ ପରେ ବି କବି ଆଶାବାଦୀ । ଏଇ ଧରିତ୍ରୀରେ ବାରମ୍ବାର ଜନ୍ମ ନେବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି । ଅନେକ ପୁନଃଜନ୍ମ ଚାହୁଁ ନଥିଲା ବେଳେ କବି ରାଉତ ଏହାର ବିପରୀତ ଭବାବେଗର କଥା କହିଛନ୍ତି ଯେମିତି-ଜଗନ୍ନାଥଙ୍କ ପାଖରେ ନିଜର ସ୍ୱୀକାରୋକ୍ତି ବାଢିଛନ୍ତି-'ମୁଁ ସତ କହୁଛି ଜଗତର ନାଥ ଜଗନ୍ନାଥ/ ଜାଣିଥିଲେ ଆଗରୁ ତୁମକୁ ଦର୍ଶନ କଲେ ରଥ ଉପରେ/ ପୂନର୍ଜନ୍ମ ହୁଏ ନାହିଁ/ ମୁଁ କେବେ ଆସି ନଥାନ୍ତି ବଡ଼ ଦାଣ୍ଡକୁ/ ଏ ରଥଯାତ୍ରା ସମୟରେ।' (ପୃଷ୍ଠା-୬୭)

କବି ରାଉତ ପୂନର୍ଜନ୍ମ ହୁଏକି ନାହିଁ ଏମିତି ଏକ ପ୍ରଶ୍ନ ଭିତରେ ଛନ୍ଦି ହୋଇଥିବା ବେଳେ ସ୍ମରଣ କରିଛନ୍ତି ଶ୍ରୀ ଚୈତନ୍ୟ, ଶଙ୍କରାଚାର୍ଯ୍ୟ, ଗୁରୁ ନାନକ ଏବଂ ରାମାନୁଜଙ୍କୁ ।

ଏଇ ମହାନ ବିଭୂତିମାନେ ଜଗନ୍ନାଥଙ୍କୁ ଦର୍ଶନ କରିବା ପରେ ସେମାନେ ଆଉଥରେ ଧରାରେ ଅବତୀର୍ଣ୍ଣ ହେଲେକି ନାହିଁ , ତାହା କେବଳ ସ୍ୱୟଂ ଜଗନ୍ନାଥଙ୍କୁ ଜଣା ବୋଲି ନିଜର ମତ ରଖିଛନ୍ତି ।

କବି ରାଉତ ନିଜକୁ ଛାର ମଣିଷ ବୋଲି କହି ସଭିଙ୍କ ମନ ଜିଣିଛନ୍ତି । ଜଣେ ସଫଳ କବି କେବେବି ନିଜର ଆତ୍ମବଡିମା ଦେଖାଇ ନଥାଏ । ତେଲ ଲୁଣର ସଂସାର ଭିତରେ -'ଦଦରା ନୌକା ଭଳି/ଅଥଳ ଦରିଆରେ ପଡି ଉଠି /କେତେ ଦାଉ ଧକ୍କା, ଝଡି, ବଢି, ବୈଶାଖୀ/ ସବୁକୁ ସହି ସହି/ ଢୋକେ ପାଣି ପିଇ /ଦଣ୍ଡେ ଜିଇଁ ଚାଲିଛି/ଏବଂ ମୁଁ ଖୁସି ଅଛି ଯେମିତି ଅଛି।'(ପୃଷ୍ଠା-୬୮)

କବି ରାଉତ କେତେବେଳେ ନୂଆପିଢ଼ି ମାନଙ୍କର ଉଗ୍ର ଆଧୁନିକତା ଏବଂ ଆମ ସଂସ୍କୃତି ପ୍ରତି ବିମୁଖତା କଥା କହୁଥିଲା ବେଳେ କେତେବେଳେ ପୁଣି ସ୍ୱପ୍ନ ପ୍ରବଣ ମଣିଷର ହୃଦୟର କଥା ଉଗାରିଛନ୍ତି। ମଣିଷ ସ୍ୱପ୍ନ ଦେଖେ । ସ୍ୱପ୍ନ ତାର ଅସୁମାରୀ। ସ୍ୱପ୍ନରେ ବି ଚାହେଁ ଅଷ୍ଟପାଟ ରାଣୀଙ୍କର ସ୍ପର୍ଶ । ମାତ୍ର ଏସବୁ ଭିତରେ କବି ଜୀବନର ଏକ ସୂକ୍ଷ୍ମ ଦର୍ଶନବୋଧର ମନ୍ତ୍ର ପଢ଼ିଛନ୍ତି। ଯେମିତି ହଂସ ଉଡି ଗଲେ ସରିଯାଏ ପାପ ପୁଣ୍ୟର ଖେଳ । ଦେହର ପଞ୍ଜୁରୀ ଅର୍ଥାତ ଶରୀରରୁ ଶାରୀ (ପ୍ରାଣ)ଉଡ଼ିଗଲା ପରେ କେବଳ ଅନ୍ଧାର ହିଁ ଅନ୍ଧାର । ଏକ ମୃତ୍ୟୁ ଚେତନାର ଭାଗବତ ପାଠ କରିଛନ୍ତି କବି ରାଉତ ।

କବି ଭୁଲି ପାରି ନାହାଁନ୍ତି କରୋନା ସମୟର ବୀଭତ୍ସ ଦୃଶ୍ୟକୁ । ଜୀବନ ବଞ୍ଚାଇବା ପାଇଁ ମଣିଷର ତ୍ରସ୍ତ କାତର ଚାହାଣି କବିଙ୍କ ହୃଦୟକୁ ଆର୍ଦ୍ର କରିଛି ।

କବି ରାଉତ 'ପଶୁ ମଣିଷ'ରେ ଅସହାୟ ମା'ଝିଅର ଶବକୁ ଶ୍ମଶାନକୁ ନେଉଥିବାର ଦୃଶ୍ୟ ବର୍ଣ୍ଣନା କରୁ କରୁ 'କାହାଣୀ ଖୋଜିବା'ରେ ନିଜକୁ ହଜାଇ ଦେଇଛନ୍ତି । ଏଇମିତି ଚିନ୍ତା ଓ ଚେତନାରେ ଆତ୍ମମଗ୍ନ ଥିଲା ବେଳେ' ବିଶ୍ୱାସର ଜୀବନ ନକ୍ସା' ଅଙ୍କନ କରିଛନ୍ତି । ମଣିଷ ଗଢେ ଦିଅଁ । ଦେବାଳୟ। ଦିଅଁରେ ଦେବତ୍ୱ ଆରୋପ କରେ ମଣିଷ । ଏ ସବୁ ପରେବି ମଣିଷ ଆତୁର ହୋଇ ସେଇ ଉପାସନା ପୀଠକୁ ଦୌଡେ। ହୃଦୟର ଗୁହାରି ଜଣାଏ । ତମାମ ଦୁଃଖକୁ ମାଳା କରି ପିନ୍ଧେ । ତଥାପି ବିଶ୍ୱାସରେ ଜୀବନକୁ ଖୋଜେ । ସତରେ କବି ରାଉତ କେତେ ଆଶାବାଦୀ ତାହା ଏଇଥିରୁ ସ୍ପଷ୍ଟ ହୋଇଥାଏ ।

କବି ରାଉତଙ୍କ ସମ୍ପ୍ରସାରିତ ଦୃଷ୍ଟି ଗୋଟିଏ ନିର୍ଦ୍ଦିଷ୍ଟ ବିନ୍ଦୁରେ ଅଟକି ଯାଇ ନାହି । ବରଂ 'ଯୁଦ୍ଧ ଜିତିଗଲା ପରେ'ଠାରୁ 'ପଣସ ଗଛର' ମହାପ୍ରୟାଣ ପର୍ଯ୍ୟନ୍ତ ବାସ୍ତବତାର ଘନ କୃଷ୍ଣ ସ୍ୱପ୍ନ (**Reality is dark dream**) ତାଙ୍କୁ ମୋହାଚ୍ଛନ୍ନ କରିଛି । ସେଇଥିପାଇଁ ତ କବି' ଆକାଶର ଇସାରାରେ' ମାଟିରେ ଜଳୁଥିବା ନିଆଁ, ଉତ୍ତପ୍ତ ବାଷ୍ପରେ ରୁନ୍ଧି ହୋଇ ଯାଉଥିବା ପ୍ରାଣ, ଉତ୍ତାପ ଧାସରେ ସ୍ଫୀତ ହୋଇ ଯାଉଥିବା କ୍ଷୀର ସାଗରର ବୁକୁ, ଜଳୁଥିବା ଚୁଲି ହାଣ୍ଡିରୁ ଫେଣ ଯୁକ୍ତ ମେଞ୍ଚା ମେଞ୍ଚା କ୍ଷୀରର ଦୃଶ୍ୟ ଭାସି ଉଠିଛି କବିଙ୍କ ଆଖି ସାମ୍ନାରେ ।

ଏଇ ସଂସାରରେ କେହି ବଡ଼ ନୁହେଁ କି ସାନ ନୁହେଁ । ଆକାଶ, ଭୂଇଁ, ମେଘ, ମାଟି ସଭିଏଁ ନିଜ ନିଜ କ୍ଷେତ୍ରରେ ମହାନ ଓ ମହୀୟାନ ।

ପ୍ରତି ମୁହୂର୍ତ୍ତରେ, ପ୍ରତିକ୍ଷଣରେ ବଦଳୁଛି ସମୟ । ଏଇ 'ବଦଳୁ ଥିବା ସମୟ' କବି କେତେଥର ଜନ୍ମ ନେଇଛନ୍ତି, ଏହାର ଉତ୍ତର କାହାରି ପାଖରେ ନାହିଁ । ତଥାପି ଆୟୁଷ ଶେଷ ହେବା ପୂର୍ବରୁ ସମୟକୁ ଅଯଥାରେ ଅପଚୟ ନକରି, ଯେଉଁ ପ୍ରଶ୍ନିଳ ପ୍ରସଙ୍ଗ ହୃଦୟରେ ସବାର ହେଉଛି, ତାର ସମାଧାନର ସୂତ୍ର ବାହାର କରି ଅନ୍ତିମ ନିଷ୍କର୍ଷରେ ପହଂଚିବା ହିଁ ମଣିଷର ଧର୍ମ ବୋଲି ସ୍ୱୀକାର କରିଛନ୍ତି ।

କବି ରତ୍ନାକର ରାଉତ ସମାଜକୁ ଖୁବ୍ ନିକଟରୁ ଦେଖିଛନ୍ତି । ସେମାନଙ୍କ ଚିତ୍ର ଓ ଚରିତ୍ରକୁ ଭଲ ଭାବେ ବିଶ୍ଳେଷଣ କରିଛନ୍ତି । ସେଇଥିପାଇଁ ତ ଯାହା ସତ୍ୟ ଓ ବାସ୍ତବ ତାହାହିଁ କଳାତ୍ମକ ତଥା କାବ୍ୟିକ ରୂପ ପ୍ରଦାନ କରି କହନ୍ତି 'କପଟ ଫାଶରେ ମୁ ବନ୍ଧା ପଡିଛି/କାହିଁକି ସେ ସତ ସାହସ ବଳେ / ସର୍ବ ସମ୍ମୁଖରେ ଆସି କହୁ ନାହିଁ' ।(ପୃଷ୍ଠା-୯୫)

ଯୁଗେ ଯୁଗେ ନିରୀହ ମଣିଷ ବଳି ପଡିଥାଏ । ଡାକ୍ତରଖାନା ଏମିତି ଏକ ସ୍ୱର୍ଣ୍ଣ କାତର ଦୃଶ୍ୟ କବିଙ୍କୁ ବିଚଳିତ କରିଛି । ସେ ଦେଖିଛନ୍ତି ପତ୍ନୀର ପ୍ରାଣହୀନ ପିଣ୍ଡ ମାତୃହରା ବାଳୁତ ଝିଅ ।ଏହା ଥିଲା ମାନବତା ପ୍ରତି ତୀବ୍ର ଉପହାସ । ସମ୍ଭବତଃ ସେଇଥି ପାଇଁ କବି କଣ୍ଠ ତୋଳିଛି-'ଡାକ୍ତରଖାନା ବାରଣ୍ଡାରେ ଶବ ସହ ଯୁଝୁ ଥିଲା ସାରାରାତି /ବେସାଲିସ କରିଲା ସଂଗ୍ରାମୁ ସଦ୍ୟ ମାତୃହୀନ/ ଅବାରିତ ଅଶ୍ରୁଧାର ବହୁଥିଲା /ଦୁଇଧାର ଆଖିରୁ ।(ପୃଷ୍ଠା-୧୨୧)

କବି ରାଉତଙ୍କ ଭାବ ଭାବନାର ବଳୟ ଏତେ ବିସ୍ତର ଯେ, କେଉଁଠି ଅପରନ୍ତାରେ ଫୁଟିଥିବା ନାଗଅଇରୀ ଫୁଲକୁ ଦେଖିଛନ୍ତି ତ ପୁଣି କେତେବେଳେ ଅନାଥ ପିଲାର ଭାଗ୍ୟକୁ ଦେଖିଛନ୍ତି । ସଭିଙ୍କ ଆଢୁଆଳରେ ଥିବା ଫୁଲ ଦିଅଁଙ୍କ ମସ୍ତକରେ ଶୋଭାପାଏ । ଠିକ ସେହିପରି ସମୟ ସମୟରେ ଅନାଥ ପିଲାର ବଦଳି ଯାଏ ଭାଗ୍ୟର ଭୂଗୋଳ । ତେଣୁ କାହା ଭାଗ୍ୟରେ କଣ ରହିଛି କେହି କହି ପାରିବେନି ବୋଲି କବି ଉଦଘୋଷଣା କରିଛନ୍ତି । ଅତୀତର ବହୁ ଚର୍ଚ୍ଚିତ ଦାନମାଝୀ କବିଙ୍କ ଦୃଷ୍ଟିରେ ପାଲଟି ଯାଇଛି ବେସାହାରା ମଣିଷରର ପ୍ରତିନିଧି। ସାମାଜିକ ସଂସ୍କାରର ଅଗ୍ରଦୂତ । କ୍ରାନ୍ତିର ବାହକ । ତେଣୁ କବି ସଲାମ କରିଛନ୍ତି ଦାନ ମାଝିକୁ । ନୀରବ ବିପ୍ଳବୀ, ପୁରୁଷ ପାଣିଆର ଦମ୍ଭିକତାକୁ । (ଅନିର୍ବାଣ ଏକ ଦୀପ ଶିଖା)

କବିତାର ଅନ୍ତିମ ପର୍ବରେ କବି 'ମହିଷା ହୀନ ପୃଥିବୀର'ସ୍ୱପ୍ନ ଦେଖିଛନ୍ତି ୧୨୮ ପୃଷ୍ଠାରେ । ଏହା କଣ ସମ୍ଭବ?' ନାରୀ ଶବର ସମ୍ଭୋଗର ସୁଖ ଖୋଜୁଥିବା /ପଶୁଠୁ ଇତର କୀଟମାନେ/କଣ ଲେଖନ୍ତି ମାନବ ସଭ୍ୟତାର ଇତିହାସ? ଅବା ଆଂକନ୍ତି ମାନବ ଜାତିର ସଂସ୍କୃତି ପରମ୍ପରା ଓ ପ୍ରଗତିର ପଟ୍ଟଚିତ୍ର?'

ଧର୍ମର ସୁରାପାନ କରି ଅନେକ ପଥଭ୍ରଷ୍ଟ ବିଧର୍ମୀ ସମାଜ ପାଇଁ ଯେ ଜଣେ ଜଣେ କଳଙ୍କ ତାହାର ଏକ ନଗ୍ନ ଚିତ୍ର ପ୍ରଦାନ କରିଛନ୍ତି । ନାରୀ ପ୍ରତି ସମ୍ମାନନ ଯେଉଁ ବ୍ୟକ୍ତି କରେନା, ସେ କେବେ ମଣିଷ ନୁହେଁ । ବରଂ ତା ଦେହରେ ଥାଏ ମହିଷାର ପ୍ରକୃତି । ତେଣୁ ଏମିତି ଏକ ଦୃଶ୍ୟରେ କବି ଅକ୍ତା ମକ୍ତା ହୋଇ ଉଠିଛନ୍ତି । ସେଇଥିପାଇଁ ତ ସେ କହନ୍ତି- 'ପୁଣି ଥରେ ସୃଷ୍ଟି ହେଉ ମହିଷାହୀନ ପୃଥିବୀ।'

କବିଟିଏ କଣ ଚିନ୍ତା କରିପାରେ ଯେ। ସେ ତ ଚାହେଁ ଝୁଲା ଭର୍ତ୍ତି ପ୍ରେମର ମନ୍ତ୍ର ପାଠ କରିବା ସେ ତ ଚାହେଁ ସଭିଙ୍କ ମୁହଁରେ ହସ ଫୁଟାଇବା। ଯେତେଦିନ ପର୍ଯ୍ୟନ୍ତ ଏଇ ସଂସାର ଅଛି , ସେତେଦିନ ପର୍ଯ୍ୟନ୍ତ କବିଟିଏ ସଭିଙ୍କୁ ଆପଣାର କରିବାକୁ ଚାହେଁ। ଯାହା କରିବାକୁ ଭରପୂର ପ୍ରୟାସ କରିଛନ୍ତି କବି ରତ୍ନାକର ରାଉତ। ଯେଉଁଥିପାଇଁ ସେ କହନ୍ତି-'ମୁଁ ପ୍ରେମରେ ଅଛି/ ମୋ ହୃଦୟ ପ୍ରେମର ମନ୍ଦିର/ ଅଟକିଛି ଏଇଠାରେ ଏଇ କିଛି ଦିନ/ ସଭିଙ୍କ ଭିତରେ ମୁହିଁ ବାଣ୍ଟିବାକୁ ପ୍ରେମ । (ପୃଷ୍ଠା-୧୩୩)

ସମୁଦାୟ କବିତା ସଙ୍କଳନରେ ଆତୁର ଜୀବନର ପରିଭାଷା, ଅବକ୍ଷୟ ସମାଜର ଉଦାତ୍ତ ଗାନ, ଯାବତୀୟ କ୍ଳାନ୍ତି, ଅବସାଦ, ଆଶାର ଆଚରିତାର୍ଥତା, ବଞ୍ଚିବାର ଉତ୍ସରିତ ଉତ୍ସ ବେଶ ସ୍ପଷ୍ଟ ହୋଇ ଉଠେ। କବି ରାଉତଙ୍କ କବିତାରେ ଆତ୍ମୀୟ ସୁଲଭ ଶବ୍ଦ, ବ୍ୟଞ୍ଜନାମୟ ଏବଂ ଭାବ ବହନରେ ସମର୍ଥ। କବିଙ୍କର ଅନ୍ୟ ଏକ ଅନନ୍ୟ ଲକ୍ଷଣ ହେଉଛି ଚଳମାନ ଭାବକୁ କାବ୍ୟିକ ରୂପ ଦେବା। ସମକାଳ ଜୀବନ ଯନ୍ତ୍ରଣାର ଚିତ୍ର, ଦଳିତ ନିର୍ଯ୍ୟାତିତ ମଣିଷର ବ୍ୟଥା ଓ କାରୁଣ୍ୟକୁ କରୁଣିଳ୍ପରେ ପରିଣତ କରିବାରେ ସଫଳ ହୋଇଛନ୍ତି କବି ।

କବି ନିଜର ବିକ୍ଷିପ୍ତ ଭାବନାର ଶବ୍ଦ ନିଶାରେ ଏମିତି ତର ବନିଯାଇ ବି ହୋର ହୋଇଛନ୍ତି ଯେ, ଶବ୍ଦ ଦ୍ୱାରା ଗ୍ରସ୍ତ, ନା ତାଙ୍କ ଦିଆ ଶବ୍ଦ ମାନେ -ତାହା ଜାଣିବା ପାଇଁ ପାଠକ ମାନଂକୁ ଅକଲ ଖଟାଇବାକୁ ପଡିବ। ତାଙ୍କର ଏଇ କବିତା ସଂକଳନଟି ପାଠ କରିସାରିବା ପରେ ମୁଁ ଅନେକତ୍ର ହୋଇଛି ବିଭୋର, ହୋଇଛି ମନ୍ତ୍ରମୁଗ୍ଧ। ବହୁ ଭିନ୍ନ ବିଶିଷ୍ଟତାକୁ ଆକଳନ କରି ସେ କବିତାର କୈବଲ୍ୟ ବାଣ୍ଟିବାରେ ବେଶ୍ ସିଦ୍ଧହସ୍ତ । ନିଜକୁ ପ୍ରସ୍ତ ପ୍ରସ୍ତ ଆବରଣ ଭିତରୁ ଫିଟାଇ ଦେବାର ଦୁର୍ବାର ଦୁଃସାହସ ଦେଖାଇଛନ୍ତି କବି ରାଉତ । ବୋଧହୁଏ ଏଇଥିପାଇଁ 'ହାରିଯାଉଥିବା ମଣିଷ' ହୃଦୟରେ ବି ଆଶା ଓ ବିଶ୍ୱାସ ସଂଚାର କରିଛନ୍ତି ସେ । ସର୍ବୋପରି ନିଜସ୍ୱ ମୌଳିକ ଜୀବନ ଚେତନାର ସ୍ଫୁରଣ , ମାନବୀୟ ସମ୍ପର୍କର ନବ ବିଶ୍ଳେଷଣ, ନିବିଡ଼ ଆଶାବାଦର ଉଜ୍ଜୀବନ ଏବଂ ସମାଜ ଚେତନାର କଳାତ୍ମକ ଅଭିବ୍ୟକ୍ତି ବେଶ ପରିଚ୍ଛନ୍ନ ।

❤ ସଲଟ ରୋଡ଼ (କଦ୍ରାବାଦ)ସୁନହଟ,ବାଲେଶ୍ୱର-୨
ମୋ :୯୪୩୮୨୦୦୦୭୨

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୩୧ ମାର୍ଚ୍ଚ ୨୦୨୪

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



## ଚେତନାର ଦର୍ପଣ - ୨୩

# ଜ୍ଞାନର ସୂତ୍ର



♥ ଲଳିତ ମୋହନ ମିଶ୍ର

ଜଣେ ଯୁବକ ବିବାହର ଦୁଇ ବର୍ଷ ପରେ ରୋଜଗାର ପାଇଁ ଅନ୍ୟ ଦେଶକୁ ଯିବାକୁ ଇଚ୍ଛା କଲା । ଯୁବକଟି ଏହି ବିଷୟରେ ତାର ବାପାଙ୍କୁ ଅନୁମତି ମାଗିଲା । ବାପା ରାଜି ହେବା ପରେ ଗର୍ଭବତୀ ସ୍ତ୍ରୀ 'କୁ ଛାଡି ବିଦେଶ ଗଲା । ବିଦେଶରେ କଠିନ ପରିଶ୍ରମ କରି ବହୁତ ଅର୍ଥ ରୋଜଗାର କଲା । ସତର ବର୍ଷ କାଳ ଅର୍ଥ ରୋଜଗାରରେ ବିତିଗଲା, ପରିଶ୍ରମରେ ବହୁତ ସନ୍ତୋଷ ମିଳିଥିଲା ଏବଂ ଘରକୁ ଫେରିବା ପାଇଁ ଇଚ୍ଛା କଲା । ସେ ଜାହାଜରେ ବସିଥାଏ । ଜାହାଜରେ ଦୁଃଖୀ ହୃଦୟରେ ବସିଥିବା ଜଣେ ବ୍ୟକ୍ତିଙ୍କୁ ସେ ଦେଖିଲା। ତାଙ୍କୁ ଦୁଃଖର କାରଣ ପଚାରିଲା, ସେ କହିଲେ ଯେ ଏହି ଦେଶରେ ଜ୍ଞାନର କୌଣସି ମୂଲ୍ୟ ନାହିଁ । ଲୋକଟି ଭାବିଲା, ମୁଁ ଏହି ଦେଶରୁ ବହୁତ ଅର୍ଥ ରୋଜଗାର କଲି । ଏହାକୁ ସମ୍ମାନ ଦେବା ଉଚିତ୍ । ଜ୍ଞାନର ସୂତ୍ର କିଣିବା ପାଇଁ ସେ ଇଚ୍ଛା ପ୍ରକାଶ କରିଥିଲେ। ବ୍ୟକ୍ତି ଜଣକ କହିଲେ - ମୋର ପ୍ରତ୍ୟେକ ଜ୍ଞାନ ସୂତ୍ରର ମୂଲ୍ୟ ୫୦୦ ସୁନା ମୁଦ୍ରା । ଲୋକଟି ଦୁଃଖୀ ହୃଦୟରେ ବସିଥିବା ଲୋକକୁ ୫୦୦ ସ୍ୱର୍ଣ୍ଣ ମୁଦ୍ରା ଦେଇଦେଲା । ବ୍ୟକ୍ତି ଜଣକ ଅର୍ଥ ପାଇବା ପରେ କହିଲା - ଜ୍ଞାନର ପ୍ରଥମ ସୂତ୍ର ହେଉଛି କୌଣସି କାମ କରିବା ପୂର୍ବରୁ ଦୁଇ ମିନିଟ୍ ଅଟକି ସେ ବିଷୟରେ ଉଚିତ୍ ଅନୁଚିତ୍ ଚିନ୍ତା କରିବ । ଲୋକଟି ଅନେକ ଦିନର ଯାତ୍ରା ପରେ ରାତିରେ ଆସି ନିଜ ଘରେ ପହଞ୍ଚିଲା । ସେଠାକାର ଦୃଶ୍ୟ ଦେଖି ତାର ପାଦ ତଳୁ ମାଟି ଖସି ଯାଇଥିଲା। ଜଣେ ଯୁବକ ବିଛଣାରେ ନିଜ ପତ୍ନୀଙ୍କ ସହିତ ଶୟନ କରିଛି। ଲୋକଟି ପ୍ରବଳ ବେଗରେ କ୍ରୋଧାନ୍ୱିତ ହେଲା, ଏବଂ ଭାବିଲା ଆଜି ଦୁହିଁଙ୍କୁ ଶେଷ କରିଦେବି । ଏହା ଭାବି ଖଣ୍ଡାରେ ମାରିବାକୁ ଯାଉଛି, ହଠାତ୍ ତାର ମନେ ପଡିଗଲା ମୁଁ ଦୁଃଖି ଲୋକକୁ ୫୦୦ ଶହ ସ୍ୱର୍ଣ୍ଣ ମୁଦ୍ରା ଦେଇଥିଲି । ସେ ଲୋକଟି ଜ୍ଞାନ ସୂତ୍ର କହିଥିଲା - ଯେ କୌଣସି କାମ କରିବା ପୂର୍ବରୁ ଦୁଇ ମିନିଟ୍ ଅଟକି ସେ ବିଷୟରେ ଉଚିତ୍ ଅନୁଚିତ୍ ଚିନ୍ତା କରିବ । ଖଣ୍ଡାଟି ପଛକୁ ଟାଣି ଆଣି ପଛ ପଟେ ଲୁଚାଇ ଦେଲା । ପରେ ଖଣ୍ଡାଟି ଏକ ବାସନରେ ବାଜିଗଲା । ବାସନଟି ଶବ୍ଦ କରି ଖସିପଡ଼ିଲା । ପତ୍ନୀର ନିଦ ଭାଙ୍ଗିଗଲା। ସ୍ୱାମୀଙ୍କୁ ପାଖରେ ଦେଖି ଖୁସି ହୋଇ କହିଲା - ତୁମ ବିନା ମୋ ଜୀବନ ଅଧୁରା ଅଧୁରା। ଲୋକଟିର କ୍ରୋଧ ପଞ୍ଚମରେ, ଶେଯରେ ଅଲାଜୁକୀଆଟି ଆହୁରି ଶୋଇ ରହିଛି, ଏ ମନେ ମନେ କ୍ରୋଧାନ୍ୱିତ ହେଉଥାଏ । ସ୍ତ୍ରୀ କହିଲା - ପୁଅ ! ଦେଖିଲୁ କିଏ ଆସିଛନ୍ତି ? ଏ ତୋର ବାପା । ଜନ୍ମରୁ ତ ତୁ ତାଙ୍କୁ ଦେଖିନାହୁଁ, କି ସେ ତୋତେ ଦେଖିନାହାଁନ୍ତି । ଏହା ଭିତରେ ବିତିଗଲାଣି ସତର ବର୍ଷ । ଲୋକଟି ଭାବି ହେଉଥାଏ ଯଦି ଆଜି ମୁଁ ସେହି ଜ୍ଞାନ ସୂତ୍ର ଗ୍ରହଣ କରି ନଥାନ୍ତି, ତେବେ ମୋର କେତେ ବଡ ବିପର୍ଯ୍ୟୟ ଘଟିଥାନ୍ତା । ମୋ ପରିବାରକୁ ମୁଁ ହିଁ ନିପାତ କରିଦେଇଥାନ୍ତି । ସତରେ ଜ୍ଞାନର ଏହି ସୂତ୍ର ସେଦିନ ମୋତେ ମହଙ୍ଗା ଲାଗୁଥିଲା, କିନ୍ତୁ ଆଜି ଏ ଜ୍ଞାନ ଅମୂଲ୍ୟ ।

♥ କୁରାଳ, ନୟାଗଡ
(ମୋ) ୯୪୩୭୯୮୫୮୬୬

# ମୋ ମାଆ ସୁବର୍ଣ୍ଣରେଖା

ଡ. ଶ୍ରୀକାନ୍ତ ଚରଣ ପାତ୍ର



## ଆମର ନଈକୂଳିଆ ଗାଆଁ

(ପୂର୍ବ ପ୍ରକାଶିତ ଉତ୍ତାରୁ)

(୨୦)

### ବନ୍ୟା ନିୟନ୍ତ୍ରଣ ପାଇଁ ଆଉ କେତେକ ପଦକ୍ଷେପ .....

ସେଖବାଡ ଗ୍ରାମ ପାଖାପାଖି ଏକ ବିଚିତ୍ରସ୍ଥିତି ନଜରକୁ ଆସିଲା । ନଦୀଗର୍ଭରେ ବିରାଟ ଚଢ ରହିଛି। ତାର ଉଚ୍ଚତାବି ଢେରବେଶୀ। ସେଥିରେ ବଡବଡ ଗଛବି ରହିଛି । ଫଳରେ ନଦୀପାଣିର ସୁଅ ଚଢାଭାଙ୍ଗି ନପାରିବା ଯୋଗୁଁ ପଶ୍ଚିମ କୂଳରେ ଥିବା ରାଜନଗର ଓ ଭାନୁପୁର ଗ୍ରାମପାଖ କୂଳ ଓ ପୂର୍ବରେ ସେଖବାଡ ଓ ଶାସନବାଡ ମୌଜାର ନଦୀକୂଳରୁ ଅତଡା ଖସୁଛିଓ ନଦୀବନ୍ଧ ଭାଙ୍ଗୁଛି। ବୈଷୟିକ ଜ୍ଞାନ ସମ୍ପନ୍ନ ଇଂଜିନିୟରମାନେ ସେଇ ଚଢାରେ ପୁଣି ବୃକ୍ଷରୋପଣ କରୁଛନ୍ତି। ରାଜନେତାମାନେ ସବୁ ଦେଖିକି ନଦେଖିଲା ଭଳି ରହୁଛନ୍ତି।

ସୁବର୍ଣ୍ଣରେଖାର ବନ୍ୟାରେ ପ୍ରତିବର୍ଷ ଆମ ଅଞ୍ଚଳରେ ପ୍ରଭୂତ ଧନଜୀବନ ହାନୀ ହୋଇଥାଏ। ମାତ୍ର, ୨୦୦୮ ମସିହାର କ୍ଷୟକ୍ଷତି ଥିଲା ଅକଳ୍ପନୀୟ। ଶୁଣିଥିଲୁ, ବିଦେଶୀ ଶାସନ କାଳରେ ୧୯୪୩ ମସିହାରେ ଓଡିଶା ଓ ବଙ୍ଗ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରକୃତି ତାଣ୍ଡବ ରଚନା କରିଥିଲା । କିନ୍ତୁ,ଏଥରର ଘଟଣା ଥିଲା ପ୍ରତ୍ୟକ୍ଷ ଦର୍ଶନ ଓ ଅନୁଭବର ବିଷୟ ।

ତେଣୁ, ସୁବର୍ଣ୍ଣରେଖାର ବନ୍ୟା ନିୟନ୍ତ୍ରଣ ପାଇଁ ପ୍ରତ୍ୟେକ ସଚେତନ ନାଗରିକ ଓ ସଂଗଠନ ସେଥିପାଇଁ ସ୍ୱର ଉତ୍ତୋଳନ କରିଥିଲେ ।

ଗ)୦୮.୦୭.୨୦୦୮ ତାରିଖ ମଙ୍ଗଳବାର ଅପରାହ୍ନରେ ଜଳେଶ୍ୱର ଟାଉନ ହାଇସ୍କୁଲ ପରସରରେ ଜଳେଶ୍ୱର ବଣିକସଂଘ ସଭାପତି ଶ୍ରୀ ବିଷ୍ଣୁପଦ ମହାନ୍ତିଙ୍କ ସଭାପତିତ୍ୱରେ ଜଳେଶ୍ୱରର ସୁରକ୍ଷା ସଂପର୍କୀୟ ଆଲୋଚନା ଚକ୍ର ଅନୁଷ୍ଠିତହେଲା। ଏଥିରେ ଶ୍ରୀ ହିମାଂଶୁ ଶେଖର ନନ୍ଦୀ, ଏଡ.ଚିନ୍ମୟ କୁମାର ଦାସ ଏବଂ ଇଂ ଅକ୍ଷୟ କୁମାର କର ଅତିଥିଭାବରେ ଯୋଗଦେଇ ନିଜନିଜର ସୁଚିନ୍ତିତ ମତ ରଖିଥିଲେ । ମୁଁ , ଉତ୍କଳ ସମ୍ମଳନୀ ଜଳେଶ୍ୱର ଶାଖାର ସଭାପତି ଭାବରେ ଯୋଗ ଦେଇ ମତଥିଲି। ଏଥିରେ ସମାଜର ବିଭିନ୍ନସ୍ତରର ବହୁ ଅଭିଜ୍ଞ ବ୍ୟକ୍ତି ଯୋଗଦେଇ ନିଜନିଜର ମତ ଉପସ୍ଥାପନ କରିଥିଲେ । ସେଇ ଉଦ୍ଦେଶ୍ୟରେ ଗଠିତ କମିଟିରେ ମୋତେ ଜଣେ ସଭ୍ୟ ଭାବରେ ଗ୍ରହଣ କରାଯାଇଥିଲା । ତାପରେ ଆମେ ଅନେକଥର ଏକତ୍ରିତ ହୋଇ ବିଭିନ୍ନ ଦିଗରୁ ଜଳେଶ୍ୱରର ସୁରକ୍ଷା ସମ୍ପର୍କରେ ଆଲୋଚନା କରିଛୁ । ଶେଷରେ , ୧୭ଅଗଷ୍ଟ, ୨୦୦୮ଦିନ ବିଷ୍ଣୁ ବାବୁଙ୍କ ଘରେ ଅନୁଷ୍ଠିତ ବୈଠକରେ ନଦୀକୂଳକୁ ଯାଇ ମୁକୁଳା ପଡିଥିବା ଖାଳ, ନାଳରମୁହଁ, ଦୁର୍ବଳ ନଦୀକୁଳବନ୍ଧ ଇତ୍ୟାଦି ପ୍ରତ୍ୟକ୍ଷଭାରେ ଅନୁଧ୍ୟାନ କରିବାର ସିଦ୍ଧାନ୍ତ ନେଲୁ । ହିମାଂଶୁବାବୁ, ବିଷ୍ଣୁବାବୁ, ମୁଁ, ଚିନୟବାବୁ, ଦିଲ୍ଲିପ ଗିରି ଓ ଆଉକେତେଜଣ ବାଘାବାଳି ଗ୍ରାମଠୁ ଗୋବତଘାଟା ଯାଏ ନଦୀ କୂଳେକୁଳେ ଚାଲିଚାଲି ଯାଇ ସ୍ଥିତି ପରଖିଛୁ ।

ସେଖବାଡ ଗ୍ରାମ ପାଖାପାଖି ଏକ ବିଚିତ୍ରସ୍ଥିତି ନଜରକୁ ଆସିଲା । ନଦୀଗର୍ଭରେ ବିରାଟ ଚଢ ରହିଛି। ତାର ଉଚ୍ଚତାବି ଢେରବେଶୀ। ସେଥିରେ ବଡବଡ ଗଛବି ରହିଛି । ଫଳରେ ନଦୀପାଣିର ସୁଅ ଚଢାଭାଙ୍ଗି ନପାରିବା ଯୋଗୁଁ ପଶ୍ଚିମ କୂଳରେ ଥିବା ରାଜନଗର ଓ ଭାନୁପୁର ଗ୍ରାମପାଖ କୂଳ ଓ ପୂର୍ବରେ ସେଖବାଡ ଓ ଶାସନବାଡ ମୌଜାର ନଦୀକୂଳରୁ ଅତଡା ଖସୁଛିଓ ନଦୀବନ୍ଧ ଭାଙ୍ଗୁଛି। ବୈଷୟିକ ଜ୍ଞାନ ସମ୍ପନ୍ନ ଇଂଜିନିୟରମାନେ ସେଇ ଚଢାରେ ପୁଣି ବୃକ୍ଷରୋପଣ କରୁଛନ୍ତି। ରାଜନେତାମାନେ ସବୁ ଦେଖିକି ନଦେଖିଲା ଭଳି ରହୁଛନ୍ତି।

'କାହାକୁ କହିବା, କପାଳରେ ସିନ କର ମାରିବା ।' ରାଇବଣିଆ ଅଞ୍ଚଳର ଆବଶ୍ୟକ ତଥ୍ୟ ମୁଁ ଯୋଗାଇଦେଲି । ସବୁ ତଥ୍ୟକୁ ଏକତ୍ରିତ କରି ସୁବର୍ଣ୍ଣରେଖାର ବନ୍ୟା ନୟନ୍ତ୍ରଣ ଓ ଜଳେଶ୍ୱର ବ୍ଲକର ସୁରକ୍ଷା ନିମନ୍ତେ ଏକ ସ୍ମାରକପତ୍ର ପ୍ରସ୍ତୁତ କରାଗଲା । ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜଳେଶ୍ୱର ତହସିଲଦାରଙ୍କୁ ତାହା ପ୍ରଦାନ କରାଗଲା। ୦୫.୦୯.୨୦୦୮ତାରିଖ ଶୁକ୍ରବାର ଦିନ ।

'ଜଳେଶ୍ୱର ବଞ୍ଚାଅ' ନାମରେ ଏକ ପୁସ୍ତିକା ମଧ୍ୟ ହିମାଂଶୁବାବୁ ପ୍ରକାଶ କଲେ ।

ଘ) ୨୧ଜୁଲାଇ ୨୦୦୮ତାରିଖ ସୋମବାର ଦିନ ଜଳେଶ୍ୱର ଡାକ ବଙ୍ଗଳାରେ ସୁବର୍ଣ୍ଣରେଖା ସଂସ୍କାର ଯୋଜନାର ବୈଷୟିକ କମିଟିକୁ ଭେଟି ଇଂଜିନିୟର - ଇନ ଚିଫଙ୍କୁ ଜଳେଶ୍ୱର ବ୍ଲକକୁ ବନ୍ୟାଦାଉରୁ ସୁରକ୍ଷା ଦେବାପାଇଁ ଏକ ଦାବୀପତ୍ର ପ୍ରଦାନକଲି । ଜଳେଶ୍ୱର ବଣିକ ସଂଘର ସଭାପତି ବିଷ୍ଣୁପଦ ମହାନ୍ତି ମଧ୍ୟ ଏକ ସ୍ମାରକପତ୍ର ଦେଲେ। ସେତେବେଳେ ସେଠାରେ ଗୌରଗୋପାଳ ଦାସ, ସାମ୍ବାଦିକ ଅବନୀ ଚନ୍ଦ ଓ ଜଳେଶ୍ୱର ତଥା ଭୋଗରାଇର ଦୁଇ ବିଧାୟକ ଉପସ୍ଥିତ ଥିଲେ । ସେମାନଙ୍କୁ ମଧ୍ୟ ମୁଁ ସ୍ମାରକପତ୍ର ପ୍ରଦାନକଲି ।

ଙ) ସମାଜସେବୀ ସୁଦର୍ଶନ ଦାସ ମଧ୍ୟ ଏକ ଅଭିନବ ଢଙ୍ଗରେ ବନ୍ୟା ବିପ୍ତିଉରୁ ଏ ଅଞ୍ଚଳକୁ ରକ୍ଷା କରିବାପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ୦୨.୧୨.୨୦୦୮ ତାରିଖ ମଙ୍ଗଳବାର ଦିନ ପୂର୍ବାହ୍ନରେ ତମ୍ଭାଖୁରି (ରାଜଘାଟ)ର 'ଉନ୍ନୟନ' ସ୍ୱେଚ୍ଛାସେବୀ ସଂଗଠନ ଆନୁକୂଲ୍ୟରେ ଏକ ଆଲୋଚନା ଚକ୍ରର ଆୟୋଜନ କରାଯାଇଥିଲା ।ବହୁ ବୁଦ୍ଧିଜୀବୀ,ସରପଞ୍ଚ, ୱାଡସଭ୍ୟ ଏବଂ ନଦୀକୂଳର ବାସିନ୍ଦାମାନେ ଯୋଗଦେଇଥିଲେ। ସେ ସଭାରେ ମୁଁ ସଭାପତିତ୍ୱ କରିଥିଲି । ସିଦ୍ଧାନ୍ତ ନିଆଗଲାଯେ ଜନସଚେତନତା ସୃଷ୍ଟି ଓ ସରକାରଙ୍କ ଦୃଷ୍ଟ ଆକର୍ଷଣ କରିବାପାଇଁ ନଦୀର ଉଭୟ କୂଳରେ ପଦଯାତ୍ରା କରିବେ - 'ସୁବର୍ଣ୍ଣରେଖା ସୁରକ୍ଷାସେନା'। ପ୍ରସ୍ତୁତି ଚାଲିଲା।

୦୮.୧୨.୨୦୦୮ତାରିଖ ସୋମବାର ଦିନ ରାଜଘାଟ ନଦୀକୂଳ ବାରୁଣି ପଡିଆରେ ଆୟୋଜିତ ସଭାରେ ସୁଦର୍ଶନ ଦାସ ସଭାପତିତ୍ୱ କରିଥିଲେ । ସେଥିରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗିରୀଶ ଚନ୍ଦ୍ର ଦାସ, ବରିଷ୍ଠ ଆଡଭୋକେଟ ଶମ୍ଭୁନାଥ ମହାନ୍ତି, ବିଜୟ ଉପାଧ୍ୟାୟ , ପୂ.ବିଧାୟକ କିଶୋର ଚନ୍ଦ୍ର ଦାସ, ଜଳେଶ୍ୱରରୁ ମୁଁ ଓ ନକୁଳ ଚରଣ ଓଝା, ପାଇକସିଦାର ରମାନାଥ ଗିରି ଏବଂ ସ୍ଥାନୀୟ ଯୁବନେତା ସୁବ୍ରତ ଦାସ ନହାପାତ୍ର ଏବଂ ଅନାଦି ଦାସ ପ୍ରଭୃତି ଯୋଗଦେଇ ଏଭଳି ଉଦ୍ୟମକୁ ପ୍ରଶଂସାକଲୁ ଓ ସୁରକ୍ଷାସେନାକୁ ଉତ୍ସାହିତ କରିଥିଲୁ। ପରିଶେଷରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ଦାଶ ପତାକା ହଲାଇ ପଦଯାତ୍ରାର ଶୁଭାରମ୍ଭ କଲେ । ବିପୁଳ ଉତ୍ସାହରେ ପଦଯାତ୍ରୀଦଳ ଆଗେଇଗଲେ ।

ଜଳେଶ୍ୱର ପାଖରେ ସେମାନଙ୍କ ସହିତ ମିଶି ଅଳ୍ପଦୂରଯାଏ ପଦଯାତ୍ରା କରିଛି। ୧୩.୧୨.୦୭ ଶନିବାର ସନ୍ଧ୍ୟାରେ ଜଳେଶ୍ୱର ବସଷ୍ଟାଣ୍ଡ ଓ ୧୪ ତାରିଖ ରବିବାର ସନ୍ଧ୍ୟାରେ ଶିଖରପୁର ଠାରେ ଆୟୋଜିତ ସଭାରେ ଉଦ୍‌ବୋଧନ ଦେଇଛି ।

ଚ)ଇତି ମଧ୍ୟରେ କେନ୍ଦ୍ରର ମନମୋହନ ସିଂହଙ୍କ ନେତୃତ୍ୱାଧୀନ ଉ:ପା: ସରକାରବି ଏକ ବ୍ୟୟବହୁଳ ସୁବର୍ଣ୍ଣରେଖା ସଂସ୍କାର ଯୋଜନା ପ୍ରସ୍ତୁତକରି ଓଡିଶା ସରକାରଙ୍କୁ ଦେଇଥିଲେ । ମାତ୍ର ୨୦୧୪ ନିର୍ବାଚନରେ କେନ୍ଦ୍ରରେ ଅନ୍ୟମେଣ୍ଟ ସରକାର କ୍ଷମତାକୁ ଆସିବାରୁ ଓ ରାଜ୍ୟ ସରକାରଙ୍କ ଅନାଗ୍ରହ ଯୋଗୁଁ ସେ ପ୍ରସ୍ତାବ ଶୀତଳ ଭଣ୍ଡାରରେ ପଡିରହିଛି । ଆଉ ବୁଡି ଅଞ୍ଚଳର ଲୋକେ ଭାଗ୍ୟ ଓ ଭଗବାନଙ୍କ ଉପରେ ନିର୍ଭରକରି ଦିନ ବିତାଉଛନ୍ତ । ସୌଭାଗ୍ୟକୁ ୨୦୦୮ ମସିହାପରେ ଆଉ ବନ୍ୟା ଆସିନାହିଁ। ତେବେ ଭୋଗରାଇ ଓ ବାଲିଆପାଳର ତଳିଆ ଅଞ୍ଚଳର ଦୁଃଖ ଦୂର ହୋଇନାହିଁ ।

(କ୍ରମଶଃ)

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

## ଆଲୋଚନା

# ଭାରତର ପ୍ରଥମ ନିର୍ବାଚନ

ଗୋପାଳ ମହାପାତ୍ର



ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ପଶ୍ଚିମବଙ୍ଗର ମୁଖ୍ୟ ଶାସନ ସଚିବ ତଥା ଆଇସିଏସ୍ ଅଧିକାରୀ ତାଙ୍କୁ ନିଯୁକ୍ତି ଦିଆଯିବା ଉପରେ ଗୁରୁତ୍ୱ ଦେଇଥିଲେ। ୧୯୫୦ ମସିହା ମାର୍ଚ୍ଚ ୨୧ ତାରିଖ ଠାରୁ ୧୯୫୮ ମସିହା ଡିସେମ୍ବର ୧୮ ପର୍ଯ୍ୟନ୍ତ ସୁକୁମାର ସେନ ଦେଶର ପ୍ରଥମ ନିର୍ବାଚନ କମିଶନ ଭାବେ ଦାୟିତ୍ୱ ତୁଲାଇଥିଲେ।

ଭାରତ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ସ୍ୱାଧିନ ହୋଇଥିଲା। ଦେଶର ସମ୍ବିଧାନ ପ୍ରଣୟନ ପାଇଁ ବେଶ୍ କିଛି ବର୍ଷ ଲାଗିଯାଇଥିଲା ଓ ସମ୍ବଧାନ କାର୍ଯ୍ୟକାରୀ ହୋଇଥିଲା। ଦେଶରେ ପ୍ରଥମ ନିର୍ବାଚନ ୧୯୫୧-୫୨ ମସିହାରେ ହୋଇଥିଲା। ୧୯୫୧-୫୨ ଲେଖିବାର କାରଣ ହେଉଛି ଦେଶର ପ୍ରଥମ ନିର୍ବାଚନ ୬୮ଟି ପର୍ଯ୍ୟାୟରେ ହୋଇଥିଲା ଏବଂ ଏଥିପାଇଁ ସମୟ ଲାଗିଥିଲା। ଲୋକସଭାର ସମୁଦାୟ ୪୮୯ (ସେତେବେଳର ସାଂସଦଙ୍କ ସଂଖ୍ୟା) ସାଂସଦଙ୍କୁ ନିର୍ବାଚିତ କରିବା ପାଇଁ ୧୯୫୧ ମସିହା ଅକ୍ଟୋବର ୨୫ ତାରିଖରେ ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣ ହୋଇଥିଲା ଓ ଏହି କ୍ରମ ୧୯୫୨ ମସିହା ଫେବୃୟାରୀ ୨୧ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଦେଶର ଏହି ପ୍ରଥମ ଲୋକସଭା ନିର୍ବାଚନ ପାଇଁ ସମୁଦାୟ ୧ ଲକ୍ଷ୯୬ ହଜାର ୮୪ଟି ଭୋଟ ଗ୍ରହଣ କେନ୍ଦ୍ର କରାଯାଇଥିଲା ଓ ଏଥିମଧ୍ୟରୁ ୨୭ ହଜାର ୫୨୭ଟି ଭୋଟ ଗ୍ରହଣ କେନ୍ଦ୍ର ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ହିମାଚଳ ପ୍ରଦେଶରୁ ପ୍ରଥମ ପର୍ଯ୍ୟାୟର ଭୋଟ ଗ୍ରହଣ ୧୯୫୧ରେ ହୋଇଥିଲା ଓ ଦେଶର ଅଧିକାଂଶ ଅଞ୍ଚଳରେ୧୯୫୨ ମସିହା ପ୍ରାରମ୍ଭରେ ଭୋଟ ଗ୍ରହଣ କରାଯାଇଥିଲା। ଦେଶର ପ୍ରଥମ ଲୋକସଭା ନିର୍ବାଚନ (୧୯୫୧)ବେଳେ ବିଶ୍ୱର ସମୁଦାୟ ଜନସଂଖ୍ୟାର ୧୭ ପ୍ରତିଶତ ଥିଲେ ଭାରତୀୟ ଭୋଟର। ଏହି କାରଣରୁ ଭାରତର ପ୍ରଥମ ନିର୍ବାଚନ ମଧ୍ୟ ସଂଖ୍ୟା ଅନୁସାରେ ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ନିର୍ବାଚନ ଥିଲା। ଏହି ନିର୍ବାଚନରେ ୧୪ଟି ରାଷ୍ଟ୍ରୀୟ ଦଳ ଏବଂ ଅନ୍ୟ ଆଞ୍ଚଳିକ ଦଳମାନଙ୍କୁ ମିଶାଇ ସମୁଦାୟ ୫୩ଟି ଦଳର ୧୮୭୪ ପ୍ରାର୍ଥୀ ନିର୍ବାଚନ ଲଢିଥିଲେ।

ସ୍ୱାଧିନ ଭାରତର ପ୍ରଥମ ନିର୍ବାଚନରେ ପ୍ରଥମ ଭୋଟ ଦେଇଥିଲେ ହିମାଚଳ ପ୍ରଦେଶର ଶ୍ୟାମଶରଣ ନେଗୀ। ୧୯୫୧ ମସିହା ଅକ୍ଟୋବର ୨୫ ତାରିଖରେ ହିମାଚଳପ୍ରଦେଶର କଳ୍ପା ଭୋଟଗ୍ରହଣ କେନ୍ଦ୍ରରେ ଶ୍ୟାମଶରଣ ଭୋଟ ଦେଇଥିଲେ। ଏଣୁ ଦେଶର ଲୋକସଭା ନିର୍ବାଚନ କଥା ଆସିଲେ ନେଗୀଙ୍କ କଥାକୁ ଗଣମାଧ୍ୟମ ମନେ ପକାଇ ଦେଇଥାଏ। ୧୯୧୭ ମସିହା ଜୁଲାଇ ୧ ତାରିଖରେ ଜନ୍ମିତ ନେଗୀଙ୍କ ଜୀବନକୁ ପ୍ରଥମ ଭୋଟର ହେବାର ଘଟଣା ମଧ୍ୟ ବଦଳାଇ ଦେଇଥିଲା। ନେଗୀ ସେ ସମୟରେ ସେଲିବ୍ରିଟି ପାଲଟି ଯାଇଥିଲେ। ଏହି କାରଣରୁ ତାଙ୍କୁ 'ସନମ୍ ରେ' ନାମକ ଏକ ବଲିଉଡ୍ ଫିଲ୍ମରେ ଅତିଥି କଳାକାର ଭାବେ ନିଆଯାଇଥିଲା। ୨୦୧୦ର ସାଧାରଣ ନିର୍ବାଚନ ବେଳେ ଭାରତର ନିର୍ବାଚନ କମିଶନ ତାଙ୍କୁ ନିର୍ବାଚନର ବ୍ରାଣ୍ଡ ଆମ୍ବାସଡର କରିଥିଲେ। ୨୦୨୨ ମସିହା ନଭେମ୍ବର ୫ ତାରିଖରେ ୧୦୪ ବର୍ଷ ବୟସରେ ତାଙ୍କର ମୃତ୍ୟୁ ହୋଇଥିଲା। ନେଗୀ ବଞ୍ଚିଥିବା ପର୍ଯ୍ୟନ୍ତ ଭାରତୀୟ ନିର୍ବାଚନର ଜୀବନ୍ତ ପ୍ରତୀକ ଥିଲେ।

ଦେଶର ନିର୍ବାଚନକୁ ପରିଚାଳନା କରିବା ପାଇଁ ସୁକାମାର ସେନ୍‌ଙ୍କୁ ନିର୍ବାଚନ କମିଶନ ଭାବେ ନିଯୁକ୍ତି ଦିଆଯାଇଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ପଶ୍ଚିମବଙ୍ଗର ମୁଖ୍ୟ ଶାସନ ସଚିବ ତଥା ଆଇସିଏସ୍ ଅଧବକାରୀ ତାଙ୍କୁ ନିଯୁକ୍ତି ଦିଆଯିବା ଉପରେ ଗୁରୁତ୍ୱ ଦେଇଥିଲେ। ୧୯୫୦ ମସିହା ମାର୍ଚ୍ଚ ୨୧ ତାରିଖ ଠାରୁ ୧୯୫୮ ମସିହା ଡିସେମ୍ବର ୧୮ ପର୍ଯ୍ୟନ୍ତ ସୁକୁମାର ସେନ ଦେଶର ପ୍ରଥମ ନିର୍ବାଚନ କମିଶନ ଭାବେ ଦାୟିତ୍ୱ ତୁଲାଇଥିଲେ। ଦେଶର ପ୍ରଥମ ନିର୍ବାଚନ ତାଙ୍କ ପାଇଁ ମଧ୍ୟ ଏକ ଚାଲେଞ୍ଜ ଥିଲା। କାରଣ ସେତେବେଳେ ନିର୍ବାଚନ ଜନିତ ଅନୁଭବ ନଥିଲା କି ଆବଶ୍ୟକୀୟ ବ୍ୟବସ୍ଥା ଓ ଭିତ୍ତିଭୂମି ମଧ୍ୟ ନଥିଲା। ଏପରିକି ଭରଷାଯୋଗ୍ୟ ବିଶ୍ୱସ୍ତରୀୟ ସାହାଯ୍ୟ ମଧ୍ୟ ନଥିଲା। ସବୁକିଛି ନିର୍ବାଚନ କମିଶନଙ୍କୁ କରିବାକୁ ପଡ଼ିଥିଲା। ଏଥିପାଇଁ ପ୍ରଥମ ନିବର୍ବାଚନ ପାଇଁ ପାଖାପାଖି ୬୮ ପ୍ରର୍ଯ୍ୟାୟର ଭୋଟଗ୍ରହଣକୁ ୬ ମାସ ଲାଗିଯାଇଥିଲା। ସମୟ ଅଧିକ ଲାଗିଥିଲା କିନ୍ତୁ ଭାରତର ପ୍ରଥମ ନିର୍ବାଚନ ବିଶ୍ୱ ପାଇଁ ଏକ ଉଦାହରଣ ସୃଷ୍ଟି କରିଥିଲା କାରଣ ଏହି ନିର୍ବାଚନ ସ୍ୱଚ୍ଛ ଏବଂ ବିଶ୍ୱସନୀୟ ନିର୍ବାଚନ ଥିଲା ଏଥିପାଇଁ ସୁକୁମାର ସେନଙ୍କୁ ଦେଢବର୍ଷ ପରିଶ୍ରମ କରିବାକୁ ପଡିଥିଲା

ଭୋଟଗ୍ରହଣ ସହ ସୁକୁମାର ସେନ ଏହି ପ୍ରଥମ ସାଧାରଣ ନିର୍ବାଚନ ପାଇଁ ଅନେକ କଠୋର ନିଷ୍ପତ୍ତି ନେଇଥିଲେ। ପ୍ରଥମ ସାଧାରଣ ନିର୍ବାଚନରେ ଦେଶର ପାଖାପାଖି୨୮ ଲକ୍ଷ ମହିଳା ଭୋଟ ଦାନରୁ ବଞ୍ଚିତ ହୋଇଥିଲେ। କାରଣ ହେଉଛି ଭୋଟର ତାଲିକାରେ ମହିଳାମାନେ ସେମାନଙ୍କ ନାମ ସଠିକ୍ ଭାବେ ଲେଖାଇବା ପରିବର୍ତ୍ତେ ଅମୁକର ମାଆ, ଅମୁକର ବୋହୁ, ଅମୁକର ସ୍ତ୍ରୀ ଭାବେ ଲଲ୍ଲେଖ କରାଇଥିଲେ। ନିର୍ବାଚନ କମିଶନର ସୁକୁମାର ସେନ ଏଭଳି ନାମ ଥିବା ମହିଳାଙ୍କୁ ଭୋଟ ଦେବାରୁ ବଞ୍ଚିତ କରାଇ ଦେଇଥିଲେ କାରଣ ଭୋଟର ତାଲିକାରେ ସେମାନଙ୍କର ସ୍ୱତନ୍ତ୍ର ପରିଚୟ ନଥିଲା। ଏହି ନିଷ୍ପତ୍ତି କାରଣରୁ କିଛି ଲୋକ ତାଙ୍କୁ ସମାଲୋଚନା କରିଥିଲେ। କିନ୍ତୁ ସୁକୁମାରଙ୍କ ଏହି ନିଷ୍ପତ୍ତିର ଲାଭ ହେଲା ଯେ ମହିଳାମାନେ ପରବର୍ତ୍ତି ଭୋଟ ସମୟରେ ସେମାନଙ୍କର ନାମ ସଠିକ ଭାବେ ଦରଦ କରାଇଲେ। ପରେ କିନ୍ତୁ ସୁକୁମାର ସେନଙ୍କ ଏଭଳି ନିଷ୍ପତ୍ତିକୁ ଅନେକ ପ୍ରଶଂସା କରିଥିଲେ। ଦେଶରେ ସଠିକ୍ ଭାବେ ନିର୍ବାଚନ ପରିଚାଳନା କରାଇ ପାରିଥିବାରୁ ତାଙ୍କୁ ପଦ୍ମଭୁଷଣ ଉପାଧିରେ ସମ୍ମାନୀତ କରାଯାଇଥିଲା।

ଏମିତିରେ ଦେଖିବାକୁ ଗଲେ ଭାରତର ଲୋକେ ଉତ୍ସବ ପ୍ରିୟ। ଯେକୌଣସି ସ୍ଥିତିରେ ଉତ୍ସବର ଆଧାର ଖୋଜି ଦେଇଥାନ୍ତି। କିନ୍ତୁ ଦେଶର ପ୍ରଥମ ସାଧାରଣ ନିର୍ବାଚନ ବେଳେ ଦେଶର ଭୋଟରମାନଙ୍କ ମଧ୍ୟରେ ଉତ୍ସାହ ଥିଲା ଓ ସେମାନେ ଭୋଟ ଦେବା ପାଇଁ ଉଲ୍ଲସିତ ହୋଇ ଉଠିଥିଲେ। କେତେକ ଭୋଟଗ୍ରହଣ କେନ୍ଦ୍ରରେ ଭୋଟର ମାନେ ଢୋଲ ବଜାଇ ନାଚିବା ସହ ଗୀତ ଗାଉଥିଲେ ବୋଲି ତଥ୍ୟ ରହିଛି। କେତେକ ଭୋଟଗ୍ରହଣ କେନ୍ଦ୍ରକୁ ଭୋଟ ଦେବାପାଇଁ ଲୋକେ ୮/୧୦ କିଲୋମିଟର ଚାଲି ଚାଲି ଯାଇଥିଲେ, କେତେକ ମଧ୍ୟ ଶଗଡ଼ଗାଡ଼ିରେ ଯାଇଥିଲେ। ଏହି ନିର୍ବାଚନରେ ଭୋଟ ଦେବାକୁ ଅନେକ ନୂଆ ବସ୍ତ୍ର ବା ପୋଷାକ ପିନ୍ଧି ଯାଇଥିଲେ। ଭାରତର ପ୍ରଥମ ସାଧାରଣ ନିର୍ବାଚନ ପ୍ରକୃତପକ୍ଷେ କୌଣସି ଉତ୍ସବ ଠାରୁ କମ୍ ନଥିଲା। ଏହା ବିଶ୍ୱର ନିର୍ବାଚନ ଇତିହାସରେ ପ୍ରଥମ ଗଣତାନ୍ତ୍ରିକ ନିର୍ବାଚନ ଥିଲା ଯାହା ୬ ମାସ ପର୍ଯ୍ୟନ୍ତ ଚାଲିଥିଲା। ♥

## ଅନୁବାଦ ଗଳ୍ପ

# ତଥାସ୍ତୁ

ମୂଳହିନ୍ଦୀ– ଅଭିଶ୍ରୀ ଭିଥାଲାନି
ଅନୁସୃଜନ– କସ୍ତୁରୀ ଚରଣ ରାଉତ



ଭଗବାନ ଆମକୁ ଯାହା ଦେଇଛନ୍ତି ଭାବିଚିନ୍ତି ଦେଇଛନ୍ତି । ସେତିକିରେ ଆମେ ସନ୍ତୁଷ୍ଟ ହେବା ଉଚିତ୍ । ଆମେ ପାଇନେ ବୋଲି ଅନ୍ୟମାନଙ୍କୁ ଯେ ଈର୍ଷା କରିବା ତାହା ଠିକ୍ ନୁହେଁ । ଯିଏ ଅନ୍ୟମାନଙ୍କୁ ଈର୍ଷା କରେ ସେ ମାନସିକ ଶାନ୍ତି ପାଏ ନାହିଁ । ସେମିତି ଏକ ଘଟଣାକୁ ନେଇ ଏ କାହାଣୀ ।

ବହୁତ ଦିନ ତଳର କଥା । ଗୋଟିଏ ଗାଁରେ ଦୁଇଜଣ ଚାଷୀ ରହୁଥିଲେ । ଦୁହେଁ ବହୁତ ଗରିବ ଥିଲେ । ଉଭୟଙ୍କର ଅଳ୍ପ ଜମି ଥିଲା ଯେଉଁଥିରେ ସେମାନେ ଚାଷ କରି ନିଜ ପରିବାର ପ୍ରତିପୋଷଣ କରୁଥିଲେ । ସମୟ ଅତିବାହିତ ହେଲା ଏବଂ ଦୁର୍ଭାଗ୍ୟକୁ ଦୁହେଁ ଏକାସାଙ୍ଗରେ ମରିଗଲେ ।

ଉଭୟଙ୍କୁ ଯମରାଜଙ୍କ ପାଖକୁ ନିଆଗଲା । ଯମରାଜ ପଚାରିଲେ - ଏ ଜନ୍ମରେ ତୁମର କ'ଣ ଅଭାବ ଥିଲା ମୋତେ କୁହ ? ଆଉ ଏବେ ତୁମେ କ'ଣ ଚାହୁଁଛ ଏବଂ ତୁମକୁ କ'ଣ କରି ଏହି ଦୁନିଆକୁ ପୁଣି ପଠାଯିବ ?

ଏହା ଶୁଣି ପ୍ରଥମ କୃଷକ ରାଗିଯାଇ କହିଲା - ପ୍ରଭୁ ! ଆପଣ ମୋତେ ଏ ଜନ୍ମରେ କିଛି ଦେଇ ନାହାଁନ୍ତି । ସାରା ଜୀବନ ମୁଁ କ୍ଷେତରେ ବଳଦ ପରି କାମ କଲି । ଯାହାକିଛି ଅଳ୍ପ ରୋଜଗାର କଲି ସେଥିରେ କଷ୍ଟେମଷ୍ଟେ ପରିବାର ଚଳେଇଲି । ଏପରିକି ମୁଁ କିମ୍ବା ମୋ ପରିବାର ଭଲ ପୋଷାକ ଖଣ୍ଡେ ପିନ୍ଧି ପାରିଲୁନି କି ଭଲ ଗଣ୍ଡେ ଖାଇବାକୁ ବି ପାଇଲୁନି । ଏହା ଶୁଣି ଯମରାଜ କିଛି ସମୟ ଚୁପ୍ ରହିଲେ, ତା'ପରେ ସେ ପୁଣି କହିଲେ, ମୋତେ କୁହ ତୁମେ ବର୍ତ୍ତମାନ କଣ ଚାହୁଁଛ ?

ଏହା ପରେ କୃଷକ କହିଲା, ଏପରି କିଛି କରନ୍ତୁ କି ଯାହା ଫଳରେ ମୋ ଚାରିପାଖରୁ ଖାଲି ଟଙ୍କା ବର୍ଷା ହେଉଥିବ କିନ୍ତୁ ମୋତେ କାହାକୁ କିଛି ଦେବାକୁ ପଡିବ ନାହିଁ । ପ୍ରଭୁ କହିଲେ - ତଥାସ୍ତୁ !

ତା' ପରେ ଯମରାଜା ଦ୍ୱିତୀୟ କୃଷକକୁ ପଚାରିଲେ - ତୁମେ କଣ ଚାହୁଁଛ ? ତୁମର କିଛି ଅଭିଯୋଗ ଅଛି କି ?

ଚାଷୀଟି କହିଲା- ନାହିଁ ପ୍ରଭୁ ! ମୋର କିଛି ଅଭିଯୋଗ ନାହିଁ । ଆପଣ ମୋତେ ସବୁକିଛି ଦେଇଛନ୍ତି; ଦୁଇ ହାତ, ଦୁଇ ଗୋଡ, ଚାଷ କରିବା ପାଇଁ ଜମି, ଭୋକ ମେଣ୍ଟାଇବା ପାଇଁ ଖାଦ୍ୟ, ମୋ ଶରୀରକୁ ଘୋଡାଇବା ପାଇଁ ପର୍ଯ୍ୟାପ୍ତ ପୋଷାକ । ମୋ ଜୀବନରେ ଏତିକି ମାତ୍ର ଅସୁବିଧା ଅନୁଭବ କଲି ଯେ ସୀମିତ ପରିମାଣର ଖାଦ୍ୟ ଏବଂ ଅର୍ଥ ହେତୁ ମୁଁ ମୋ ଦ୍ୱାରକୁ ଆସିଥିବା ଭୋକିଲା ଏବଂ ଅଭାବୀ ଲୋକମାନଙ୍କୁ ସାହାଯ୍ୟ କରିପାରିଲି ନାହିଁ । ଏପରି କିଛି କରନ୍ତୁ ଯାହା ଦ୍ୱାରା ମୁଁ ଅଭାବୀ ଲୋକଙ୍କର ସେବା କରିବା ସହିତ ସେମାନଙ୍କୁ କିଛି ସାହାଯ୍ୟ କରିପାରିବି ।

ଯମରାଜ ତା' କଥା ଶୁଣି ବହୁତ ଖୁସି ହୋଇ କହିଲେ- ତଥାସ୍ତୁ ! ଉଭୟ ଚାଷୀ ପୁଣି ସେଇ ଗାଁରେ ଜନ୍ମନେଲେ । ସମୟ ଅତିବାହିତ ହେଲା ଏବଂ ଦୁହେଁ ବଡ ହେଲେ ।

ପ୍ରଥମ ଚାଷୀ, ଯିଏ ନିଜ ଚାରିପାଖରେ ଧନ ବର୍ଷାହେବାର ଇଚ୍ଛା ପ୍ରକାଶ କରିଥିଲା ଏବଂ କାହାକୁ କିଛି ଦେବନାହିଁ ବୋଲି କହିଥିଲା, ସେ ସେହି ଗାଁର ସବୁଠାରୁ ବଡ ଭିକାରୀ ହୋଇଗଲା। ସମସ୍ତେ ତା' ଭିକ୍ଷାଥାଳିରେ ଟଙ୍କା ରଖିଲେ କିନ୍ତୁ ତା'କୁ କାହାକୁ କିଛି ଦେବାକୁ ପଡିଲା ନାହିଁ ।

ଦ୍ୱିତୀୟ କୃଷକ ସେହି ଗାଁର ଜଣେ ଅତି ଧନୀ ଏବଂ ଧାର୍ମିକ ବ୍ୟକ୍ତି ହେଲେ, କେହି ବି ତାଙ୍କ ଦୁଆରୁ ଖାଲି ହାତରେ ଫେରିଲେ ନାହିଁ । ସେ ସମସ୍ତଙ୍କୁ ସହୃଦୟତାର ସହିତ ସାହାଯ୍ୟ କରୁଥିଲେ ।

♥ ସତ୍ୟବାଦୀ ହାଇସ୍କୁଲ,
ଧଣ୍ଡାମାଳ, ବଲାଙ୍ଗିର
ମୋ-୮୯୧୭୩୯୭୩୪୮

# ବାସୁଦେବପୁର ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ



ବାସୁଦେବପୁର, ୩୦/୩ (ନି.ପ୍ର): ବାସୁଦେବପୁର ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇସାରିଛି । ଏହି ନିର୍ବାଚନରେ ସଭାପତି ଭାବେ ଓକିଲ ସହଦେବ ଦାଶ, ଉପ ସଭାପତି ଭାବେ ରମେଶ ଚନ୍ଦ୍ର ଜେନା, ସମ୍ପାଦକ ଭାବେ ମାନସ ରଞ୍ଜନ ନାୟକ ନିର୍ବାଚିତ ହୋଇଛନ୍ତି । ଏହା ବ୍ୟତୀତ ଅନ କଣ୍ଟେଷ୍ଟ ଭାବେ ସହ ସମ୍ପାଦକ ନରେନ୍ଦ୍ର ପାଣିଗ୍ରାହୀ ଓ କୋଷାଧ୍ୟକ୍ଷ ଚକ୍ରଧର ମହାଳିକ ମନୋନୀତ ହୋଇଛନ୍ତି । କାର୍ଯ୍ୟକାରୀ ସଦସ୍ୟ ଭାବରେ ରହିଛନ୍ତି ସୁଶାନ୍ତ ବିଶ୍ୱାଳ, ଦାମୋଦର ଦାସ ଓ କରୁଣାକର ମଣ୍ଡଳ । ବିଶିଷ୍ଟ ଆଇନଜୀବୀ ଓ କବି ପ୍ରଦୀପ୍ କୁମାର ମହାନ୍ତି ଓ ସ୍ମୃତି ରଞ୍ଜନ ପଲିତା ଏହି ଓକିଲ ସଂଘର ନିର୍ବାଚନ କୁ ପରିଚାଳନା କରିଥିଲେ। ଆଗାମୀ ଦିନରେ ବାସୁଦେବପୁର ରେ ଏକ ନୂଆ ଜେଲ ନିର୍ମାଣ କରିବା ସହିତ ମୌଳିକ ସମସ୍ୟାକୁ ସମାଧାନ କରିବା ଦିଗରେ ସଭାପତି ଓ ସଂପାଦକ ପଦକ୍ଷେପ ନେବେ ବୋଲି ମତ ପ୍ରକାଶ କରିଥିଲେ । ଏହି ନିର୍ବାଚନରେ ସମସ୍ତ ଓକିଲ ମାନଙ୍କୁ ସଭାପତି ଓ ସଂପାଦକ ଅଭିନନ୍ଦନ ଓ ଧନ୍ୟବାଦ ଜଣାଇଛନ୍ତି ।

# ବଡ଼ଦାଣ୍ଡରେ ନାହିଁ ଚଲାପଥ

ପୁରୀ, ୩୦/୩ (ନି.ପ୍ର): ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ବଡ଼ଦାଣ୍ଡ ହେଉଛି ରଥଦାଣ୍ଡ । ତିନିରଥ ଏହି ଦାଣ୍ଡରେ ଘର ଘର ନାଦ କରି ଗୁଣ୍ଡିଚା ମନ୍ଦିରକୁ ନବ ଦିନ ଯାତ୍ରା ପାଇଁ ଗମନ କରିଥାନ୍ତି । ରଥ ଚକଡ଼ା, ରଥ ଖଳା ବଡ଼ଦାଣ୍ଡରେ ରହିଛି । ପୂର୍ବରୁ ପୁରୀ ପୌରସଂସ୍ଥା ଅଧିନରେ ବଡ଼ଦାଣ୍ଡ ରହିଥିବା ବେଳେ ୨୦୦୧ରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀଙ୍କ ଉଦ୍ୟମରେ ଜାତୀୟ ରାଜପଥ ଘୋଷଣା ହେଲା । ସେହି ଦିନ ଠାରୁ ଜାତୀୟ ରାଜପଥ ବିଭାଗ ପକ୍ଷରୁ ବଡ଼ଦାଣ୍ଡର ରକ୍ଷାଣବେକ୍ଷଣ ମରାମତି ଓ ନୂଆ ପିଚୁ ପଡ଼ିବା କାର୍ଯ୍ୟ କରାଯାଉଛି । ଶ୍ରୀମନ୍ଦିର ପରିକ୍ରମା ମାର୍ଗ ଲୋକାର୍ପିତ ହେବା ପରେ ଅନେକ ପରିବର୍ତ୍ତନ ଦେଖା ଦେଇଛି । ମେଡ଼ିକାଲ ଛକ ଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ନୋ ଭେଣ୍ଡିଂ ଜୋନ୍ ଘୋଷଣା କରାଯାଇ ଉଠା ଦୋକାନୀ ମାନଙ୍କୁ ଉଠାଇ ଦିଆଯାଇଛି । ବଡ଼ଦାଣ୍ଡ ଦୁଇ ପାର୍ଶ୍ୱ ଖୋଲା ହୋଇଯିବା ଫଳରେ ଚାରିଚକିଆ, ତିନି ଚକିଆ ଓ ଦୁଇ ଚକିଆ ଯାନ ଏବେ ଦୃତ ଗତିରେ ଯାଆସ କରୁଛନ୍ତି । ଯାହା ଫଳରେ ସହର ବାସିନ୍ଦାଙ୍କ ସମେତ ପର୍ଯ୍ୟଟକ ମାନେ ବେଳେ ବେଳେ ଦୁର୍ଘଟଣାର ଶିକାର ହେଉଛନ୍ତି । ବଡ଼ଦାଣ୍ଡର ଦୁଇ ପାର୍ଶ୍ୱ ଡ୍ରେନକୁ ଲଗାଇ ଚଲାପଥ (ଫୁଟପାଥ) ନିର୍ମାଣ କରିବା ପାଇଁ ପର୍ଯ୍ୟଟକ ତୀର୍ଥଯାତ୍ରୀ ଓ ସହରବାସୀ ଦାବି କରିଛନ୍ତି । ସମୁଦ୍ରକୂଳେ ଚଲାପଥ ନିର୍ମାଣ ହୋଇଥିବା ବେଳେ ବଡ଼ଦାଣ୍ଡରେ ଏହି ଚଲାପଥ ନାହିଁ ବୋଲି ଜଣେ ବଙ୍ଗୀୟ ପର୍ଯ୍ୟଟକ କହି କହି ଯାଉଥିବା ଶୁଣିବାକୁ ମିଳିଥିଲା । ଚଲାପଥ ନଥିବାରୁ ବରିଷ୍ଠ ନାଗରିକ ବୃଦ୍ଧ ବୃଦ୍ଧା ଭିନ୍ନକ୍ଷମ ଓ ଅସୁସ୍ଥ ଭକ୍ତମାନେ ବଡ଼ଦାଣ୍ଡରେ ଚାଲିକରି ଯିବା କଷ୍ଟସାଧ ହୋଇପଡ଼ିଲାଣି । ବିଶ୍ୱସ୍ତରୀୟ ଲକ୍ଷ୍ୟ ରଖି ପୁରୀର ବିକାଶ କରାଯାଉଥିବାରୁ ବଡ଼ଦାଣ୍ଡରେ ଚଲାପଥ ନିର୍ମାଣ କରିବା ପାଇଁ ଭକ୍ତ ମହଲରେ ଦାବି ହେଉଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଅଂଶୁଘାତରେ...

ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତ୍ରିନାଥଙ୍କ ମୃତ୍ୟୁ ଅଂଶୁଘାତରେ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ସଦର ଥାନା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛନ୍ତି। ଆଜି ବଲାଙ୍ଗିର ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଛି। ଯେଉଁଥିପାଇଁ ଜୀବନ ଯାତ୍ରା ଅସ୍ତବ୍ୟସ୍ତ ହୋଇପଡ଼ିଛି। ଲୋକେ ଘରୁ ବାହାରିବାକୁ ଡରୁଛନ୍ତି। ୧୧ଟା ବେଳକୁ ରାସ୍ତାଘାଟ ଶୂନ୍ଶାନ୍ ହୋଇଯାଉଛି। ସେପଟେ ରାତିରେ ମଧ୍ୟ ଗୁଳଗୁଳି ହେଉଛି। ଯେଉଁଥିପାଇଁ ଲୋକମାନେ ନାନା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ସେପଟେ ଆଜି ପର୍ଯ୍ୟନ୍ତ ସହର ଭିତରେ ଜଳଛତ୍ର ଖୋଲାଯାଇନାହିଁ। ଯାହାଫଳରେ ପାଣି ଟୋପାଏ ପାଇଁ ପଥଚାରୀମାନେ ତହଳ ବିକଳ ହେଉଛନ୍ତି। ଏହା ସହିତ ଅଘୋଷିତ ବିଦ୍ୟୁତ କାଟ ମଧ୍ୟ ଚିନ୍ତା ବଢ଼ାଇଛି।

### ବିଜେଡି ଛାଡ଼ିଦେଲେ...

ମୁଁ ଆପଣଙ୍କୁ ସାକ୍ଷାତ କରିବାକୁ ଚେଷ୍ଟା କରିଥିଲି। କିନ୍ତୁ ଦୁର୍ଭାଗ୍ୟ ବଶତଃ ଆପଣଙ୍କୁ ଦେଖା କରିବାକୁ ମୋତେ ସୁଯୋଗ ମିଳିଲା ନାହିଁ। ତେଣୁ ଆପଣଙ୍କୁ ଭେଟିବାର ମାପଦଣ୍ଡ ମୁଁ ପୂରଣ କରିପାରୁ ନାହିଁ ବୋଲି ଅନୁଭବ କଲି। ଆପଣଙ୍କ ଦଳରେ ମୋର ସ୍ଥାନ କିଛି ନୁହେଁ ବୋଲି ଭାବୁଛି। ଏଣୁ ମୁଁ ବିଜେଡିର ସାଧାରଣ ସଂପାଦକ ପଦ ଓ ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଉଛି। ଆଶା କରୁଛି, ଆପଣ ମୋ ପରିସ୍ଥିତି ବୁଝିବେ ଓ ମୋ ଉପରେ କିଛି ଆକ୍ରୋଶ ରଖିବେ ନାହିଁ। ଦୁଇ ଦିନ ତଳେ ସିଦ୍ଧାନ୍ତ ମହାପାତ୍ର ବିଜେଡି ଛାଡ଼ି ବିଜେପିରେ ମିଶିଥିଲେ। ସିଦ୍ଧାନ୍ତ ମହାପାତ୍ର ଦୁଇ ଥର ବିଜେଡି ଟିକେଟରେ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି। ୨୦୦୯ ଓ ୨୦୧୪ରେ ସେ ବ୍ରହ୍ମପୁର ଲୋକସଭା ଆସନରୁ ନିର୍ବାଚିତ ହୋଇଥିଲେ। ୨୦୧୯ରେ ଦଳ ଆଉ ତାଙ୍କୁ ଟିକେଟ ଦେଇ ନଥିଲା। ତାଙ୍କ ବଦଳରେ ଚନ୍ଦ୍ରଶେଖର ସାହୁଙ୍କୁ ଦଳ ଟିକେଟ ଦେଇଥିଲା। ସେ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗ ଦେଇଥିଲେ। ୨୦୦୪ରେ କଂଗ୍ରେସ ଟିକେଟ୍‌ରେ ସେ ବ୍ରହ୍ମପୁର ଆସନରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ୨୦୦୯ ଓ ୨୦୧୪ରେ ସିଦ୍ଧାନ୍ତ ମହାପାତ୍ରଙ୍କଠାରୁ ପରାସ୍ତ ହୋଇଥିଲେ ଚନ୍ଦ୍ରଶେଖର ସାହୁ। ୨୦୧୯ ପରଠୁ ଦଳରେ ଅଣଦେଖା ହୋଇ ରହିଯାଇଥିଲେ ସିଦ୍ଧାନ୍ତ। ୨୦୨୪ ନିର୍ବାଚନ ପାଇଁ ବିଜେଡି ଏଯାବତ ବ୍ରହ୍ମପୁର ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରି ନାହିଁ। ଦଳ ୨୧ଟିରୁ ୧୫ଟି ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଥିଲେ ସୁଦ୍ଧା ତା' ଭିତରେ ବ୍ରହ୍ମପୁର ନାହିଁ। ଆଜି ଆକାଶ ଦାସ ନାୟକ ଓ ଅନୁଭବ ମହାନ୍ତି ବିଜେଡିରୁ ଇସ୍ତଫା ଦେଇଛନ୍ତି। ଆକାଶ ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ କୋରେଇର ବିଧାୟକ ଥିଲେ। ୨୦୧୯ରେ ବିଜେଡି ତାଙ୍କୁ ଟିକେଟ ଦେଇ ନଥିଲା। ୨୦୨୪ ବିଧାନସଭା ନିର୍ବାଚନ ପାଇଁ ବିଜେଡି ଏଯାଏଁ କୋରେଇ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରି ନାହିଁ। ତେବେ ଆକାଶ ବୋଧେ ଇସାରା ପାଇଯାଇଥିଲେ ଯେ ତାଙ୍କୁ ଏଥର ବି ଟିକେଟ ମିଳିବ ନାହିଁ। ଆଜି ବିଜେଡି ଛାଡ଼ିବା ପରେ ଆକାଶ କହିଛନ୍ତି, ମୋର ଜନ୍ମମାଟି କୋରେଇ ମା'ର ସେବା କରିବା ପାଇଁ ରାଜନୀତିରେ ଯୋଗ ଦେଇଥିଲି। ୨୦୧୯ ମସିହାରେ ମୋର ଟିକେଟ ବିନା କାରଣରେ କାଟି ଦିଆଯାଇଥିଲା। ହେଲେ ବିନା ପ୍ରତିବାଦରେ ମୁଁ ଦଳ ସହିତ ଥିଲି ଓ ଶୃଙ୍ଖଳାର ସହ କାମ କରୁଥିଲି। ୫ ବର୍ଷ ବିଧାୟକ ନଥାଇ ମଧ୍ୟ ମୁଁ ଦଳ ପାଇଁ କଠିନ ପରିଶ୍ରମ କରିଛି। ଖରା ହେଉ ବା ବର୍ଷା ମୁଁ ଦଳ ପାଇଁ ପ୍ରଚାର କରିଛି। ଏତେ ସବୁ ପରେ ମଧ୍ୟ ଦଳ ମୋ ଗୁରୁତ୍ୱ ବୁଝିପାରିଲାନାହିଁ। ସେଥିପାଇଁ ମୁଁ ଦଳ ଛାଡ଼ିଦେଲି। ୨୦୧୯ରେ ବିଜେଡି ଟିକେଟରେ ଲୋକସଭାକୁ ନିର୍ବାଚିତ ହୋଇଥିଲେ ଅନୁଭବ ମହାନ୍ତି। ଏହା ପୂର୍ବରୁ ଅନୁଭବ ବିଜେଡି ଟିକେଟରେ ରାଜ୍ୟସଭାକୁ ଯାଇଥିଲେ। ୨୦୨୪ ଲୋକସଭା ନିର୍ବାଚନ ପାଇଁ ବିଜେଡି କେନ୍ଦ୍ରାପଡ଼ାରୁ ଅଂଶୁମାନ ମହାନ୍ତିଙ୍କୁ ପ୍ରାର୍ଥୀ କରିଛି। ଅଂଶୁମାନ କିଛି ଦିନ ତଳେ କଂଗ୍ରେସ ଛାଡ଼ି ବିଜେଡିରେ ମିଶିଥିଲେ। ଟିକେଟ୍ କଟିଯିବା ପରେ ଅନୁଭବ ଦଳ ଛାଡ଼ିବେ ବୋଲି ଆଲୋଚନା ହେଉଥିଲା। ଗତ କିଛି ବର୍ଷ ହେଲା ପାରିବାରିକ ବିବାଦରେ ଫସି ଯାଇଥିବା ଅନୁଭବ ମହାନ୍ତି ଦଳରେ ମଧ୍ୟ କୋଣଠେସା ହୋଇ ରହିଯାଇଥିଲେ। ତାଙ୍କୁ ଦଳୀୟ କାର୍ଯ୍ୟକ୍ରମଗୁଡ଼ିକରେ ସାମିଲ କରାଯାଉ ନଥିଲା। ଗତ ପଞ୍ଚାୟତ ନିର୍ବାଚନରେ ଅନୁଭବଙ୍କୁ ଷ୍ଟାର ପ୍ରଚାରକ ତାଲିକାରୁ ବାଦ୍ ଦିଆଯାଇଥିଲା।

### ଶ୍ରୀମନ୍ଦିରରେ ପଶୁଥିଲେ: ଅଟକାଇବାରୁ...

ପୁଲିସ୍ ତାଙ୍କୁ କାବୁ କରିଥିଲା। ପରେ ତାଙ୍କୁ ଥାନାକୁ ନେଇ ପଚରାଉଚରା କରି ଅଣ୍ଡର ଟେକିଂ ଲେଖାଇଥିଲା। ତା'ପରେ ତାଙ୍କୁ ନେଇ ଆଶ୍ରମରେ ନେଇ ଛାଡ଼ି ଆସିଥିଲା ପୁଲିସ୍। ସେହି ମାମଲାରେ ସମୁଦ୍ର କୂଳ ଥାନା ପୁଲିସ୍ ତଦନ୍ତ କରୁଥିବା ବେଳେ ପୁଣି ଥରେ ଉତ୍ପାତ କରିଥିଲେ ଥୋମାସ୍। ମଧ୍ୟାହ୍ନରେ ନିଶାସକ୍ତ ଅବସ୍ଥାରେ ଥିବା ଥୋମାସ୍ କ୍ରେଜ୍ ସେଲଡନ୍ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିବାକୁ ଉଦ୍ୟମ କରୁଥିଲେ। କିନ୍ତୁ ଶ୍ରୀମନ୍ଦିର ବେହରଣ ଦ୍ୱାରରେ ସୁରକ୍ଷା ଦାୟିତ୍ୱରେ ଥିବା ପୁଲିସ୍ କର୍ମଚାରୀମାନେ ତାଙ୍କୁ ଅଟକାଇ ଥିଲେ। ହେଲେ ସେ ପୁଲିସ୍ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଥୋମାସ୍ କ୍ରେଜ୍ ସେଲଡନ୍‌ଙ୍କ ଆକ୍ରମଣ ଜଣେ ପୁରୁଷ ପୁଲିସ୍, ଜଣେ ମହିଳା ପୁଲିସ୍ କର୍ମଚାରୀ ଓ ଜଣେ ସେବାୟତ ଆହତ ହୋଇଥିଲେ। ପରେ ଅନ୍ୟ ପୁଲିସ୍ କର୍ମଚାରୀମାନେ ତାଙ୍କୁ କାବୁ କରି ଟାଉନ୍ ଥାନାକୁ ନେଇଥିଲେ। ଟାଉନ୍ ଥାନା ପୁଲିସ୍ ଥୋମାସ୍ କ୍ରେଜ୍ ସେଲଡନ୍‌ଙ୍କୁ ବସାଇ ରେକର୍ଡ ଯାଞ୍ଚ କରୁଥିଲେ। ଠିକ୍ ସେହି ସମୟ ଥୋମାସ ଥାନାର କାଚ ଝରକାକୁ ଭାଙ୍ଗି ପକାଇଥିଲେ। ପରେ ସେହି ଝରକାରେ ନିଜର ମୁଣ୍ଡ ଓ ହାତକୁ ବାଡେଇଥିଲେ। ଯେଉଁଥିପାଇଁ ସେ ଗୁରୁତର ଆହତ ହୋଇଛନ୍ତି। ପୁଲିସ୍ ତାଙ୍କୁ ଉଦ୍ଧାର କରି ପୁରୀ ମେଡ଼ିକାଲ୍‌ରେ ଭର୍ତ୍ତି କରିଛନ୍ତି। ପୁଲିସ୍ ଏବେ ତାଙ୍କ ପୂରା ଇତିହାସ ଯାଞ୍ଚ କରୁଛି।

### ନକ୍ସଲଙ୍କ ପ୍ରେସର୍ ବୋମା ...

ଆଗରୁ ପ୍ରେସର୍ ବୋମା ଖଞ୍ଜିଥିଲେ ନକ୍ସଲମାନେ। ଗୁଡ୍ଡୁ ଯିବାବେଳେ ବୋମା ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣରେ ଗୁଡ୍ଡୁଙ୍କ ଦୁଇ ଗୋଡ଼ରେ ଗୁରୁତର ଆଘାତ ଲାଗିଥିଲା। ଅନେକ ସମୟ ଧରି ସେଠାରେ ପଡ଼ି ରହିଥିଲେ ଗୁଡ୍ଡୁ। ଏହା ଜାଣିବା ପରେ ନକ୍ସଲମାନେ ତାଙ୍କୁ ଉଦ୍ଧାର କରି ନିଜ କବଜାକୁ ନେଇଥିଲେ। ଏହାସହ ଗୁଡ୍ଡୁଙ୍କ ଚିକିତ୍ସା କରିଥିଲେ। କିନ୍ତୁ ୧୭ ଦିନ ପରେ ମଧ୍ୟ ଗୁଡ୍ଡୁ ଭଲ ନ ହେବାରୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ ନକ୍ସଲ। ପୁଅକୁ ଫେରି ପାଇ ପରିବାର ଲୋକେ ଖୁସି ହୋଇଛନ୍ତି। ଗୁଡ୍ଡୁଙ୍କୁ ବିଜାପୁର ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# ନିବାରଣ ଜେନାଙ୍କ ତିନୋଟି ପୁସ୍ତକ ଲୋକାର୍ପିତ




ବାଲେଶ୍ୱର, ୩୦/୩ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଗାଳ୍ପିକ ନିବାରଣ ଜେନାଙ୍କ ତିନିଗୋଟି ପୁସ୍ତକ କବିତୀର୍ଥ ଶାନ୍ତିକାନନଠାରେ ଉନ୍ମୋଚିତ ହୋଇଯାଇଛି। ପରିଷଦର ଉପସଭାପତି ପ୍ରଦୀପ ଚାଟାର୍ଜୀଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ବରିଷ୍ଠ ସାହିତ୍ୟିକ ତଥା ଭେଷଜ ବିଶେଷଜ୍ଞ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ଉଦ୍‌ଘାଟକ ଭାବେ ଯୋଗଦାନ କରି ଗାଳ୍ପିକ ନିବାରଣ ଜେନାଙ୍କ ରଚିତ ଗଳ୍ପ ସଂକଳନ 'ଶ୍ରେଷ୍ଠଗଳ୍ପ', 'ମୃତ ସମୟର ଶୋଭାଯାତ୍ରାର ଶବବାହକମାନେ' ଓ ଉପନ୍ୟାସ 'ଜଣେ ପ୍ରତାରକର ଆତ୍ମଲିପି'କୁ ଉଦ୍‌ଘାଟନ କରି କହିଲେ ଯେ ଗାଳ୍ପିକ ଜେନା ହେଉଛନ୍ତି ନିଜେ ନିଜର ପରିଚୟ। ଦୀର୍ଘ ପଚାଶ ବର୍ଷ ଧରି ସାହିତ୍ୟ ସାଧନା କରି ସମଗ୍ର ଓଡ଼ିଶାରେ ନିଜକୁ ପ୍ରତିଷ୍ଠିତ କରିବା ସହିତ ଗଳ୍ପଜଗତରେ ଏକ ନୂଆ ଟ୍ରେଣ୍ଡ ସୃଷ୍ଟି କରିପାରିଛନ୍ତି। ଫକୀରମୋହନ ସାହିତ୍ୟ ପରିଷଦର ପୂର୍ବତନ ସଭାପତି ତଥା ବିଶିଷ୍ଟ ଗବେଷକ ଡ. ଶିରୀଶ ଚନ୍ଦ୍ର ଜେନା ମୁଖ୍ୟଅତିଥି ଓ ଯଶସ୍ୱୀ କବି ଡ. କୁଞ୍ଜବିହାରୀ ଧଳ ମୁଖ୍ୟବକ୍ତା ଭାବରେ ଯୋଗଦାନ କରି ଗାଳ୍ପିକ ଜେନାଙ୍କର ତିନୋଟି ପୁସ୍ତକ ସଂପର୍କରେ ସବିଶେଷ ଆଲୋଚନା କରିଥିଲେ। ଶ୍ରଦ୍ଧା ପବ୍ଲିକେଶନର ମୁଖ୍ୟ କବି ସମରେନ୍ଦ୍ର ମହାପାତ୍ର ପ୍ରକାଶକୀୟ ମନ୍ତବ୍ୟ ପ୍ରଦାନ କରିଥିଲେ। ପରିଷଦର ସଂପାଦକ ଦୀପକ ବୋଷ ପ୍ରାକ୍‌ସୂଚନା ଦେଇଥିବାବେଳେ ନିବାରଣ ଜେନା ଲେଖକୀୟ ଅଭିବ୍ୟକ୍ତି ପ୍ରକାଶ କରିଥିଲେ। ଯୁଗ୍ମ ସଂପାଦକ କଲ୍ୟାଣୀ ନନ୍ଦ ମଞ୍ଚଆବାହନ ଓ ଅନ୍ୟତମ ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଜନ୍ମଦିନ ଉପଲକ୍ଷେ ଉକ୍ତ ସଭାରେ ପରିଷଦ ପକ୍ଷରୁ ଗାଳ୍ପିକ ଜେନାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା।

# ପଦ୍ମପୁରରେ ଓଡିଶା ପ୍ରାନ୍ତୀୟ ମୁନି ସମାଜର ବାର୍ଷିକ ଅଧିବେଶନ

ଘଟଗାଁ, ୩୦/୩ (ନି.ପ୍ର): ଯୋଗ ଦ୍ୱାରା ରୋଗ ଏବଂ ମାନସିକ, ଶାରୀରିକ, ଆଧାତ୍ମିକ ବିକାଶ ହୋଇପାରିବ ବୋଲି ଅଖିଳ ଭୂମଣ୍ଡଳ ସର୍ବଶିରୋମଣୀ ମୁନି ସମାଜର ଓଡିଶା ପ୍ରାନ୍ତୀୟ ଅଧିବେଶନରେ ଅତିଥି ମାନେ ମତବ୍ୟକ୍ତ କରିଛନ୍ତି। ଏହି ଉପଲକ୍ଷେ ଓଡିଶାର ବିଭିନ୍ନ ପ୍ରାନ୍ତରୁ ବହୁ ମୁନି ମାନେ ଯୋଗଦେବା ସହିତ ମୁନି ସମାଜର ନୂତନ କର୍ମକର୍ତା ଚୟନ କରାଯାଇଛି। ମୁନି ସାମାଜ କେନ୍ଦୁଝରର ଅଧ୍ୟକ୍ଷ ଡଃ. ସତ୍ୟବ୍ରତ ସାହୁ, ଯୋଗାଚାର୍ଯ୍ୟ ଖିଲାର ମୁନି, ଯୋଗାଚାର୍ଯ୍ୟ ଦୁର୍ଗା ମୁନି, ମୁନି ସରୋଜ କୁମାର ସାହୁ, ଶିବ ମୁନି, ଯୋଗ ଶିକ୍ଷକ ଅର୍ଜୁନ ମୁନି, ଯୋଗି ସୁରେନ୍ଦ୍ରନାଥ ମୁନି, ଶତ୍ରୁଘ୍ନ ସ୍ୱାଇଁ, ଯୋଗଶିକ୍ଷକ ଜଗମୋହନ ମୁନିଙ୍କ ସହ ମୁନିରାଜ୍ଞୀ ଆଶାଲତା, ମୁନିରାଜ୍ଞୀ ଇତିଶ୍ରୀ ନାହାକ, ମୁନି କୁମାରୀ ମାମାଲୀ ଉପସ୍ଥିତ ଥିବା ବେଳେ ୧୧ଟା ସମୟରେ ଅତିଥିମାନଙ୍କ ଦ୍ୱାରା ପତକା ଉତୋଳନ କରାଯାଇଥିଲା ଓ ମୁନିମତି ମାନଙ୍କ ଦ୍ୱାରା ସଂଗୀତ ପରିବେଶଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପୁର୍ଣ୍ଣଚନ୍ଦ୍ର ମୁନି, ଉଦ୍ଧବ ମୁନି, ମଧୁସୁଦନ ମୁନି, ନରହରୀ ମୁନି, ନିରାକାର ମୁନି, ସନାତନ ମୁନି ପ୍ରମୁଖ କାର୍ଯକ୍ରମ ପରିଚାଳନା କରିଥିଲେ ।

# ସେଲ୍ ରାଉରକେଲା ଇସ୍ପାତ କାରଖାନାର ହିନ୍ଦୁସ୍ତାନ ଷ୍ଟିଲ୍ ଲିମିଟେଡ୍ ଭବିଷ୍ୟନିଧି ପାଣ୍ଠିର ନିୟମ ପୁସ୍ତିକା ଉନ୍ମୋଚିତ



ରାଉରକେଲା, ୩୦/୩ (ନି.ପ୍ର): ସାଂପ୍ରତିକ ଡିଜିଟାଲାଇଜେସନ୍ ପ୍ରୟାସରେ ଆଉ ଏକ ଉଲ୍ଲେଖନୀୟ ପଦକ୍ଷେପ ସ୍ୱରୂପ ସେଲ ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ବିତ୍ତ ଓ ଲେଖା ବିଭାଗ ହିନ୍ଦୁସ୍ତାନ ଷ୍ଟିଲ୍ ଲିମିଟେଡ୍ ଭବିଷ୍ୟନିଧି ପାଣ୍ଠିର ନିୟମ ପୁସ୍ତିକାର ଆରମ୍ଭ କରିଛି। ଆରଏସପି ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଅତନୁ ଭୌମିକ ମାର୍ଚ୍ଚ ୨୯ ତାରିଖରେ ମନ୍ଥନ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ନୂତନ ନିୟମ ପୁସ୍ତିକାର ଉନ୍ମୋଚନ କରିଥିଲେ। ଏହି ଅବସରରେ କାର୍ମିକ ଓ ପ୍ରଶାସନ ତଥା ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏ କେ ବେହୁରିଆ, ବହୁ ସିଜିଏମ୍, ଆସିଷ୍ଟାଣ୍ଟ ଚିଫ୍ ଭିଜିଲାନ୍ସ ଅଫିସର, ଏଚଏସଏଲ ସିପିଏଫର ଟ୍ରଷ୍ଟି, ଏଫ୍ ଆଣ୍ଡ ଏ ବିଭାଗର ଓ କର୍ମଚାରୀ ଭବିଷ୍ୟନିଧି ପାଣ୍ଠିର ବହୁ ଅଧିକାରୀ ଏବଂ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବହୁ ପୁରୁଣା ପୁସ୍ତିକାକୁ ଆଧୁନିକୀକରଣ କରିବାରେ ପିଏଫ୍ ସାମୁଦାୟିକ ଏବଂ ଟ୍ରଷ୍ଟିମାନଙ୍କର ମିଳିତ ପ୍ରୟାସକୁ ଡ଼ିଆଇସି ପ୍ରଶଂସା କରିଥିଲେ ଯାହା ହିତାଧିକାରୀ ମାନଙ୍କୁ ଆଗାମୀ ବର୍ଷ ପାଇଁ ମାର୍ଗଦର୍ଶନ କରିବାକୁ ପ୍ରସ୍ତୁତ ହୋଇଛି। ଏହି ପ୍ରୟାସର ମହତ୍ତ୍ୱ ଉପରେ ଆଲୋକପାତ କରି ଇଡି (ଏଫ୍ ଆଣ୍ଡ ଏ) ତଥା ଟ୍ରଷ୍ଟର ଚେୟାରମ୍ୟାନ୍ କହିଥିଲେ ଯେ ୧୯୬୬ ମସିହାର ପୁରୁଣା ନିୟମ ପୁସ୍ତିକା ହୋଇଥିବାରୁ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ଏବଂ ପିଏଫ ପ୍ରସଙ୍ଗରେ ସ୍ୱଚ୍ଛତା ବୃଦ୍ଧି କରିବା ପାଇଁ ଏକ ନୂତନ ସଂକଳନ କରିବା ଆବଶ୍ୟକ ଥିଲା। ଏଚଆରଡ଼ି ବିଭାଗର ସିଜିଏମ ତଥା ମ୍ୟାନେଜମେଣ୍ଟ ଟ୍ରଷ୍ଟି ସୁଶ୍ରୀ ରାଜଶ୍ରୀ ବାନାର୍ଜୀ ପାଣ୍ଠି ପରିଚାଳନାରେ ଟ୍ରଷ୍ଟିମାନଙ୍କର ପ୍ରମୁଖ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଆବଶ୍ୟକ ଅନୁଯାୟୀ ନିୟମ ପୁସ୍ତକରେ ଆଗାମୀ ପରିବର୍ତ୍ତନ ଗୁଡ଼ିକୁ ଅନ୍ତର୍ଭୂକ୍ତ କରିବାର ଗୁରୁତ୍ୱକୁ ସେ ଦର୍ଶାଇଥିଲେ। ଆରମ୍ଭରେ, ପ୍ରକଳ୍ପ ବାଣିଜ୍ୟିକ ବିଭାଗର ସିଜିଏମ ଏବଂ ମ୍ୟାନେଜମେଣ୍ଟ ଟ୍ରଷ୍ଟି ଶ୍ରୀ ଜି ଏସ ଦାସ ନିବେଶ ସାରଣୀ ଉପରେ ଆଲୋକପାତ କରିଥିଲେ। ବିତ୍ତ ଓ ଲେଖା ବିଭାଗର ଜିଏମ ତଥା ଟ୍ରଷ୍ଟର ସଚିବ ଶ୍ରୀ ଦିବାକର ପରିଡା ନୂତନ ନିୟମ ପୁସ୍ତକ ସଂକଳନରେ ଜଡିତ କଠୋର ପର୍ଯ୍ୟାୟ ତଥା କାର୍ଯ୍ୟକଳାପର ଏକ ସଂକ୍ଷିପ୍ତ ସମୀକ୍ଷା ପ୍ରଦାନ କରି କର୍ପସ ପରିଚାଳନାରେ ଟ୍ରଷ୍ଟ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ୟୁନିୟନ ଟ୍ରଷ୍ଟି ସୁଶ୍ରୀ ପଦ୍ମାଳୟା ଧର ଦୀର୍ଘ ଦିନର ବ୍ୟବଧାନ ପରେ ଏପରି ନିୟମ ପୁସ୍ତକ ପ୍ରକାଶନକୁ ନେଇ ସନ୍ତୁଷ୍ଟି ବ୍ୟକ୍ତି କରିଥିଲେ। ଏହି କାର୍ଯ୍ୟକ୍ରମକୁ ଏଫ୍ ଆଣ୍ଡ ଏ ଇଏସ୍-ପିଏଫ୍ ବିଭାଗର ଏଜିଏମ ଶ୍ରୀ ଏନ ସି ଦାସ ସଂଯୋଜନା କରିଥିଲେ।

# ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କଳାହାଣ୍ଡି ଗସ୍ତ ଓ ସମୀକ୍ଷା ବୈଠକ

ଭବାନୀପାଟଣା, ୩୦/୩ (ନି.ପ୍ର): କଳାହାଣ୍ଡି ଓ ନୂଆପଡା ଜିଲ୍ଲାରେ ଆଗାମୀ ସାଧାରଣ ନିର୍ବାଚନ ନିମନ୍ତେ ପ୍ରଶାସନ ପ୍ରସ୍ତୁତିକୁ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଆଜି ଭବାନୀପାଟଣାରେ ସମୀକ୍ଷା କରିଛନ୍ତି । କଳାହାଣ୍ଡି ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ଆୟୋଜିତ ସମୀକ୍ଷା ବୈଠକରେ ଆରଡିସି ସମ୍ବଲପୁର ଶ୍ରୀକାନ୍ତ ପୃଷ୍ଟି , ଦକ୍ଷିଣ ପଶ୍ଚିମାଚଂଳ ଡିଆଇଜି ଚରଣ ସିଂ ମୀନା, କଳାହାଣ୍ଡି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ, ନୂଆପଡା ଜିଲ୍ଲାପାଳ ହେମନ୍ତ କୁମାର ସା, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ମିହିର ପ୍ରସାଦ ମହାନ୍ତି, ସହକାରୀ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ ଏବଂ ତ୍ରିଲୋଚନ ପାତ୍ର, ଉପ ଜିଲ୍ଲାପାଳ ଧର୍ମଗଡ ଧୀମନ ଚକମା, ଉପଜିଲ୍ଲାପାଳ ଭବାନୀପାଟଣା ବିଶ୍ୱଜିତ ଦାସ, ସି ଡି ଓ ଜିଲ୍ଲାପରିଷଦ ଦୟାମୟ ପାଢୀଙ୍କ ସମେତ କଳାହାଣ୍ଡି ଓ ନୂଆପଡା ଜିଲ୍ଲାର ବିଭିନ୍ନ ନିର୍ବାଚନ ସମ୍ବନ୍ଧୀୟ କମିଟି ଓ ସଂଯୁକ୍ତ ଅଧିକାରୀ ଉପସ୍ଥିତ ଥିଲେ । ପି ପି ଟି ମାଧ୍ୟମରେ ପ୍ରଦତ୍ତ ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲ୍ଲାରେ ୦୫.୦୧.୨୦୨୪ ସୁଦ୍ଧା ୧୧,୯୪,୭୫୭ ଜଣ ଭୋଟର ଥିବା ବେଳେ ପୁରୁଷ ଭୋଟର ୫,୯୯,୨୯୩ ଜଣ ଏବଂ ମହିଳା ଭୋଟର ୫,୯୫,୩୯୩ ଜଣ , ତୃତୀୟ ଲିଙ୍ଗ ୭୧ ଜଣ ଏବଂ ଦିବ୍ୟାଙ୍ଗ ୧୫,୯୨୭ ଜଣ ଅଛନ୍ତି । ମୁଖ୍ୟ ନିର୍ବାଚନ ଅଧିକାରୀ ଜିଲ୍ଲାରେ ମତଦାନ କେନ୍ଦ୍ର ମାନଙ୍କରେ ପାନୀୟ ଜଳ , ଆସବାବପତ୍ର , ବିଦ୍ୟୁତ , ଦିବ୍ୟଙ୍ଗମାନଙ୍କ ପାଇଁ ରାମ୍ପ , ଶୌଚାଳୟ , ପିଂକ ବୁଥ, ହୋମ ଭୋଟିଂ , ବାଲାଟ ପେପର , ଭୋଟହାର ବୃଦ୍ଧି ଓ ନୂତନ ଭୋଟର ସଚେତନତା , ଇଭିଏମ ଓ ଭିଭିପାଟ ଉପରେ ଜନ ସଚେତନତା ଓ ନିର୍ବାଚନ ସଂଯୁକ୍ତ ଅଧିକାରୀଙ୍କୁ ତାଲିମ , ଭବାନୀପାଟଣା ସ୍ଥିତ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଏବଂ ଧର୍ମଗଡ ସ୍ଥିତ ପଂଚାୟତ ମହାବିଦ୍ୟାଳୟ ରେ ଭୋଟ ଗଣତି କେନ୍ଦ୍ର,ବିତରଣ ଓ ଗ୍ରହଣ କେନ୍ଦ୍ରର ପ୍ଲାନିଂ , ପୋଲିସ ପ୍ଲାଟୁନର ଆବଶ୍ୟକତା, ସି ଭିଜିଲ ଆପ୍ ର ବ୍ୟବହାର, ଆଦର୍ଶ ଆଚରଣ ବିଧି,ଖର୍ଚ୍ଚ ବିବରଣୀ ଟିମ ଓ ଅନ୍ୟାନ୍ୟ ଟିମର କାର୍ଯ୍ୟକାରିତା ଉପରେ ସମୀକ୍ଷା କରିଥିଲେ । ଜିଲ୍ଲାପାଳ ପି. ଅନ୍ୱେଶା ରେଡ୍ଡୀ ଜିଲ୍ଲାରେ ୫ଟି ନିର୍ବାଚନ ମଣ୍ଡଳୀର ପ୍ରସ୍ତୁତି ଉପରେ ପିପିଟି ମାଧ୍ୟମରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅବଗତ କରିଥିଲେ । ସେଭଳି ନୂଆପଡା ଜିଲ୍ଲାପାଳ ହେମନ୍ତ କୁମାର ସା ପିପିଟି ମାଧ୍ୟମରେ ନୂଆପଡା ଓ ଖରିଆର ନିର୍ବାଚନ ମଣ୍ଡଳୀର ପ୍ରସ୍ତୁତି ଉପରେ ଅବଗତ କରିଥିଲେ। ଏହା ପରେ ଦ୍ୱିତୀୟ ପର୍ଯ୍ୟାୟରେ ଦୁଇ ଜିଲ୍ଲାରେ ଆଇନ ଶୃଙ୍ଖଳା ସ୍ଥିତିକୁ ନେଇ ସୁରକ୍ଷା ଓ ପୋଲିସ ଅଧିକାରୀଙ୍କୁ ନେଇ ବୈଠକ କରିଥିଲେ । ବର୍ତମାନ କଳାହାଣ୍ଡି ଜିଲ୍ଲାରେ ୧୪୦ ଟି ସମ୍ବେଦନଶୀଳ ବୁଥ ରହିଛି ଓ ୧୯୪ ଜଣ ପୋଲିସ ସେକ୍ଟର ଅଧିକାରୀ ନିୟୋଜିତ ଅଛନ୍ତି ।ଛତିଶଗଡ ଜିଲାର ଧର୍ମଗଡ ସୀମାରେ ସିମଳା, କଦଳୀମୁଣ୍ଡା , ଗୋଲାମୁଣ୍ଡା ସୀମାରେ ଡୁମେର ପଦର , କୋକସରା ସୀମାରେ ବେହେରାଗୁଡା, ପାଇକପଡା ରେ ଅବୈଧ କାରବାରକୁ ରୋକିବା ଲାଗି ଚେକପୋଷ୍ଟ କରାଯାଇଛି । ସେଭଳି କନ୍ଧମାଳ , ବଲାଙ୍ଗିର, ରାୟଗଡା , ନୂଆପଡା, ଓ ନବରଙ୍ଗପୁର ସୀମାରେ ୧୩ ଟି ଅନ୍ତଜିଲ୍ଲା ଚେକ ପୋଷ୍ଟ କରାଯାଇଛି । ମଦ, ଗଞ୍ଜା ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ , ଅବୈଧ ଟଙ୍କା କାରବାର କୁ ରୋକିବା ପାଇଁ ବ୍ୟବସ୍ଥା କରାଯାଇଛି। ସି ଇ ଓ ଶ୍ରୀ ଧଳ ଲାଇସେନ୍ସ ବନ୍ଧୁକ ଜମା କରିବା, ସୋସିଆଲ ମିଡିଆ ମନିଟରିଂ , ମାଓ ନିୟନ୍ତ୍ରଣ ଉପରେ ବିଭିନ୍ନ ପ୍ରଶ୍ନ ପୋଲିସ ଅଧିକାରୀଙ୍କୁ ପଚାରିଥିଲେ। ନିର୍ବାଚନ କୁ ଅବାଧ, ମୁକ୍ତ ଓ ଶାନ୍ତିପୂର୍ଣ୍ଣ ଭାବରେ କରିବାକୁ ଜିଲ୍ଲାପାଳ, ଏସ ପି, ରିଟର୍ଣିଂ ଅଧିକାରୀ,ନୋଡାଲ ଅଧିକାରୀ ନିଜ ଦାୟିତ୍ୱ କୁ ସଠିକ୍ ଭାବେ ପାଳନ କରିବାକୁ କହିଥିଲେ ।ଭୋଟର ମାନେ ଯେଭଳି ସୁବିଧାରେ, ଶାନ୍ତିପୂର୍ଣ୍ଣ ଭାବରେ ମତଦାନ କରିବେ, ତା ଉପରେ ସମସ୍ତ ପ୍ରକାର ସୁବ୍ୟବସ୍ଥା କରିବା ପାଇଁ ନିଶ୍ଚିତ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ମହାପ୍ରଭୁ ଲିଙ୍ଗରାଜଙ୍କ ଅଶୋକାଷ୍ଟମୀ ରଥଯାତ୍ରା ନେଇ ସମନ୍ୱୟ ବୈଠକ

ଭୁବନେଶ୍ୱର, ୩୦/୩ (ନି.ପ୍ର): ମହାପ୍ରଭୁ ଲିଙ୍ଗରାଜଙ୍କ ଚଳିତ ବର୍ଷ ଅଶୋକାଷ୍ଟମୀ ରଥଯାତ୍ରାର ସୁପରିଚାଳନା ନିମନ୍ତେ ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକ ପ୍ରାରମ୍ଭରେ ଚଳିତ ବର୍ଷ ଶୃଙ୍ଖଳିତ ଭାବରେ ଜାଗରଯାତ୍ରା ଅନୁଷ୍ଠିତ ହୋଇଥିବାରୁ ସେବାୟତ ଓ ସଂପୃକ୍ତ ବ୍ୟକ୍ତିବିଶେଷଙ୍କୁ ଜିଲ୍ଲାପାଳ ଧନ୍ୟବାଦ ଦେଇଥିଲେ । ଜିଲ୍ଲାପାଳ ଶ୍ରୀ ରାଣା ଚଳିତ ବର୍ଷ ଅଶୋକାଷ୍ଟମୀ ରଥଯାତ୍ରା ନିମନ୍ତେ ସମସ୍ତଙ୍କର ସହଯୋଗ ଲୋଡ଼ିଥିଲେ। ଆସନ୍ତା ମାସ ୧୬ ତାରିଖରେ ମହାପ୍ରଭୁ ଲିଙ୍ଗରାଜଙ୍କର ରଥଯାତ୍ରା ଅନୁଷ୍ଠିତ ହେବ। ଏହି ଦିନ ଭୋର ୫ ଘଟିକା ସମୟରେ ମଙ୍ଗଳ ଆଳତି ଓ ଅବକାଶ, ସମୟାନୁଯାୟୀ ଅନ୍ୟାନ୍ୟ ନୀତିକାନ୍ତି ଅନୁଷ୍ଠିତ ହୋଇ ଅପରାହ୍ନ ୩.୩୦ ସମୟରେ ରଥଟଣା ହେବ। ସେହିଭଳି ୨୦ ତାରିଖରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେବ। ଉକ୍ତ ରଥଯାତ୍ରା ସମୟରେ ସଂପୃକ୍ତ ବିଭାଗଗୁଡ଼ିକ ନିଜ ନିଜର ଦାୟିତ୍ୱ ସଂପନ୍ନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ମନ୍ଦିର ଆଲୋକ ସଜ୍ଜା, ପରିଷ୍କାର ପରିଚ୍ଛନ୍ନତା, ଆଲୋକୀକରଣ, ଜଳଯୋଗାଣ, ଅଗ୍ନିଶମ ବାହିନୀ ମୁତୟନ, ଆଶୁ ଆରୋଗ୍ୟ କେନ୍ଦ୍ର, ଆମ୍ବୁଲାନ୍ସ ସେବା, ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ଅସ୍ଥାୟୀ ସୂଚନା କେନ୍ଦ୍ର ଖୋଲିବା ପାଇଁ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି । ଚଳିତ ବର୍ଷ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯିବ । ଏଥି ସହ ପାନୀୟ ଜଳଯୋଗାଣ ଓ ଜଳସିଂଚନ ନିମନ୍ତେ ବିଭିନ୍ନ ବେସରକାରୀ ସଂଗଠନଗୁଡ଼ିକର ମଧ୍ୟ ସହଯୋଗ ଲୋଡ଼ା ଯାଇଛି ।

ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ରୁଦ୍ରନାରାୟଣ ମହାନ୍ତି, ଉପଜିଲ୍ଲାପାଳ ଚିନ୍ମୟ ଆଚାର୍ଯ୍ୟ, ଦେବୋତ୍ତର ବିଭାଗର ଆସିଷ୍ଟାଣ୍ଟ କମିଶନର, ଭୁବନେଶ୍ୱର ତହସିଲଦାର, ଭୁବନେଶ୍ୱର ମହାନଗର ନିଗମର ଅଧିକାରୀ, ସେବାୟତ, ବିଭିନ୍ନ ନିଯୋଗର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

# ବିଜେପିର ବଡ଼ ବିଜୟ: ନିର୍ବାଚନ ପୂର୍ବରୁ ଜିତି ନେଲା ୧୦ ଆସନ

ଅରୁଣାଚଳ, ୩୦/୩ : ପ୍ରଦେଶ ନିର୍ବାଚନ ପୂର୍ବରୁ ବଡ଼ ବିଜୟ ହାସଲ କରିଛି ବିଜେପି। ଅରୁଣାଚଳ ପ୍ରଦେଶର ୧୦ ବିଧାନସଭା ଆସନରେ ବିଜେପି ପ୍ରାର୍ଥୀମାନେ ନିର୍ଦ୍ୱନ୍ଦ୍ୱରେ ବାଜିତମାତ କରିଥିବା ଆଜି ମୁଖ୍ୟମନ୍ତ୍ରୀ ପ୍ରେମା ଖାଣ୍ଡୁ ଘୋଷଣା କରିଛନ୍ତି। ରାଜ୍ୟରେ ଆଉ କିଛି ସପ୍ତାହ ପରେ ବିଧାନସଭା ସହ ୨ଟି ଲୋକସଭା ଆସନ ପାଇଁ ଭୋଟ ପଡ଼ିବ। କିନ୍ତୁ ଏହା ପୂର୍ବରୁ ରାଜ୍ୟର ୬୦ଟି ବିଧାନସଭା ଆସନରୁ ବିଜେପି ୧୦ଟିକୁ ଜିତି ନେଇଛି। ମୁଖ୍ୟମନ୍ତ୍ରୀ ପ୍ରେମା ଖାଣ୍ଡୁ, ତାଙ୍କ ଡେପୁଟି ଚୋୱ୍ନା ମେନ ଓ ଦଳର ଅନ୍ୟ ୮ ଜଣ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି। ଆଜି ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ ଥିବା ବେଳେ ଏପରି ଖବର ସାମ୍ନାକୁ ଆସିଛି। ଶ୍ରୀ ଖାଣ୍ଡୁ କହିଛନ୍ତି, "ଆମେ ୧୦ଟି ଆସନରେ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛୁ। ଭୋଟ ପଡ଼ିବା ପୂର୍ବରୁ ଏପରି ଘଟଣା ଏକ ବଡ଼ ବିଜୟ। ଏଥିରୁ ଆମ ବିକାଶମୂଳକ କାର୍ଯ୍ୟ ପାଇଁ ଲୋକଙ୍କ କେତେ ସମର୍ଥନ ରହିଛି, ତା'ର ପ୍ରମାଣ ମିଳିଛି। ଲୋକମାନେ ଆମକୁ ଚାହୁଁଛନ୍ତି। ଆମେ ଏଠାରେ ନିଶ୍ଚିତ ସରକାର ଗଠନ କରିବୁ। ଆମେ ରାଜ୍ୟର ୨ଟି ଯାକ ଲୋକସଭା ଆସନରେ ମଧ୍ୟ ବାଜିମାତ କରିବୁ।" ବିଜେପି ରାଜ୍ୟର ସମସ୍ତ ୬୦ ଆସନରେ ପ୍ରାର୍ଥୀ ଦେଇଥିବା ବେଳେ କଂଗ୍ରେସ ୩୪ଟି ଆସନରେ ଲଢୁଛି। ଏଠାରେ ଆସନ୍ତା ୧୯ ଏପ୍ରିଲରେ ଭୋଟ ହେବ। ଆଜି ଦଳର ୧୦ ଜଣ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହେବା ପରେ ବିଜେପି କର୍ମୀମାନେ ରାଜଧାନୀ ଇଟାନଗରରେ ବାଣ ଫୁଟାଇ ଉତ୍ସବ ମନାଇଛନ୍ତି। ଖାଣ୍ଡୁ ଓ ମେନଙ୍କ ବ୍ୟତୀତ ବିଜେପି ନେତା ଦାସାଙ୍ଗଲୁ ପଲ ମଧ୍ୟ ଜିତିଛନ୍ତି। ତାଙ୍କ ବିରୋଧରେ କଂଗ୍ରେସର ବି କ୍ରୋଙ୍ଗ ନାମାଙ୍କନ ଦାଖଲ କରିଥିଲେ। କିନ୍ତୁ ଆଜି ସେ ନିଜର ନାମାଙ୍କନକୁ ପ୍ରତ୍ୟାହାର କରି ନେଇଥିଲେ। ଦାସାଙ୍ଗଲୁ ହେଉଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ କଲିଖଖ ପଲଙ୍କ ପତ୍ନୀ। ପ୍ରେମା ଖାଣ୍ଡୁ ମୁକତୋରୁ ପ୍ରାର୍ଥୀ ହୋଇଥିଲେ। କିନ୍ତୁ ତାଙ୍କ ବିରୋଧରେ କେହି ବି ନାମାଙ୍କନ ଦାଖଲ କରି ନଥିଲେ। ସେହିପରି ପ୍ରଥମଥର ନିର୍ବାଚନ ମୈଦାନକୁ ଓହ୍ଲାଇଥିବା ବିଜେପିର ଟେଚି ରୋଟୁ ମଧ୍ୟ ସାଗାଲୀରୁ ନିର୍ଦ୍ୱନ୍ଦ୍ୱରେ ଜିତିଛନ୍ତି। ତାଲିରୁ ବିଜେପି ପ୍ରାର୍ଥୀ ଜିକୀ ଟାକୋ ଦ୍ୱିତୀୟ ଥର ପାଇଁ ବିନା ଲଢ଼େଇରେ ବିଧାନସଭାକୁ ଯିବେ।

# ଜିଲ୍ଲାରେ ନିର୍ବାଚନୀ ପ୍ରଚାର ନେଇ ବିଭିନ୍ନ ପ୍ରିଣ୍ଟିଂ ପ୍ରେସ ପରିଦର୍ଶନ କଲା ଫ୍ଲାଇଙ୍ଗ ସ୍କ୍ୱାର୍ଡ ଦଳ




ବାରିପଦା, ୩୦/୩ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସ୍ତରରେ ଗଠିତ ହୋଇଥିବା ଫ୍ଲାଇଙ୍ଗ ସ୍କ୍ୱାର୍ଡ ଆଜି ଜିଲ୍ଲାର ବିଭିନ୍ନ ସ୍ଥାନ ଗସ୍ତ କରି ବିଭିନ୍ନ ପ୍ରିଣ୍ଟିଂ ପ୍ରେସ ଠାରେ ନିର୍ବାଚନୀ ପ୍ରଚାର ପାଇଁ ହେଉଥିବା କାର୍ଯ୍ୟ ବିଷୟରେ ତଦାରଖ କରିଛନ୍ତି। ନିର୍ବାଚନ କମିଶନଙ୍କ ଆଦେଶ ଅନୁସାରେ ଜିଲ୍ଲା ସ୍ତରରେ ବିଭିନ୍ନ ସରକାରୀ ଅଧିକାରୀ ଏବଂ କର୍ମଚାରୀଙ୍କୁ ନେଇ ଗଠିତ ଏହି ଫ୍ଲାଇଙ୍ଗ ସ୍କ୍ୱାର୍ଡ ଆଜି ବିଭିନ୍ନ ନିର୍ବାଚନ କ୍ଷେତ୍ର ପରିଦର୍ଶନ କରି ବଜାର ରେ ଥିବା ମୁଖ୍ୟ ପ୍ରିଣ୍ଟିଂ ପ୍ରେସ, ଫ୍ଲେକ୍ସ ବ୍ୟାନର ଡିଜାଇନ ଦୋକାନ, ବିଭିନ୍ନ ଫଟୋ ଷ୍ଟୁଡ଼ିଓ ଗୁଡିକରେ ନିର୍ବାଚନୀ ପ୍ରଚାର ବାବଦକୁ ହେଉଥିବା କାର୍ଯ୍ୟକୁ ଅନୁଧାନ କରିଥିଲେ। ସୂଚନା ମୁତାବକ, ମୟୂରଭଞ୍ଜ ଜିଲ୍ଲାରେ ଏଯାବତ କୌଣସି ବିଶେଷ ସ୍ଥାନରେ ନିର୍ବାଚନୀ ପ୍ରଚାର ପ୍ରିଣ୍ଟିଂ ଆରମ୍ଭ ହୋଇନାହିଁ ଏବଂ ଏହି କାର୍ଯ୍ୟ ଆରମ୍ଭ ହେଲେ, ନିର୍ବାଚନୀ ଖର୍ଚ୍ଚ ଯାଞ୍ଚ କମିଟି, ଫ୍ଲାଇଙ୍ଗ ସ୍କ୍ୱାର୍ଡ ରିପୋର୍ଟ ଆଧାରରେ ଏହାର ପୁଙ୍ଖାନୁପୁଙ୍ଖ ତଦାରଖ କରିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ସୂଚନା ଥାଉକି, ନିର୍ବାଚନ କମିଶନଙ୍କ ଆଦେଶ ଅନୁସାରେ ଜଣେ ଆଶାୟୀ ସଂସଦୀୟ ପ୍ରାର୍ଥୀ ନିର୍ବାଚନ ପ୍ରଚାର ପାଇଁ ୯୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବାର ପ୍ରାବଧାନ ଥିବା ବେଳେ, ଜଣେ ଆଶାୟୀ ବିଧାନସଭା ପ୍ରାର୍ଥୀ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବାର ପ୍ରାବଧାନ ରହିଛି। ବିଗତ ଦିନ ମାନଙ୍କରେ ଏହି ଫ୍ଲାଇଙ୍ଗ ସ୍କ୍ୱାର୍ଡ ଦଳର ସଦସ୍ୟ ମାନଙ୍କୁ ନେଇ ପ୍ରଶିକ୍ଷଣ ଏବଂ କାର୍ଯ୍ୟକାରିତା ବିଷୟରେ ଅବଗତ କରା ଯାଇଥିଲା। ଏହି ପରିପ୍ରେକ୍ଷୀରେ ଜିଲ୍ଲାରେ କଡାକଡି ଭାବରେ ଏହି ଫ୍ଲାଇଙ୍ଗ ସ୍କ୍ୱାର୍ଡ ଏହି ପ୍ରଚାର ବାବଦକୁ ହେଉଥିବା ଖର୍ଚ୍ଚକୁ ତଦାରଖ କରିବ।

# ବିଦାୟ ନେଲେ ଉଦଳା ଗଠନର ଅନ୍ୟତମ ବିନ୍ଧାଣୀ 'ରଘୁମଣି'



ଉଦଳା, ୩୦/୩ (ନି.ପ୍ର): ଉଦଳା ସହରର ୱାର୍ଡ଼ ନଂ-୧ର ବାସିନ୍ଦା ରଘୁମଣି ତ୍ରୀପାଠୀଙ୍କର ଆଜି ମାର୍ଚ୍ଚ ୩୦ ତାରିଖ ଶନିବାର ଦିନ ୮୮ ବର୍ଷ ବୟସେର ଦେହାନ୍ତ ହୋଇ ଯାଇଛି। ରଘୁମଣି କେବଳ ଉଦଳା ନୁହେଁ, ସମଗ୍ର ମୟୂରଭଂଜର ଜଣେ ଭଲ ଶିଳ୍ପପତି ଭାବେର ସୁନାମ ଅର୍ଜନ କରିଥିଲେ। ଉଦଳା ନିକଟ ଖଲାଡ଼ି ଗ୍ରାମରେ ତାଙ୍କର ଏକ ବାସଗୃହ ରହିଛି, ଯାହାକି ସ୍ଥାନୀୟ ଅଂଚଳେର 'ସର୍ଦ୍ଦାର ଘର' ନାମେର ପରିଚିତ। ସେହିପରି ଉଦଳାକୁ ବିଜ୍ଞାପିତ ଅଂଚଳ ପରିଷଦେର ପରିଣତ କରିବା ପାଇଁ ନେତୃତ୍ୱ ନେଇଥିବା ବ୍ୟକ୍ତି ମାନଙ୍କ ମଧ୍ୟେର ରଘୁମଣି ଥିଲେ ଅନ୍ୟତମ। ଉଦଳାର ୱାଡ଼ଂ-୧ର କାଉନସିଲର ଭାବେର ନିର୍ବାଚିତ ହୋଇ ସେ ଦକ୍ଷତାର ସହିତ ନିଜର ଦାୟିତ୍ୱ ତୁଲାଇଥିଲେ। ଚିନ୍ମୟ ମିଶନର ସନ୍ୟାସୀ ସ୍ୱାମି ନିଜାନନ୍ଦ ସରସ୍ୱତୀଙ୍କୁ ବାରମ୍ୱାର ଉଦଳା ଆମନ୍ତ୍ରଣ କରିବା ଓ ଏଠାରେ ଗୀତାଜ୍ଞାନ ଯଜ୍ଞ ଅୟୋଜନ କରିବା ସହିତ ସମଗ୍ର ଉଦଳା ପରିବେଷକୁ ଏକ ଆଧାତ୍ମିକ ବାତାବରଣେର ପରିଣତ କରିବା ପାଇଁ ନେତୃତ୍ୱ ନେଇଥିବା ମଣିଷ ଥିଲେ ରଘୁମଣି ତ୍ରୀପାଠୀ। ସେଥିପାଇଁ ଜନମାନସେର ରହିଛି ତାଙ୍କର ସ୍ୱତନ୍ତ୍ର ସମ୍ମାନ। ଆଜି ତାଙ୍କ ଦେହାନ୍ତ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉଦଳାସ୍ଥିତ ବାସଭବନକୁ ଯାଇ ଶେଷ ଦଶର୍ନ କରିଛନ୍ତି। ସେହିପରି ଉଦଳାସ୍ଥିତ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ସେ ଜଣେ ପ୍ରତିଷ୍ଠାତା ସଦସ୍ୟ ଥିବାରୁ ଆଜି ତାଙ୍କର ଦେହାନ୍ତ ଖବର ପାଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଶଶିଭୂଷଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଏକ ଶୋଭ ସଭା ଅନୁଷ୍ଠିତ ହୋଇ ଯାଇଛି। ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ବତର୍ମାନର ନଗରପାଳ ପ୍ରମିଳା ପଣ୍ଡା ତାଙ୍କର ଶୋକ ବାର୍ତାରେ କହିଛନ୍ତି ଗତ ବର୍ଷ ଉଦଳା ଏନ୍.ଏ.ସି.ର ସୁବର୍ଣ୍ଣ ଜୟନ୍ତି ଉତ୍ସବ ବପାଳନ ଅବସରେର ମୁଁ ନିଜେ ତାଙ୍କର ବାସ ଭବନକୁ ଯାଇ ତାଙ୍କୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଛ ଅପର୍ଣ ପୂବର୍କ ସମ୍ବର୍ଦ୍ଧିତ କରି ତାଙ୍କର ଆଶିର୍ବାଦ ଭିକ୍ଷା କରିଥିଲି ଯାହାକି କେବେ ଭୁଲି ହେବ ନାହିଁ।

# ମରଣାନ୍ତକ ଆକ୍ରମଣ

ବେତନଟୀ, ୩୦/୩ (ନି.ପ୍ର): ବେତନଟୀ ବ୍ଲକ ଅନ୍ତର୍ଗତ ପୁରୁଣିଆ ପଞ୍ଚାୟତର ନୂଆଗାଁ ଗ୍ରାମରେ ତରଭୁଜ ଚାଷକୁ ନେଇ ମରଣାନ୍ତକ ଆକ୍ରମଣ ଘଟଣାରେ ଗଣ୍ଡଗୋଳ ରେ ସମ୍ପୃକ୍ତ ଉଭୟ ପକ୍ଷରୁ ଦୁଇଜଣ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ଏହି ଗ୍ରାମରେ ପ୍ରତିବର୍ଷ ପାରମ୍ପରିକ ଧାନ ଅମଳ ହୋଇଯିବା ପରେ ଖରାଟିଆ ତରଭୁଜ ଚାଷ ପ୍ରଚୁର ମାତ୍ରାରେ କରାଯାଇଥାଏ। ଚଳିତ ବର୍ଷ ନିରଞ୍ଜନ ନାଏକ ଓ ବଂଶିଧର ଜେନା ପାଖାପାଖି ଜମିରେ ମିଳିତଭାବେ ତାରଜାଲ ବାଡ଼ ବେଢ଼ି ତରଭୁଜ ଚାଷ କରିଥିଲେ। ତେବେ ବଂଶିଧର ଆଗୁଆ ଫସଲ ଅମଳ କରି ସାରି ତାରଜାଲ ଖୋଲି ଦେଇଥିଲେ। ଫଳରେ ଗୋରୁଗାଈ ପଶି ନିରଞ୍ଜନଙ୍କ ଜମିରେ ଫସଲ ଖାଇଦେଇ ଥିଲେ। ଏହାକୁ ନେଇ ଶୁକ୍ରବାର ଉଭୟ ପରିବାର ଲୋକଙ୍କ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା ଏବଂ ପରସ୍ପର ଆକ୍ରମଣରେ ଉଭୟ ପକ୍ଷରୁ ପାଞ୍ଚଜଣ ଆହତ ହୋଇଥିଲେ। ଖବର ପାଇ ବୈଶିଙ୍ଗା ପୋଲିସ ଏ ଏସ ଆଇ ଭାବଗ୍ରାହୀ ମହାନ୍ତ ଘଟଣାସ୍ଥଳରେ ପହଂଚି ବୁଝାସୁଝା କରି ବୈଶିଙ୍ଗା ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆହତଙ୍କୁ ପଠାଇଥିଲେ। ତେବେ ଦୁଇଜଣ ଗୁରୁତର ଆହତଙ୍କୁ ଆଜି ବାଲେଶ୍ୱର ମୂଖ୍ୟ ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ଘଟଣାରେ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚାଲିଥିବା ତଦନ୍ତକାରୀ ଅଧିକାରୀ ସୁଚନା ଦେଇଛନ୍ତି।

# ବେତନଟୀ ଓକିଲ ସଂଘ : ଲମ୍ୱୋଧର ସଭାପତି



ବେତନଟୀ, ୩୦/୩ (ନି.ପ୍ର): ଆଜି ଓକିଲ ସଂଘ ର ନିର୍ବାଚନ ଥିଲା। ସଂଘ ର ଏକାଧିକ ଓକିଲ ପ୍ରଫେସନ ରେ ନଥାଇ ଓକିଲାତିର ସାର୍ଟିପିକେଟ ନେଇ ନିଜକୁ ଓକିଲ ର ପରିଚୟ ଦେଉଛନ୍ତି। ଜନସାଧାରଣଙ୍କ ର ଆଇନଗତ ସେବାରେ ନଥିବା ବେଳେ ସଂଘ ର ସଦସ୍ୟ ନାଉଛନ୍ତି। ଏଭଳିକି ଓକିଲ ନିର୍ବାଚନ ରେ ଭାଗ ନେଉଛନ୍ତି। ସେହିଭଳି ଜଣେ ଓକିଲ ବେତନଟୀ ଓକିଲ ସଂଘ ର ସଦସ୍ୟତା ନେଇ ନିର୍ବାଚନ ରେ ଭାଗ ନେଇ ହାରିଯାଇଥିବାର ଖବର ସଂଗ୍ରହ ସମୟରେ ଜଣାପଡିଛି। ଆଜି ବେତନଟୀ ଓକିଲ ସଂଘ ର ନିର୍ବାଚନ ଶେଷ ହୋଇଥିବା ବେଳେ ଲମ୍ୱୋଧର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ମୋଟ ୪୦ ଜଣ ସଦସ୍ୟା ଭୋଟ ଦେଇଛନ୍ତି। ଦ୍ୱିମୁଖୀ ନିର୍ବାଚନ ହୋଇଥିବା ସଭାପତି ପଦରେ ସଚ୍ଚିଦାନନ୍ଦ ମହାନ୍ତି ଓ ଲମ୍ବୋଧର ମଧ୍ୟରେ ମୁକାବିଲା ହୋଇଥିଲା ଦୁଇ ଜଣଙ୍କ ର ସମାନ ସଂଖ୍ୟା ଭୋଟ ହୋଇଥିବାରୁ ଲଟେରୀ ହୋଇଥିଲା ସେଥିରେ ଲମ୍ୱୋଦର ମହାନ୍ତ ବିଜୟ ହୋଇଥିଲେ। ସେହିଭଳି ସମ୍ପାଦକ ପାଇଁ ଦ୍ୱିମୁଖୀ ଲଢେଇ ହୋଇଥିବା ବେଳେ ପ୍ରବୀର କୁମାର ବାରିକ ୩୨ ଖଣ୍ଡ ଭୋଟ ପାଇ ବିଜୟ ହୋଇଥିଲା ବେଳେ ତାଙ୍କ ପ୍ରତିଦ୍ୱନ୍ଦିତା ରେ ଦୀପକ ଖଣ୍ଡେଲୱାଲ ୮ ଖଣ୍ଡ ଭୋଟ ପାଇଥିଲେ। ପୂର୍ବରୁ ଉପସଭାପତି ଭାବେ ରବିନାରାୟଣ ମହାପାତ୍ର, ସହ ସଂପାଦକ ଭାବରେ କେହି ପ୍ରାର୍ଥୀ ପତ୍ର ଦାଖଲ କରିନଥିଲେ ଫଳରେ ନିର୍ବାଚନ ହୋଇନଥିଲା ବେଳେ କୋଷାଧକ୍ଷ ଭାବରେ ମନୋଜ କୁମାର ଦଳେଇ ଏବଂ କାର୍ଯ୍ୟକାରୀ କମିଟିର ଚାରି ଜଣ ସଦସ୍ୟ ହେଲେ- ସଂଜୟ କୁମାର ଭୂୟାଁ, ଅଂଶୁମାନ ସରକାର, ଧିରୋଜ କୁମାର ଖଣ୍ଡେଲୱାଲ ଓ ହରୋଦ୍ଭଓ ମହାନ୍ତ ବିଜୟ ହୋଇଥିଲେ। ଆଇନଜୀବୀ ଲମ୍ବୋଦର ନାୟକ ନିର୍ବାଚନ ପରିଚାଳନା କରିଥିଲେ।

# ଆନ୍ତଃରାଜ୍ୟ ସମନ୍ୱୟ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୩୦/୩ (ନି.ପ୍ର): ଆସନ୍ତା ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଶନିବାର କଟକ ସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟ ଠାରେ ଭିଡିଓ କନଫରେନସିଂ ଜରିଆରେ ପଡୋଶୀ ଛତିଶଗଡ ରାଜ୍ୟର ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଏକ ଆନ୍ତଃରାଜ୍ୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀଙ୍କ ସମେତ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ), ଆର.କେ. ଶର୍ମା, (ଗୁଇନ୍ଦା) ନିର୍ଦ୍ଦେଶକ, ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା), ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଅପରେସନ), ଏସ. ଦେବଦତ ସିଂ, ଆଇ.ଜି.ପି (ପ୍ରୋଭିଜନିଙ୍ଗ), ଯତିନ୍ଦ୍ର କୋୟଲ, ଆଇ.ଜି.ପି (କାର୍ମିକ), ଏସ. ପ୍ରବୀଣ କୁମାର, ଆଇ.ଜି.ପି (ଗୁଇନ୍ଦା), ଅନୁପ ସାହୁ, ଡି.ଆଇ.ଜି.ପି (ଏସଆଇଡବ୍ଲୁ), ଡ଼ଃ ଉମାଶଙ୍କର ଦାଶ, ଏଆଇଜି (ମୁଖ୍ୟାଳୟ) ବିବେକାନନ୍ଦ ଶର୍ମାଙ୍କ ସମେତ ବିଭିନ୍ନ ରେଞ୍ଜର ଆଇ.ଜି, ଡି.ଆଇ.ଜି ଏବଂ ସୀମାବର୍ତି ଜିଲ୍ଲା ଗୁଡିକର ଏସ.ପି ମାନେ ବୈଠକରେ ଉପସ୍ଥିତ ଥିଲେ। ସେହିପରି ଛତିଶଗଡର ଡିଜିପି ଅଶୋକ ଯୁନେଜା, ଏଡିଜି (ଅପରେସନ) ଙ୍କ ସମେତ ସୀମାନ୍ତ ଜିଲ୍ଲା ଗୁଡିକର ଏସ.ପି ମାନେ ବୈଠକରେ ଉପସ୍ଥିତ ଥିଲେ। ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଜାରି ହୋଇଥିବା ସମସ୍ତ ନିୟମାବଳୀକୁ ସଠିକ ଭାବେ ପାଳନ କରାଯିବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଉଭୟ ରାଜ୍ୟର ସୀମାନ୍ତ ଜିଲ୍ଲା ଗୁଡିକରେ ଶାନ୍ତିପୂର୍ଣ୍ଣ, ଅବାଧ, ଅପରାଧମୁକ୍ତ ଏବଂ ନିରପେକ୍ଷତାର ସହ ନିର୍ବାଚନ ପରିଚାଳନା କରାଯିବା ସମ୍ପର୍କରେ ବରିଷ୍ଠ ପୋଲିସ ଅଧିକାରୀ ମାନେ ମତବ୍ୟକ୍ତ କରିଥିଲେ। ବିଶେଷ କରି ଓଡିଶାର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ନୂଆପଡା, ବରଗଡ, ଝାରସୁଗୁଡା ଓ ସୁନ୍ଦରଗଡ ଜିଲ୍ଲାର ସୀମା ପଡୋଶୀ ରାଜ୍ୟ ଛତିଶଗଡ ସହିତ ଲାଗି ରହିଛି। ଉପରୋକ୍ତ ସୀମାନ୍ତ ଜିଲ୍ଲା ଗୁଡିକରେ ସୀମା ତନଖୀ ଫାଟକରେ କଡାକଡି ଯାଞ୍ଚ, ସଂବେଦନଶୀଳ ସ୍ଥାନ ଗୁଡିକରେ ଯାନବାହନ ଯାଞ୍ଚ, ଅବକାରୀ ଧରପଗଡ, ବେଆଇନ ମାରଣାସ୍ତ୍ର, ବେଆଇନ ମଦ କାରବାର, ବେଆଇନ ନିଶା କାରବାର, ବେଆଇନ ଟଙ୍କା କାରବାର ଉପରେ ରୋକ ଲଗାଯିବା ଉପରେ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବାକୁ ବୈଠକରେ ବିଶଦ ଭାବେ ଆଲୋଚନା ହୋଇଥିଲା।

# କାର ଧକ୍କାରେ ହୋମଗାର୍ଡ ଗୁରୁତର

ଭୁବନେଶ୍ୱର/ବାରିପଦା, ୩୦/୩ (ନି.ପ୍ର): କାର ଧକ୍କାରେ ହୋମଗାର୍ଡ ଗୁରୁତର। ଝାରଖଣ୍ଡ ଅଭିମୁଖେ ଯାଉଥିବା ଏକ କାର ବାରିପଦା ବମ୍ଭେ ଛକ ନିକଟରେ ହୋମଗାର୍ଡଙ୍କୁ ଧକ୍କା ଦେଇଛି। ସୂଚନା ଅନୁଯାଇ ଝାରଖଣ୍ଡ ନମ୍ବର କାରଟି ଜାତୀୟ ରାଜପଥ ୧୮ ନଂ ବାରିପଦା ପଟୁ ଆସି ଝାରଖଣ୍ଡ ଅଭିମୁଖେ ଯାଉଥିବା ବେଳେ ବମ୍ଭେଛକ ବଜାର ଉପରେ ଥିବା ଅର୍ଦ୍ଧ ନିର୍ମିତ ଓଭର ବ୍ରିଜ ତଳେ ଭାରସାମ୍ୟ ହରାଇ ବମ୍ଭେଛକ ବଜାରରେ ରାତି ଡ୍ୟୁଟିରେ ଥିବା ଗୃହରକ୍ଷୀ ଲିଟୁ ମହାନ୍ତଙ୍କୁ ଧକ୍କା ଦେଇଥିଲା। ଏହାପରେ ପାଖରେ ଥିବା ଦୋକାନ ଘର ଭିତରକୁ ପଶିଯାଇଥିଲା କାର। କାର ଧକ୍କାରେ ହୋମଗାର୍ଡ ଜଣକ ଗୁରୁତର ଆହତ ହୋଇଛନ୍ତି।

# ମନ୍ଦିରରୁ ଲୁଟିନେଲେ ଦୁର୍ବୃତ୍ତ: ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି



ବସ୍ତା, ୩୦/୩ (ନି.ପ୍ର): ରୂପସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ବାଖରାବାଦସ୍ଥିତ ନୀଳକଣ୍ଠେଶ୍ୱର ଶିବ ମନ୍ଦିରରୁ ଶୁକ୍ରବାର ବିଳମ୍ବିତ ରାତିରେ ଲୁଟ ହୋଇଛି। ସୂଚନା ମୁତାବକ ଆଜି ସକାଳେ ମନ୍ଦିରର ପୂଜକ ପୂଜା କରିବା ପାଇଁ ଆସି ମୁଖ୍ୟ ଫାଟକର ତାଲା ଭଙ୍ଗା ହୋଇଥିବା ଓ କବାଟର ହୁଡ଼କି ଖୋଲାଥିବା ଦେଖି ମନ୍ଦିର ପରିଚାଳନା କମିଟିକୁ ଖବର ଦେଇଥିଲେ। କମିଟି ସଦସ୍ୟ ପହଞ୍ଚି ମନ୍ଦିରର କବାଟ ଭାଙ୍ଗି ଦୁର୍ବୃତ୍ତ ମାନେ ମାଇକ ସେଟ୍, ସୁନା ପଦକ, ରୂପା କଏନ, ପିତଳ ବାସନକୁସନ, ଝାଲି, ତସଲା, ଲକ୍ଷ୍ମୀ ଠାକୁରାଣୀଙ୍କ ମୂର୍ତ୍ତି, ସାନ ଓ ବଡ଼ ନାଗସାପ ଆଦି ସାମଗ୍ରୀ ଦୁର୍ବୃତ୍ତମାନେ ଲୁଟି ନେଇଥିବା ଦେଖିବାକୁ ପାଇଥିଲେ। ଗ୍ରାମର ମୁଖିଆ ତଥା ମନ୍ଦିର ପରିଚାଳନା କମିଟି ସଦସ୍ୟ ପଦନ ବର ଏନେଇ ଶନିବାର ରୂପସା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ ରୂପସା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଚୋରି ସାମଗ୍ରୀର ମୂଲ୍ୟ ଏକ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଇଛି।

# ଜଳେଶ୍ୱର ବାର୍ ନିର୍ବାଚନ : କୁଂଜବିହାରୀ ସଭାପତି, ଦେବକାନ୍ତ ସଂପାଦକ

ଜଳେଶ୍ୱର, ୩୦/୩ (ନି.ପ୍ର): ସମଗ୍ର ରାଜ୍ୟରେ ବାର୍ ଆସୋସିଏସନ୍ ନିର୍ବାଚନ ହେଉଥିବାରୁ ଜଳେଶ୍ୱର ବାର୍‌ରେ ମଧ୍ୟ ଶାନ୍ତି ଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଛି। ସଭାପତିଭାବେ କୁଞ୍ଜବିହାରୀ ଦାସ, ଉପସଭାପତି ବିଜନ କୁମାର ଦେ, ସଂପାଦକ ଦେବକାନ୍ତ କାଣ୍ଡ, ଯୁଗ୍ମ ସଂପାଦକ ସୁଶାନ୍ତ ଦାସ, ପୋଷାଧ୍ୟକ୍ଷ ବିନୋଦ କୁମାର ଗିରି ନିର୍ବାଚିତ ହୋଇଥିବା ଆଜି ନିର୍ବାଚନ ଅଫିସର ଇସାକ୍ ବେଗ୍ କହିଛନ୍ତି। କାର୍ଯ୍ୟକାରୀ କମିଟିକୁ ବିଷ୍ଣୁପଦ ଦାସମହାପାତ୍ର, ଜଗଦିଶଚନ୍ଦ୍ର ପାଳ, କମଳଲୋଚନ ସେଠୀ, ଲକ୍ଷ୍ମୀନାରାୟଣ ପ୍ରମାଣିକ, ଫାଲଗୁନୀ ପାଣିଗ୍ରାହୀ, ଶିବାନୀ ଦାସ ଓ ୱାତନ ରାଜ ନିର୍ବାଚିତ ହୋଇଥିବା ଶ୍ରୀ ବେଗ୍ ସୂଚନା ଦେଇଛନ୍ତି। ପୂର୍ବରୁ ସହସଂପାଦକ ରାମକୃଷ୍ଣ ନନ୍ଦୀ, ଗ୍ରନ୍ଥାଗାର ସଂପାଦକ ଅମରେନ୍ଦ୍ର ଦେ, ସହକାରୀ ଗ୍ରନ୍ଥାଗାର ସଂପାଦକ ଅସୀମ ଦେ ନିଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ସେକ୍ ବେଗ୍ କହିଛନ୍ତି।

# ନୀଳଗିରି ଉପଖଣ୍ଡ ଓକିଲ ସଂଘ ନିର୍ବାଚନରେ ସମସ୍ତ କର୍ମକର୍ତ୍ତା ନିର୍ଦ୍ୱନ୍ଦରେ ନିର୍ବାଚିତ

ନୀଳଗିରି, ୩୦/୩ (ନି.ପ୍ର): ଚଳିତ ୨୦୨୪/୨୫ ବର୍ଷ ପାଇଁ ଆଜି ସମଗ୍ର ଓଡ଼ିଶାରେ ଓକିଲ ସଂଘର ନିର୍ବାଚନ ହୋଇଥିବା ବେଳେ ନୀଳଗିରି ଉପଖଣ୍ଡର ନିର୍ବାଚନ ମଧ୍ୟ ହୋଇଥିଲା। ମୋଟ ୧୨ଗୋଟି ପଦପାଇଁ ନିର୍ବାଚନ ହୋଇଥିବା ବେଳେ ଏହି ନିର୍ବାଚନରେ କୌଣସି ପ୍ରତିଦ୍ୱନ୍ଦୀ ନଥିବାର ନିର୍ବାଚନ ନାମକୁ ମାତ୍ର ହୋଇଥିଲା। ଦୀର୍ଘ ୨୩ବର୍ଷଧରି ସଭାପତି ଭାବେ ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଷଡ଼ଙ୍ଗୀ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇ ଆସୁଥିବା ବେଳେ ସୁଚାରୁ ରୂପେ କାର୍ଯ୍ୟ ତୁଲାଇ ଆସୁଛନ୍ତି। ତେଣୁ ତାଙ୍କ ବିରୋଧରେ କୌଣସି ପ୍ରତିଦ୍ୱନ୍ଦୀ ନଥିବାରୁ ସେ ସଭାପତି ଭାବରେ ନିର୍ବାଚିତ ହେବା ସହ ଉପସଭାପତି ଭାବେ ଯତୀନ୍ଦ୍ର ନାୟକ ଓ ଗୌରହରି ବେହେରା, ସମ୍ପାଦକ କିଶୋର କୁମାର ଦାସ, ସହସମ୍ପାଦକ ଜୟନ୍ତ କୁମାର ସ ଓ ସୁରେଶ କୁମାର ବାରିକ, କୋଷାଧକ୍ଷ ଦେବାନନ୍ଦ ଦାସ କାର୍ଯ୍ୟନିର୍ବାହୀ ସଭ୍ୟ ଭାବେ ବିଘ୍ନେଶ୍ୱର ବାରିକ, ସାଗରିକା ଷଡ଼ଙ୍ଗୀ, କାହ୍ନୁ ରଞ୍ଜନ ବାରିକ, ପ୍ରଶାନ୍ତ କୁମାର ମଲ୍ଲିକ, ତନୟ କୁମାର ପାତ୍ର ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ କାର୍ତ୍ତିକ କୁମାର ରାଉତଙ୍କ ଠାରୁ ସୂଚନା ମିଳିଛି।

# ବାଲିଆପାଳ ସରସ୍ୱତୀ ଶିଶୁ ମନ୍ଦିରର ନାମ ପରିବର୍ତ୍ତନକୁ ତୀବ୍ର ବିରୋଧ: ଓଡ଼ିଶା ଶିକ୍ଷା ବିକାଶ ସମିତି ପରିଚାଳନା ଦାୟିତ୍ୱ ନିଜ ହାତକୁ ନେଲେ

ବାଲିଆପାଳ ୩୦/୩ (ନି ପ୍ର) ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ବାଲିଆପାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପରିଚାଳନା ସମିତି ବେଆଇନ ଭାବେ ଏବେ ଶିଶୁ ମନ୍ଦିରର ନାମ ପରିବର୍ତ୍ତନ କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ଶିଶୁ ମନ୍ଦିରର ନାମକୁ ପରିବର୍ତ୍ତନ କରି ଏହି ମୁଷ୍ଟିମେୟମାନେ ତାହାକୁ ମା ସରସ୍ୱତୀ ଶିଶୁ ମନ୍ଦିର ଦେଇଛନ୍ତି। ଶିଶୁ ମନ୍ଦିର ପୂର୍ବରୁ ଶିକ୍ଷା ବିକାଶ ସମିତି ଦ୍ୱାରା ପରିଚାଳିତ ହେଉଥିଲାବେଳେ ମା ସରସ୍ୱତୀ ଶିଶୁ ମନ୍ଦିର ଶିକ୍ଷା ବିକାଶ ସଂସ୍ଥାନ ଦ୍ୱାରା ପରିଚାଳିତ। ତେବେ ଏହି ବେଆଇନ ପରିବର୍ତ୍ତନକୁ ଛାତ୍ର ଅଭିଭାବକ, ପ୍ରତିଷ୍ଠାତା ପରିଚାଳନା ସମିତି ତଥା ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ତୀବ୍ର ବିରୋଧ କରିଛନ୍ତି। ଏବେ ଏମାନେ ପ୍ରଶ୍ନ ଉଠାଇଛନ୍ତି ଯେ ଏହି ଅନାବଶ୍ୟକ ପରିବର୍ତ୍ତନ କାହା ସ୍ୱାର୍ଥରେ ?୨୦୦୪ ମସିହାରେ ପ୍ରତିଷ୍ଠିତ ଏହି ଶିଶୁ ବିଦ୍ୟା ମନ୍ଦିର ରେ ଏବେ ଅଷ୍ଟମ ଶ୍ରେଣୀ ଯାଏଁ ଶ୍ରେଣୀ ରହିଥିବା ବେଳେ ପ୍ରାୟେ ୪ ଶହ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଶିଶୁ ମନ୍ଦିରରେ ଗଠିତ ପରିଚାଳନା ସମିତି ତିନି ବର୍ଷ ପାଇଁ କାର୍ଯ୍ୟକରିଥା ଏ। ମାତ୍ର ଶିକ୍ଷା ବିକାଶ ସମିତିକୁ ଅନ୍ଧାରର ରେ ରଖି ଏହାର ସଭାପତି, ସମ୍ପାଦକ ସମସ୍ତ ନିୟମକୁ ଉଲ୍ଲଂଘନ କରି ପଦବୀ ଗୁଡ଼ିକୁ ଦୀର୍ଘ ବର୍ଷ ଧରି ଅକ୍ତିଆର କରି ରଖିଥିଲେ। ଏହି ପଦବୀରେ ଆଜୀବନ ରହିବା ପାଇଁ ସଭାପତି ଓ ସମ୍ପାଦକ ଏହାକୁ ମା ସରସ୍ୱତୀ ଶିଶୁ ମନ୍ଦିରକୁ ପରିବର୍ତ୍ତନ କରିବା ପାଇଁ ହୀନ ଉଦ୍ୟମ ଚଳାଇଛନ୍ତି। ଓଡ଼ିଶା ଶିକ୍ଷା ବିକାଶ ସଂସ୍ଥାନ ର ସାହାରା ନେଇ ସଭାପତି ଓ ସମ୍ପାଦକ ଏପରି କରିଥିବା କୁହାଯାଇଛି। ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟଙ୍କୁ ରବର ଷ୍ଟାମ୍ପ କରି ଶିଶୁ ମନ୍ଦିରର ସମସ୍ତ ରେକର୍ଡ ପତ୍ରକୁ ସମ୍ପାଦକ ନିଜ ପାଖରେ ରଖିଛନ୍ତି। ଶିଶୁ ମନ୍ଦିରର ଆୟ ବ୍ୟୟର ହିସାବ ପତ୍ର ମଧ୍ୟ ମିଳୁ ନାହିଁ। ବ୍ୟାଙ୍କ୍ ଆକାଉଣ୍ଟ କୁ ହାଇଜାକ୍ କରି ସଭାପତି ସମ୍ପାଦକ ନିଜ ନାମରେ ରଖିଛନ୍ତି। ଏମାନେ ଶିଶୁ ମନ୍ଦିରର କେତେକ ମୁଷ୍ଟିମେୟ ଗୁରୁଜୀ ଗୁରୁମା, କେତେକ ଛାତ୍ର ଅଭିଭାବକଙ୍କୁ ହାତ କରି ଏହି ସବୁ ଆର୍ଥିକ ଅନିୟମିତତା କରୁଥିଲେ। ଏହାର ବିଧିବଦ୍ଧ ତଦନ୍ତ ହେଉ ବୋଲି ଦାବି ହୋଇଛି। ପ୍ରଧାନ ଆଚାର୍ଯ୍ୟ ନାମ ପରିବର୍ତ୍ତନକୁ ବିରୋଧ କରିବାରୁ ସେ ମିଥ୍ୟା ମାମଲାର ଶିକାର ହୋଇଛନ୍ତି। ତେବେ ଘଟଣା ସମ୍ପର୍କରେ ଜାଣିବା ପରେ ଓଡ଼ିଶା ଶିକ୍ଷା ବିକାଶ ସମିତି ଗତ ୨୪ ତାରିଖ ଦିନ ପରିଚାଳନା ସମିତିକୁ ଭଙ୍ଗ କରି ପରିଚାଳନା ଦାୟିତ୍ୱ ନିଜ ହାତକୁ ନେବା ସହିତ ଛ' ଜଣିଆ ଅସ୍ଥାୟୀ କମିଟି ଗଠନ କରିଛନ୍ତି। ତେବେ ଏ ବାବଦରେ ସମ୍ପାଦକ ଡାକ୍ତର ଦେବବ୍ରତ ଦଣ୍ଡପାଟଙ୍କ ସହିତ ଫୋନ ରେ ଯୋଗେ ଯୋଗା ଯୋଗ କରିବାରୁ ସେ ଓଡ଼ିଶା ଶିକ୍ଷା ବିକାଶ ସମିତିକୁ ଦୋଷାରୋପ କରିବା ସହିତ ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ବାରିକଙ୍କ ବିଶୃଙ୍ଖଳା କଥା ଦର୍ଶାଇଛନ୍ତି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo